

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୦ ଜାନୁଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 20 JANUARY 2024

Vol.No. 35 ■ No.20 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଜନତାଙ୍କ ଆଶୀର୍ବାଦ ହିଁ ମୋର ସବୁଠୁ ବଡ ସମ୍ପତ୍ତି: ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୧୯/୧ : ଭାବ ବିହ୍ୱଳ ହୋଇ ଆଖି ଛଳଛଳ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଆବାସ ଯୋଜନାର ଏକ ସୋସାଇଟିକୁ ଉଦ୍ଘାଟନ କରିବା ବେଳେ ନିଜ ପିଲାଦିନର କଥା ମନେ ପକାଇ କାନ୍ଦ କାନ୍ଦ ହୋଇପଡିଛନ୍ତି ମୋଦୀ । ଅସହାୟ ବ୍ୟକ୍ତିଙ୍କୁ ପକ୍କା ଘର ଦେବା ବେଳେ ନିଜ ପିଲାଦିନେ ଭୋଗିଥିବା ସମସ୍ୟାକୁ ମନେ ପକାଇ କାନ୍ଦି ପକାଇଛନ୍ତି ପ୍ରଧାନମନ୍ତ୍ରୀ । ମହାରାଷ୍ଟ୍ରର ସୋଲାପୁରରେ ଏକ ସୋସାଇଟ୍ ପାଇଁ ପିଏମ୍ ଆବାସ ଯୋଜାନରେ ନିର୍ମିତ କୋଠାକୁ ଉଦ୍ଘାଟନ କରିଛନ୍ତି ମୋଦୀ । ଏତିକି ବେଳେ ଲୋକଙ୍କ ଉଦ୍ଦେଶ୍ୟରେ ଉଦବୋଧନ ଦେଇ କାନ୍ଦି ପକାଇଛନ୍ତି । କୋହ ଭରା କଣ୍ଠରେ ଏହି କୋଠାକୁ ଦେଖିଲେ ତାଙ୍କ ମନକୁ ଶାନ୍ତି ମିଳୁଛି । ହଜାରେ ଲୋକଙ୍କ ସ୍ୱପ୍ନ ସାକାର ହୋଇଛି । ଏହି ଘରେ ଆସନ୍ତା ୨୨ ତାରିଖ ସଂଧ୍ୟାରେ ରାମ ଜ୍ୟୋତି ଜାଳିବା ସହ ମୋବାଇଲ ଫୋନ ଫ୍ଲାସ ଲାଇଟ୍ ଅନ କରିବା ପାଇଁ ଆହ୍ୱାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ । ମହାରାଷ୍ଟ୍ରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା – ସହରି ଅନ୍ତର୍ଗତ ୯୦ ହଜାରରୁ ଅଧିକ ଘର ନିର୍ମାଣ ହୋଇଛି । କେବଳ ସୋଲାପୁର, ରାମାୟଣନଗର ସୋସାଇଟିରେ ୧୫ ହଜାର ଘର ଗରିବ ଲୋକଙ୍କ ଉଦ୍ଦେଶ୍ୟରେ ନିର୍ମାଣ ହୋଇଛି । ଏହାକୁ ହିତାଧିକାରୀଙ୍କୁ ବାଂଟିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ ।

## ଏଏସଓ ମାମଲାରେ ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନୋଟିସ



ଭୁବନେଶ୍ୱର, ୧୯/୧ (ନି.ପ୍ର): ଏଏସଓ ଚୟନରେ ଅନିୟମିତତା ମାମଲା । ରାଜ୍ୟ ସରକାରଙ୍କୁ ନୋଟିସ କରିଛନ୍ତି ସୁପ୍ରିମକୋର୍ଟ । ରାଜ୍ୟ ସରକାର, ଓପିଏସ୍‌ସି ସହ ଅନ୍ୟ ପ୍ରତିପକ୍ଷଙ୍କୁ ନୋଟିସ ହୋଇଛି । ଆବେଦନକାରୀ ରଜତ ମିଶ୍ରଙ୍କ ଏସ୍‌ଏଲ୍‌ପିକୁ ଗ୍ରହଣ କରି ନୋଟିସ କରାଯାଇଥିବା ସୂଚନା ମିଳିଛି । ଏବେ ସୁପ୍ରିମକୋର୍ଟଙ୍କ ରାୟ ଉପରେ ନିର୍ଭର କରିବ ଏଏସଓ ଚୟନ ଓ ନିଯୁକ୍ତି ପ୍ରକ୍ରିୟା ।

## ଆଜିଠାରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ସମ୍ବଲପୁର ଓ ଢେଙ୍କାନାଳ ଗସ୍ତ କାର୍ଯ୍ୟକ୍ରମ



ଭୁବନେଶ୍ୱର, ୧୯/୧ (ନି.ପ୍ର): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସନ୍ତାକାଲି ଠାରୁ ସମ୍ବଲପୁର ଓ ଢେଙ୍କାନାଳ ସମେତ ବିଭିନ୍ନ ସ୍ଥାନରେ ସରକାରୀ ଓ ସାମାଜିକ କାର୍ଯ୍ୟକ୍ରମ ଗୁଡିକରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଆସନ୍ତାକାଲି କେନ୍ଦ୍ରମନ୍ତ୍ରୀ ସମ୍ବଲପୁରର ରେମେଡ ଏବଂ ଢେଙ୍କାନାଳର ପଲ୍ଲିଶ୍ରୀ ମେଳା ପଡ଼ିଆ ଠାରେ ପୃଥକ ପୃଥକ କ୍ରେଡିଟ୍ ଆଉଟରିଚ୍ କାର୍ଯ୍ୟକ୍ରମରେ ଯୋଗଦେବେ । ଏଥିରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସହ ଅର୍ଥ ରାଷ୍ଟ୍ର ମନ୍ତ୍ରୀ ପଙ୍କଜ ଚୌଧୁରୀ ଯୋଗଦେବେ । ଏହାବ୍ୟତିତ ଜାନୁଆରୀ ୨୧ରେ ଶ୍ରୀ ପ୍ରଧାନ ସମ୍ବଲପୁରର ଧାନକଉଡା ଠାରେ ଏନଏସଡିସି ପକ୍ଷରୁ ଆୟୋଜିତ 'କୌଶଳ ମହୋତ୍ସବ'ର ଉଦଘାଟନ କରିବେ । ଯୁବକମାନଙ୍କୁ ରୋଜଗାର ଓ ପ୍ରଶିକ୍ଷଣର ସୁଯୋଗ ଦେବା ପାଇଁ ଏହି କୌଶଳ ମହୋତ୍ସବ' ଉଦଘାଟନ ହୋଇଯାଇଛି । ପରେ କେନ୍ଦ୍ରମନ୍ତ୍ରୀ ଅଇଁଠାପାଲି ସ୍ଥିତ ପିଏଚଡି ଗ୍ରାଉଣ୍ଡରେ 'ପୁସ୍ତକ ମେଳା'ର ଲୋକାର୍ପଣ କରିବେ । ସେହିପରି ଜାନୁଆରୀ ୨୨ ତାରିଖରେ ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଅବସରରେ କେନ୍ଦ୍ରମନ୍ତ୍ରୀ କଟକ ଜିଲ୍ଲା ସାଲେପୁରର ଗୋପୀନାଥପୁର ମଳିହତା ସ୍ଥିତ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ଦେଖାଦେଲେ ମର୍ଯ୍ୟାଦା ପୁରୁଷ ଶ୍ରୀରାମ: ସାମ୍ନାକୁ ଆସିଲା ରାମଲାଲାଙ୍କ ଭବ୍ୟମୂର୍ତ୍ତିର ନୂଆ ଫଟୋ



ଅଯୋଧ୍ୟା, ୧୯/୧ : ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ନେଇ ଭକ୍ତଙ୍କ ଭିତରେ ବଢୁଛି ଉତ୍କଣ୍ଠା । କିନ୍ତୁ ଉତ୍କଣ୍ଠା ଭିତରେ ମର୍ଯ୍ୟାଦା ପୁରୁଷ ଶ୍ରୀରାମ ଚନ୍ଦ୍ରଙ୍କର ପ୍ରଥମ ଓ ଭବ୍ୟ ପ୍ରତିମୂର୍ତି ଫଟୋ ସାମ୍ନାକୁ ଆସିଛି । ରାମମନ୍ଦିରରେ ବିରାଜମାନ ରାମଲାଲାଙ୍କ ସ୍ୱଷ୍ଟ ଫଟୋ ଗଣମାଧ୍ୟମକୁ ଦିଆଯାଇଛି । ଶ୍ୟାମଳ ରଙ୍ଗର ପ୍ରସ୍ତରରେ ନିର୍ମିତ ହୋଇଛି ରାମଲାଲାଙ୍କ ଏହି ଅଦ୍ଭୁତ ପ୍ରତିମୂର୍ତି । ପୂର୍ବରୁ ରାମଲାଲାଙ୍କ ଏକ ଚିତ୍ର ସାମ୍ନାକୁ ଆସିଥିଲା । କିନ୍ତୁ ଏବେ ପୂରା ଫଟୋଚିତ୍ର ସାମ୍ନାକୁ ଆସିବା ପରେ ୧୪୦ କୋଟି ଭାରତୀୟଙ୍କ ଭିତରେ ଏକ ଅଭୁଦପୂର୍ବ ଭକ୍ତି ଜାଗରଣ ହୋଇଛି । ଆସନ୍ତା ୨୨ ତାରିଖରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହେବ । ଗତକାଲି ରାମ ମନ୍ଦିର ଗର୍ଭଗୃହରେ ବିରାଜମାନ ହୋଇଛନ୍ତି ରାମଲଲା । ଗର୍ଭଗୃହରୁ ୫୧ ଇଂଚର ଶ୍ୟାମଳ ମୂର୍ତିର ପ୍ରଥମ ଫଟୋ ସାମ୍ନାକୁ ଆସିଥିଲା । ୪ ଘଂଟା କାଳ ପୂଜାପାଠ ପରେ ବିଗ୍ରହଙ୍କୁ ସ୍ଥାପନା କରାଯାଇଛି । ଆସନ୍ତାକାଲି ୮୧ କଳସ ଜଳଦ୍ୱାରା ଗର୍ଭଗୃହକୁ ଶୁଦ୍ଧିକରଣ କରାଯିବ । ୨୧ ତାରିଖରେ ୧୨୫ କଳସ ଜଳରେ ରାମଲଲାଙ୍କୁ ସ୍ନାନ କରାଯିବା ସହ ସ୍ୱତନ୍ତ୍ର ପୂଜା କରାଯିବ । ରାମଲଲାଙ୍କ ମୂର୍ତି ପ୍ରାଣପ୍ରତିଷ୍ଠାର ବିଧିବଦ୍ଧ କର୍ମକାଣ୍ଡ ଗୁରୁବାର ଗଣେଶ ପୂଜନରୁ ଆରମ୍ଭ ହୋଇଛି । ସେପଟେ ଅଯୋଧ୍ୟାରେ ଶ୍ରୀ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠାକୁ ଭବ୍ୟ ଓ ସ୍ମରଣୀୟ କରିବା ପାଇଁ ସବୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ । ୨୨ ତାରିଖରେ ହେବାକୁଥିବା ଭବ୍ୟ ସମାରୋହ ପାଇଁ କେମିତି ରହିଛି ପ୍ରସ୍ତୁତି,

▶▶ପୃଷ୍ଠା ୭

## ୫୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଧରାପଡ଼ିଲେ ସ୍କୁଲ ପ୍ରଧାନଶିକ୍ଷକ ଓ କଲେଜ ଅଧ୍ୟକ୍ଷ

କଳାହାଣ୍ଡି/ଖୋର୍ଦ୍ଧା , ୧୯/୧ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଅଧମୁଣ୍ଡା ସରକାରୀ ହାଇସ୍କୁଲର ପ୍ରଧାନଶିକ୍ଷକ ଅଗସ୍ତି ସାହୁ ଜଣେ ଠିକାଦାରଙ୍କ ଠାରୁ ୫୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି । ଆଜି ଅପରାହ୍ନରେ ପ୍ରଧାନଶିକ୍ଷକ ଅଗସ୍ତି ସାହୁ ସ୍କୁଲ ଅଫିସରେ ଠିକାଦାର ଯୁଧିଷ୍ଠିର ଭଗତଙ୍କ ଠାରୁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ । ପ୍ରଧାନ ଶିକ୍ଷକଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଥିଲା । ୫ଟି ସ୍କୁଲ ରୂପାନ୍ତରୀକରଣ ବାବଦରେ ଚୂଡ଼ାନ୍ତ ବିଲ୍ କରିଦେବାକୁ ଠିକାଦାର ଯୁଧିଷ୍ଠିର ଭଗତ ବାରମ୍ବାର ପ୍ରଧାନଶିକ୍ଷକଙ୍କୁ କହିଥିଲେ ହେଁ ସେ ବିଳମ୍ବ କରୁଥିଲେ । ସେ ଲାଞ୍ଚ ମାଗୁଥିଲେ । ଅତିଷ୍ଠ ହୋଇ ଯୁଧିଷ୍ଠିର ଭବାନୀପାଟଣା ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ ।

## ଫେବୃଆରୀ ୫ରୁ ବିଧାନସଭା ଆରମ୍ଭ: ଆଗତ ହେବ କାମଚଳା ବଜେଟ



ଭୁବନେଶ୍ୱର, ୧୮/୧ (ନି.ପ୍ର): ଫେବ୍ରୁଆରୀ ୫ରୁ ବିଧାନସଭା ଅଧିବେଶନ ଆରମ୍ଭ ହେବ । ଏହା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ । ଆସନ୍ତା ୮ ତାରିଖରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଲେଖାନୁଦାନ( କାମଚଳା ବଜେଟ) ଉପସ୍ଥାପନ ହେବାର କାର୍ଯ୍ୟକ୍ରମ ରହିଛି । ଆଜି ବିଧାନସଭା ସଚିବାଳୟ ପକ୍ଷରୁ ଜାରି ବିଧିବଦ୍ଧ ବିଜ୍ଞପ୍ତି ଅନୁସାରେ ଷୋଡଶ ବିଧାନସଭାର ପଞ୍ଚଦଶ ଅଧିବେଶନ ଫେବ୍ରୁୟାରୀ ୫ ତାରିଖରୁ ବସିବ । ପ୍ରଥମ ଦିନ ରାଜ୍ୟପାଳଙ୍କ ଅଭିଭାଷଣର କାର୍ଯ୍ୟକ୍ରମ ରହିଛି । ୬ ଓ ୭ ତାରିଖରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ହେବ । ଆସନ୍ତା ୮ ତାରିଖରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ କାମଚଳା ବଜେଟକୁ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଗୃହରେ ଉପସ୍ଥାପନ କରିବେ । ଏହା ମୋସନ ଆକାରରେ ଗୃହରେ ଆଗତ ହୋଇ ଆଲୋଚନା ହେବ । ତା' ପର ଦିନ ଏହି ବ୍ୟୟ ମଞ୍ଜୁରୀ ବିଲ୍ ( କାମଚଳା ବଜେଟ) ପାରିତ ହେବ । ୧୦ ଓ ୧୧ ତାରିଖ ଶନିବାର ଓ ରବିବାର ପାଇଁ ଛୁଟି ରହିବ । ୧୨ ତାରିଖରେ ଗୃହରେ ସରକାରୀ କାର୍ଯ୍ୟ ଦିବସ ଓ ୧୩ ତାରିଖରେ ଘରୋଇ ସଦସ୍ୟଙ୍କ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟ ଦିବସ ରହିଛି । ସାଧାରଣ ନିର୍ବାଚନ ପୂର୍ବରୁ ଏହା ବିଧାନସଭାର ଶେଷ ଅଧିବେଶନ ଓ ଶେଷ ବଜେଟ ।

## ବିଜେପି ରାଜ୍ୟ ସମ୍ପାଦକଙ୍କ ଗାଡ଼ି ଉପରକୁ ପଥର ମାଡ଼

ଝାରସୁଗୁଡା, ୧୯/୧ (ନି.ପ୍ର): ବିଜେପି ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀଙ୍କ ଗାଡ଼ି ଉପରକୁ ହୋଇଛି ପଥର ମାଡ଼ । ଗୁରୁବାର ବିଳମ୍ବିତ ରାତିରେ ଝାରସୁଗୁଡାସ୍ଥିତ ବାସଭବନରେ ରଖାଯାଇଥିବା ଗାଡିକୁ ପଥର ଫିଙ୍ଗି ଫେରାର ହୋଇଛନ୍ତି ଦୁର୍ବୃତ୍ତ । ଗାଡିର ଆଗ କାଚ ଭାଙ୍ଗିଥିବାବେଳେ ଏନେଇ ଥାନାରେ ଅଭିଯୋଗ କରିଥିବା ସୂଚନା ଦେଇଛନ୍ତି ଟଙ୍କଧର ତ୍ରିପାଠୀ । ଏହି ଘଟଣାର ଦୃଶ୍ୟ ସିସିଟିଭିରେ କଏଦ ହୋଇଥିବା ବେଳେ ଏହାକୁ ଆଧାର କରି ପୁଲିସ ତଦନ୍ତ ଆରମ୍ଭ କରିଛି ।

▶▶ପୃଷ୍ଠା ୭

## କରଜ ସୁଝି ନ ପାରିବାରୁ ଜୀବନ ହାରିଲେ ଚାଷୀ

ଢେଙ୍କାନାଳ, ୧୯/୧ (ନି.ପ୍ର): ଋଣ ସୁଝି ନପାରିବାରୁ ଜଣେ ଚାଷୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ମୃତ ଚାଷୀଙ୍କ ନାଁ କେଶବ ମଳିକ । ତାଙ୍କ ଘର ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଖୁରୁସିଆ ଗାଁରେ । ଘରେ କେହି ନଥିବା ସମୟରେ ଆଜି ପାଇଖାନା ଭିତରେ ବେକରେ ରଶି ଲଗାଇ କେଶବ ମଳିକ ଝୁଲିପଡ଼ିଥିଲେ ବୋଲି ଅଭିଯୋଗ ହୋଇଛି । ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ଡାକ୍ତରଖାନା ଆଣିଥିଲେ । ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । କେଶବ ନିଜ ଜମି ସହିତ କିଛି ଭାଗଚାଷ ମଧ୍ୟ କରୁଥିଲେ । କେଶବଙ୍କ ପୁଅ କହିଛନ୍ତି, ବାପା ଧାନ ଚାଷ କରିଥିଲେ । ସେଥିପାଇଁ ବିଭିନ୍ନ ସୂତ୍ରରୁ ଲକ୍ଷାଧିକ ଟଙ୍କା ଋଣ କରିଥିଲେ । କିଛି ଘରୋଇ ସଂସ୍ଥାରୁ ସେ ଋଣ କରିବା ସହିତ କିଛି ଲୋକଙ୍କ ଠାରୁ ପାରିଲେନି ।

▶▶ପୃଷ୍ଠା ୭

## ମିଳିଲାନି ମହଲତ: ୨୧ରେ ହିଁ ଆତ୍ମସମର୍ପଣ କରିବେ ବିଲକିସ ବାନୋ ଗଣଦୁଷ୍କର୍ମ ଦୋଷୀ



ନୂଆଦିଲ୍ଲୀ, ୧୯/୧ : ବିଲକିସ ବାନୋ ଗଣଦୁଷ୍କର୍ମ ମାମଲାର ସମସ୍ତ ୧୧ ଦୋଷୀଙ୍କ ଆବେଦନ ଖାରଜ କଲେ ସୁପ୍ରିମକୋର୍ଟ । ଜେଲ କର୍ତ୍ତୃପକ୍ଷଙ୍କ ନିକଟରେ ଆତ୍ମସମର୍ପଣ କରିବାକୁ ସମୟ ମାଗି ସୁପ୍ରିମକୋର୍ଟରେ ଦ୍ୱାରସ୍ଥ ହୋଇଥିଲେ ଦୋଷୀ । ଆଜି ଏ ଉପରେ ଶୁଣାଣି କରି ଆବେଦନ ଖାରଜ କରିଦେଇଛନ୍ତି ସୁପ୍ରିମକୋର୍ଟ । ଏଥିସହ ପୂର୍ବ ରାୟ ଅନୁସାରେ, ଜାନୁଆରୀ ୨୧ ସୁଦ୍ଧା ସମସ୍ତ ୧୧ ଦୋଷୀ ପୁଲିସ ନିକଟରେ ଆତ୍ମସମର୍ପଣ କରିବେ ବୋଲି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଶୁଣାଣି ସମୟରେ ସର୍ବୋଚ୍ଚ ଅଦାଲତ କହିଛନ୍ତି, ଆତ୍ମସମର୍ପଣ ପାଇଁ ଅଭିଯୁକ୍ତମାନେ ଦର୍ଶାଇଥିବା କାରଣ ପ୍ରଯୁଜ୍ୟ ନୁହେଁ । ଏଥିପାଇଁ କୌଣସି ପ୍ରକାରେ ସମୟ ବୃଦ୍ଧି କରାଯିବ ନାହିଁ । ୨୦୦୨ ଗୁଜରାଟ ଦଙ୍ଗା ପୀଡ଼ିତା ବିଲକିସ ବାନୋଙ୍କୁ ଗଣଦୁଷ୍କର୍ମ ସହ ତାଙ୍କ ପରିବାରର ସାତ ଜଣ ସଦସ୍ୟଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା । ଏହି ସମୟରେ ଦୁଷ୍କର୍ମ ପୀଡିତା ବିଲକିସ ବାନୋ ୫ ମାସର ଗର୍ଭବତୀ ଥିଲେ ଏବଂ ତାଙ୍କୁ ସେତେବେଳେ ୨୧ ବର୍ଷ ହୋଇଥିଲା । ଏହି ମାମଲାରେ ଗୁଜରାଟ ଓ ମହାରାଷ୍ଟ୍ରର ତଳ କୋର୍ଟ ଏବଂ ହାଇକୋର୍ଟ ୧୧ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଗୁଜରାଟ ସରକାର ସ୍ୱତନ୍ତ୍ର କ୍ଷମା ନୀତି ବଳରେ ପ୍ରାୟ ଦେଢ଼ ବର୍ଷ ତଳେ ସମସ୍ତ ଦୋଷୀଙ୍କୁ ଜେଲରୁ ମୁକୁଳାଇ ଦେଇଥିଲେ ।

▶▶ପୃଷ୍ଠା ୭

## ଇଡିରେ ହାଜର ହେବାକୁ ଲାଲୁ ଓ ତେଜସ୍ୱୀଙ୍କୁ ସମନ



ନୂଆଦିଲ୍ଲୀ, ୧୯/୧ : ଜମି ବଦଳରେ ରେଳବାଇରେ ଚାକିରି ଦୁର୍ନୀତି ସହିତ ଜଡ଼ିତ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରାଷ୍ଟ୍ରୀୟ ଜନତା ଦଳ (ଜଔଉ) ନେତା ଲାଲୁ ପ୍ରସାଦ ଯାଦବ ଓ ତାଙ୍କ ପୁଅ ତଥା ବିହାରର ଉପ-ମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କୁ ପୁଣି ଥରେ ନୋଟିସ୍ ପଠାଇଛନ୍ତି । ଇଡିର ପାଟନା ସ୍ଥିତ ଅଫିସ୍ ?ରେ ହାଜର ହେବା ପାଇଁ ଲାଲୁ ଓ ତେଜସ୍ୱୀଙ୍କୁ କୁହାଯାଇଛି । ଲାଲୁଙ୍କୁ ଜାନୁଆରୀ ୨୯ ତାରିଖରେ ହାଜର ହେବାକୁ କୁହାଯାଇଥିବା ବେଳେ ତେଜସ୍ୱୀଙ୍କୁ ଜାନୁଆରୀ ୩୦ ତାରିଖରେ ହାଜର ହେବା ପାଇଁ କୁହାଯାଇଛି । ଇଡିର ଏକ ଟିମ୍ ଲାଲୁ ପ୍ରସାଦ ଯାଦବଙ୍କ ପତ୍ନୀ ତଥା ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ରାବ୍ରୀ ଦେବୀଙ୍କ ପାଟନା ସ୍ଥିତ ଘରେ ପହଞ୍ଚି ସମନଗୁଡ଼ିକୁ ଦେଇଥିଲେ । ଏହି ମାମଲାରେ ପୂର୍ବରୁ ମଧ୍ୟ ଇଡି ଉଭୟ ଲାଲୁ ଓ ତେଜସ୍ୱୀଙ୍କୁ ସମନ ଜାରି କରିଥିଲେ । କିନ୍ତୁ ସେମାନେ ହାଜର ହୋଇ ନଥିଲେ । ଏହି ଦୁର୍ନୀତି କଂଗ୍ରେସ ନେତୃତ୍ୱାଧୀନ ଉପା-୧ ସରକାର ଅମଳରେ ହୋଇଥିଲା । ସେତେବେଳେ ଲାଲୁ ଯାଦବ ରେଳମନ୍ତ୍ରୀ ଥିଲେ । ସେହି ସମୟରେ ରେଳବାଇର ବିଭିନ୍ନ ଜୋନ୍ ?ରେ ଅନେକ ଲୋକଙ୍କୁ ଗ୍ରୁପ୍ ଡି'ରେ ନିଯୁକ୍ତି ଦିଆଯାଇଥିଲା । ଏହି ନିଯୁକ୍ତି ପାଇଁ କୌଣସି ବିଜ୍ଞପ୍ତି ପ୍ରକାଶ କରାଯାଇ ନଥିଲା । ସମସ୍ତ ନୀତିନିୟମକୁ ଉଲ୍ଲଂଘନ କରି ଏହି ନିଯୁକ୍ତି ଦିଆଯାଇଥିଲା । ଜମି ବଦଳରେ ସେମାନଙ୍କୁ ଚାକିରି ଦିଆଯାଇଥିଲା ।

▶▶ପୃଷ୍ଠା ୭

# ମୀରାବାଈ କଳା ବିକାଶ କେନ୍ଦ୍ରର ଦଶମ ବାର୍ଷିକୋତ୍ସବ ପାଳିତ

ଭୁବନ, ୧୯/୧ (ନି.ପ୍ର): ଭୁବନର ପୁରାତନ କଳା ସଂସ୍କୃତି ଅନୁଷ୍ଠାନ ମୀରାବାଈ କଳା ବିକାଶ କେନ୍ଦ୍ର ର ଦଶମ ବାର୍ଷିକୋତ୍ସବ ତିନିଦିନ ଧରି ମହାସମାରୋହରେ ପାଳିତ ହୋଇଯାଇଛି। ଆଜି ଉଦଯାପନୀ ଉତ୍ସବରେ ଭୁବନ ବିଡ଼ିଓ କଲ୍ୟାଣ ସୌରଭ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୀରାବାଈ କଳା ବିକାଶ କେନ୍ଦ୍ରକୁ ଭୂୟସୀ ପ୍ରଶଂସା କରିବା ସହ ଏ ଅନୁଷ୍ଠାନ ଭୁବନ ଅଂଚଳରେ ବହୁ କଳାକାର ତିଆରି କରିଛି । କଳା ସଂସ୍କୃତିକୁ ବଂଚାଇ ରଖିବାକୁ ଅନୁଷ୍ଠାନର ସମ୍ପାଦକ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ସଦସ୍ୟ ଭଗବାନ ଗୁରୁ ନିଶ୍ଚିତ ଭାବେ ଧନ୍ୟବାଦ୍ ର ପାତ୍ର ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଭାବେ ଏନ୍ ଏ ସି ନିର୍ବାହୀ ଅଧିକାରୀ ଅପୂର୍ବ ରଞ୍ଜନ ଆଇଚ ଯୋଗଦେଇଥିଲେ । ଓ ଏନ୍ ଏସ ଇଭେଂଟ, ପୁରୀ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ଗିତାଭିନୟ ପରିବେଷଣ କରାଯାଇଥିଲା ଏବଂ ହାଲୋ ହାୟ ଛାଡ଼ନ୍ତୁ, ଜୟ ଜଗନ୍ନାଥ କୁହନ୍ତୁ ଗୀତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଅନୁଷ୍ଠାନର ଛାତ୍ରୀ ମାନଙ୍କ ଦ୍ୱାରା ଛୋଟ ମୋର ଗାଁ ଟି ଗିତାଭିନୟ ପରିବେଷଣ ସହିତ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ । ନାଟ୍ୟକାର ଶାନ୍ତନୁ ଦାଶ ତୁଷାରକାନ୍ତି ମିଶ୍ରଙ୍କ ସମେତ ଅନ୍ୟ କଳାକାର ମାନଙ୍କୁ ପ୍ରଶଂସା ପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ମଙ୍ଗଳବାର ଏହି କାର୍ଯ୍ୟକ୍ରମକୁ ସହକାରୀ ଯନ୍ତ୍ରୀ ସୁରେଶ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଦ୍ୱିତୀୟ ଦିବସ ରେ ବ୍ଲକ କଳା ସଂଘ ର ସଭାପତି ଅଶୋକ କୁମାର ସାମଲଙ୍କ ତତ୍ୱାବଧାନରେ କଳାକାର ମାନେ ପାଲା, ଦାସ କାଠିଆ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି ବାର୍ଷିକୋତ୍ସବ କାର୍ଯ୍ୟକ୍ରମରେ ଶାନ୍ତନୁ ଦାଶ, ନାରାୟଣ ସାହୁ, କୈଳାସ ଚନ୍ଦ୍ର ପୃଷ୍ଟି, ବୁଲା ସାହୁ, ଦୁଃଶାସନ ପୋଥାଳ, କୃଷ୍ଣ ଚନ୍ଦ୍ର ସାହୁ, ପ୍ରମୋଦ ଗୁରୁ, ହୃଷୀକେଶ ନାୟକ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ ଓ ସହଯୋଗ କରିଥିଲେ ।

# ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଭିଡିଓ ବାର୍ତ୍ତା

ଭୁବନେଶ୍ୱର, ୧୯/୧ (ନି.ପ୍ର): ଯେତେବେଳେ ପ୍ରଭୁ ଶ୍ରୀରାମ ୧୪ ବର୍ଷ ବନବାସ ପରେ ଅଯୋଧ୍ୟାକୁ ଫେରିଥିଲେ, ସେତେବେଳେ ଅଯୋଧ୍ୟାବାସୀ ଆନନ୍ଦରେ ସମଗ୍ର ନଗରୀକୁ ଦୀପ ଦ୍ୱାରା ସଜାଇ ଥିଲେ । ଆମେମାନେ ମଧ ଜାନୁଆରୀ ୨୨ ତାରିଖରେ ଭବ୍ୟ ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଦିନ ସବୁଠି ଦୀପ ଜାଳି ଦିନଟିକୁ 'ଦୀପାବଳି ଉତ୍ସବ' ଭାବରେ ପାଳନ କରିବା । ଶ୍ରୀରାମଙ୍କ ପାଇଁ ଦିନଟିକୁ ସ୍ମରଣୀୟ ଓ ଐତିହାସିକ କରିବା ପାଇଁ ଓଡ଼ିଶାବାସୀଙ୍କୁ ଭିଡ଼ିଓ ବାର୍ତ୍ତା ଜରିଆରେ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଆଉ ମାତ୍ର ୩ ଦିନ ପରେ ଦୀର୍ଘ ୫୦୦ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟିବ । ଜାନୁଆରୀ ୨୨ ତାରିଖରେ ରାମ ନଗରୀ ଅଯୋଧ୍ୟାରେ ଭଗବାନ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହେବ । ଏହି ଦିନ ସମଗ୍ର ଭାରତବର୍ଷ, କୋଟି କୋଟି ହିନ୍ଦୁ, ସନାତନୀ ଓ ରାମଭକ୍ତଙ୍କ ପାଇଁ ଏକ ମହାନ ଓ ପବିତ୍ର ଅବସର ଆଣିଦେବ । ଆଜିର ଦିନରେ ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ପାଇଁ ଉଦ୍ୟମ କରିଥିବା ସମସ୍ତ ମହାପୁରୁଷ ଓ ବ୍ୟକ୍ତିବିଶେଷ ମାନଙ୍କୁ ମୋର ପ୍ରଣାମ ଜଣାଉଛି ।



ପ୍ରଭୁ ଶ୍ରୀରାମ ହେଉଛନ୍ତି ସୁଶାସନର ପ୍ରତୀକ । ପ୍ରଭୁ ଶୀରାମଙ୍କ ଜୀବନ ଆମ ପାଇଁ ପ୍ରେରଣାର ଅନନ୍ତ ଉତ୍ସ । ତାଙ୍କ ଜୀବନ କାହାଣୀ ଆମକୁ ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠାର ଶିକ୍ଷା ଦେଇଥାଏ । ମହାପ୍ରଭୁ ଶ୍ରୀ ଜଗନ୍ନାଥ ହୁଅନ୍ତି ଦୁର୍ଲ୍ଲଭ ରଘୁନାଥ ବେଶ । ଯେ ମହାପ୍ରଭୁ ଶ୍ରୀ ରାମ, ସେ ମହାପ୍ରଭୁ ଶ୍ରୀଜଗନ୍ନାଥ । ତ୍ରେତୟା ଯୁଗରେ ମହାପ୍ରଭୁ ଶ୍ରୀରାମଚନ୍ଦ୍ର ୧୪ ବର୍ଷର ବନବାସରୁ ଅଯୋଧ୍ୟାକୁ ଫେରିଥିଲେ । ଆଉ ଏ ଯୁଗରେ, ଶତାବ୍ଦୀ ଶତାବ୍ଦୀ ପରେ ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହେଉଛି । ରାମନଗରୀରେ ପ୍ରଭୁ ଶ୍ରୀରାମଙ୍କ ସ୍ୱାଗତ ପାଇଁ ଦେଶ ରାମମୟ ହୋଇଛି । ଅଯୋଧ୍ୟାରେ ନୂଆ ଇତିହାସର ରଚନା ହେବା ପାଇଁ ଯାଉଛି । ଓଡ଼ିଶା ସମେତ ସମଗ୍ର ଭାରତ ବର୍ଷର ନାଗରିକ ଓ ରାମଭକ୍ତମାନେ 'ଅଯୋଧ୍ୟା 'ଅକ୍ଷତ ବଣ୍ଟନ ଯାତ୍ରା'ରେ ସାମିଲ ହେଉଛନ୍ତି । ଦେଶ ବିଦେଶରେ ନାହିଁ ନଥିବା ଉତ୍ସାହ ଦେଖାଯାଇଛି । 'ରାମନାମ'ର ଉଚ୍ଚାରଣ ଓ ହନୁମାନ ଚାଳିଶା ପାଠରେ ସବୁଠି ଭକ୍ତିମୟ ଓ ଆଧାତ୍ମିକ ପରିବେଶ ତିଆରି କରିଛି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଆମେ ଯେତେବେଳେ ପ୍ରଭୁ ଶ୍ରୀରାମଙ୍କ ଆଗମନକୁ ଭବ୍ୟ କରିବା ପାଇଁ ଏକାଠି ହୋଇଛେ, ସେହି ସମୟରେ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ସବୁ ମନ୍ଦିର ଓ ତୀର୍ଥକ୍ଷେତ୍ରକୁ ସ୍ୱଚ୍ଛ ରଖିବା ପାଇଁ ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି । ତାଙ୍କ ଆହ୍ୱାନ କ୍ରମେ ଆମେ ଆମର ଆଖପାଖ ଦେବାଳୟ ଓ ତୀର୍ଥସ୍ଥାନକୁ ସ୍ୱଚ୍ଛ ଓ ପବିତ୍ର ରଖିବା । ସେ ସବୁର ଫଟୋ ଓ ଭିଡ଼ିଓକୁ ନିଜ ସାମାଜିକ ଗଣମାଧ୍ୟମରେ ହ୍ୟାସ ଟ୍ୟାଗ ବ୍ୟବହାର କରି ଅପଲୋଡ୍ କରିବା । ଅନ୍ୟମାନଙ୍କୁ ଏହି ସେବାକାର୍ଯ୍ୟ କରିବା ପାଇଁ ପ୍ରେରିତ କରିବା । ସ୍ୱଚ୍ଛତା ଶ୍ରମଦାନ ଜରିଆରେ ପ୍ରଭୁ ଶ୍ରୀରାମଙ୍କ ପ୍ରତି ସମର୍ପଣ ହେବା ।

## ବାଦପୁର ଗ୍ରାମର ବନକବିହାରୀ ପଟ୍ଟନାୟକଙ୍କୁ ପଳାତକ ଘୋଷଣା

ଗଞ୍ଜାମ, ୧୯/୧ (ନି.ପ୍ର): ଗଞ୍ଜାମ ଜିଲ୍ଲା ଗୋପାଳପୁର ଥାନା ଅନ୍ତର୍ଗତ ଟାଟା କଲୋନୀର ବାଦପୁର ଗ୍ରାମର ବନକବିହାରୀ ପଟ୍ଟନାୟକଙ୍କୁ ପଳାତକ ଘୋଷଣା କରାଯାଇଛି । ସେ ଏକ ଡ଼କାୟତି ମାମଲାରେ ଅଭିଯୁକ୍ତ ଥିବାବେଳେ କୋର୍ଟ ଆଦେଶକୁ ଅବମାନନା କରି ହାଜର ହେଉନଥିବାରୁ କୋର୍ଟ ତାଙ୍କୁ ପଳାତକ ଘୋଷଣା କରିଛନ୍ତି । କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଗୋପାଳପୁର ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ବାଦପୁର ଗ୍ରାମରେ ପହଂଚିଥିଲେ । ଗ୍ରାମବାସୀଙ୍କ ଉପସ୍ଥିତିରେ ଡାକବାଜି ଯନ୍ତ୍ରରେ ଆସନ୍ତା ୩୦ ଦିନ ମଧ୍ୟରେ ଅଭିଯୁକ୍ତ କୋର୍ଟରେ ହାଜର ନହେଲେ ତାଙ୍କର ସମସ୍ତ ସ୍ଥାବର, ଅସ୍ଥାବର ସମ୍ପତି ବାଜ୍ୟାପ୍ତି କରାଯିବ ବୋଲି ଘୋଷଣା କରାଯାଇଛି । କୋଦଳା ଜେଏମଏଫସି କୋର୍ଟ ଜି.ଆର. କେସ୍ ନଂ ୧୬୮ (ବି)/୨୦୧୨ ଧାରା ୮୨ ଅନୁସାରେ ଆର୍ମସ ଆକ୍ଟରେ ନୋଟିସ୍ ହୋଇଥିବା ଥାନା ଅଧିକାରୀ ଶ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି ।

# ୧୨ ଜିଲ୍ଲାରୁ ଆରମ୍ଭ ହେଲା ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ୍ ସେବା

ସମ୍ବଲପୁର, ୧୯/୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ସମ୍ବଲପୁର ସମେତ ଆଜି ପ୍ରଥମ ପର୍ଯ୍ୟାୟରେ ୧୨ ଜିଲ୍ଲାରୁ ଏହି ସେବା ଆରମ୍ଭ କରିଛନ୍ତି। ଏହି ଜିଲ୍ଲା ଗୁଡିକ ମଧ୍ୟରେ ସମ୍ବଲପୁର ସମେତ ବଲାଙ୍ଗିର, ବରଗଡ, ଗଞ୍ଜାମ, ଝାରସୁଗୁଡା, କୋରାପୁଟ, କଳାହାଣ୍ଡି, ମାଲକାନଗିରି, ନବରଙ୍ଗପୁର, ନୂଆପଡା, ରାୟଗଡା ଓ ସୁନ୍ଦରଗଡ ଅନ୍ତର୍ଭୁକ୍ତ। ରାଜ୍ୟରେ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ ସେବାର ଶୁଭାରମ୍ଭ କରିଛନ୍ତି। ଏହି ବସ ଗୁଡିକ ଜିଲ୍ଲା ସଦର ମହକୁମାରୁ ଭୁବନେଶ୍ୱର ଦେଇ ଶ୍ରୀକ୍ଷେତ୍ର ପୁରୀକୁ ଚାଲିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମା'ମାନଙ୍କ ପାଇଁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ୍‌ରେ ଟିକେଟର ମୂଲ୍ୟ ମାତ୍ର ୫୦ ପ୍ରତିଶତ ରହିବ। ସେ କହିଥିଲେ ଯେ ଲକ୍ଷ୍ମୀ ବସ୍ ଯୋଜନାରେ ମା'ମାନଙ୍କ ପାଇଁ ଟିକେଟ ଦାମ୍ ମାତ୍ର ୫ ଟଙ୍କା ରହିଛି। ଏହା ମା'ମାନଙ୍କ ପାଇଁ ବହୁ ସୁବିଧା ଆଣିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ୫ଟି ଉପକ୍ରମରେ ଆରମ୍ଭ ହୋଇଥିବା ଲକ୍ଷ୍ମୀ ବସ୍‌ସେବା ଯୋଜନା ଅଧିନରେ ଏହି ବସ୍ ସେବା ଆରମ୍ଭ ହୋଇଛି। ରାଜ୍ୟର ୩୦ଟି ଜିଲ୍ଲାରୁ ୮୦ଟି ସୁପର ପ୍ରିମିୟମ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍ ଏହି ଯୋଜନାରେ ଚଳାଚଳ କରିବ। ଏହି ଅବସରରେ ରାଜ୍ୟବାସୀ ପୁରୀଧାମ ଆସି ମହାପ୍ରଭୁଙ୍କ ଦିବ୍ୟ ଦର୍ଶନ ଲାଭ କରିବା ପାଇଁ ଆମର ଏହି ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ୍‌ସେବା ଆରମ୍ଭ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆପଣମାନେ ସମସ୍ତେ ଏହାର ସୁଯୋଗ ନିଅନ୍ତୁ ଓ ମହାପ୍ରଭୁଙ୍କ ଆଶୀର୍ବାଦ ଲାଭ କରନ୍ତୁ । ମହାପ୍ରଭୁଙ୍କ ଇଚ୍ଛାରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଗତକାଲି ଲୋକାର୍ପଣ ହୋଇଛି। ଏହି ପ୍ରକଳ୍ପ ଦ୍ୱାରା ମନ୍ଦିରର ଆହୁରି ଶୋଭା ବର୍ଦ୍ଧନ ହେବା ସହିତା ପରିବେଶକୁ ଆହୁରି ଭକ୍ତିମୟ କରିଛି। ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ପାଇଁ ସୁବିଧା ଦର୍ଶନର ବ୍ୟବସ୍ଥା କରାଯାଇଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆପଣମାନଙ୍କ ପାଇଁ ଆରାମ ଦାୟକ ବସ୍ ସେବା ଆରମ୍ଭ ହେଲା। ଆପଣମାନେ ସୁବିଧାରେ ପୁରୀ ଆସି ମହାପ୍ରଭୁଙ୍କ କୃପା ଲାଭ କରିବେ ବୋଲି ମୋର ବିଶ୍ୱାସ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ''ଆମ ଓଡ଼ିଶା, ନବୀନ ଓଡ଼ିଶା'' କାର୍ଯ୍ୟକ୍ରମରେ ଏବେ ଗାଁ ଗାଁ ରେ ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଓ ପ୍ରସାର ପାଇଁ ପଦକ୍ଷେପ ନିଆଯାଉଛି। ଆମର ଲୋକପ୍ରିୟ ଲକ୍ଷ୍ମୀ ବସ ଯୋଜନାରେ ଆମେ ପ୍ରତି ପଂଚାୟତକୁ ବ୍ଲକ ସଦର ମହକୁମା ସହିତ ଯୋଡ଼ିଛୁ। ଯୋଗାଯୋଗ କ୍ଷେତ୍ରରେ ଲକ୍ଷ୍ମୀ ବସ ଏବେ ରୂପାନ୍ତର ଆଣିଛି। ଜିଲ୍ଲା ସଦର ମହକୁମାରୁ ଶ୍ରୀକ୍ଷେତ୍ରକୁ ସିଧା ସଳଖ ବସ୍ ବ୍ୟବସ୍ଥା ଦ୍ୱାରା ରାଜ୍ୟର ଗମନାଗମନ ଓ ଯୋଗାଯୋଗ ବ୍ୟବସ୍ଥା ସୁଦୃଢ ହେବ। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ, ଭକ୍ତ ଓ ଜଗନ୍ନାଥପ୍ରେମୀଙ୍କୁ ମହାପ୍ରଭୁଙ୍କ ଦିବ୍ୟ ଦର୍ଶନ ଲାଭକରିବାର ସୌଭାଗ୍ୟ ଅର୍ଜନ କରିବାରେ ଏହି ବସ୍‌ସେବା ସହାୟତା ପ୍ରଦାନ କରିବ । ମହାପ୍ରଭୁଙ୍କ ଆଶୀର୍ବାଦ ଓ ଆପଣ ମାନଙ୍କ ସହଯୋଗରେ ଓଡିଶା ବିକାଶର ଶିଖରରେ ପହଂଚିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ବଲାଙ୍ଗିରରେ ଉପସ୍ଥିତ ଥିବା ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଲେ ଯେ ସାଧାରଣ ଲୋକଙ୍କ ପ୍ରତିଶୃତି ପୂରଣ କରିବାରେ ମୁଖ୍ୟମନ୍ତ୍ରୀଙ୍କର ତୁଳନା ନାହିଁ। ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ଏ କ୍ଷେତ୍ରରେ ଆଉ ଏକ ମାଇଲ ଷ୍ଟୋନ୍ ବୋଲି ସେ କହିଥିଲେ। ସେ କହିଥିଲେ ମୁଖ୍ୟମନ୍ତ୍ରୀଙ୍କ ସବୁ କାର୍ଯ୍ୟକ୍ରମ ମହିଳାମାନଙ୍କୁ ଅଧିକ ସଶକ୍ତ କରୁଛି। ମୁଖ୍ୟମନ୍ତ୍ରୀଙ୍କ ସମସ୍ତ କାର୍ଯ୍ୟକ୍ରମର ମଙ୍ଗ ଧରି ୫ଟି ଅଧକ୍ଷ ସବୁ ଯୋଜନା ସଫଳ କରୁଛନ୍ତି ବୋଲି ସେ କହିଥିଲେ । ୫ଟି ଅଧକ୍ଷ ଭିକେ ପାଣ୍ଡିଆନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ପ୍ରମୁଖ ସଚିବ ଉଷା ପାଢୀ ସ୍ୱାଗତ ଭାଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଭୂପିନ୍ଦର ସିଂହ, ଉନ୍ନୟନ କମିଶନର ଅନୁ ଗର୍ଗ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିକଶିତ ଭାରତ ସଂକଳ୍ପ ଯାତ୍ରା ଆରମ୍ଭ

ଖୋର୍ଦ୍ଧା, ୧୯/୧ (ନି.ପ୍ର): ଏକ ନୂତନ ଓ ବିକଶିତ ରାଷ୍ଟ୍ର ଗଠନ ଲକ୍ଷ୍ୟ ନେଇ ବିକଶିତ ଭାରତ ସଂକଳ୍ପ ଯାତ୍ରା ଆରମ୍ଭ କରାଯାଇଛି। ତେବେ ଏହି ସଂକଳ୍ପ ଯାତ୍ରା ରାଜ୍ୟର ବିଭିନ୍ନ ସ୍ଥାନରେ ଆୟୋଜିତ ହେଉଛି। ଗୁରୁବାର ମେଘାଳୟର ୧୦ ଜଣିଆ ଗଣମାଧ୍ୟମ ପ୍ରତିନିଧି ଦଳ ଖୋର୍ଦ୍ଧା ଜିଲ୍ଲା ବାଣପୁର ଗସ୍ତରେ ଯାଇ ସେଠାରେ ଆୟୋଜିତ ବିକଶିତ ଭାରତ ସଂକଳ୍ପ ଯାତ୍ରା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସାମ୍ବାଦିକମାନେ କେନ୍ଦ୍ରୀୟ କଲ୍ୟାଣକାରୀ ଯୋଜନାର ହିତାଧିକାରୀଙ୍କ ସହ ଆଲୋଚନା କରିବା ସହ ସଭାକୁ ସମ୍ବୋଧିତ କରିଥିଲେ। ସେମାନେ ଗ୍ରାମୀଣ ହିତାଧିକାରୀଙ୍କ ସହ ସେମାନଙ୍କର ଅଭିଜ୍ଞତା ବାଣ୍ଟିବା ସହିତ ସରକାରୀ ଯୋଜନା ଏବଂ କାର୍ଯ୍ୟକ୍ରମ ବିଷୟରେ ବାର୍ତ୍ତା ଅନ୍ୟମାନଙ୍କ ନିକଟରେ ପହଞ୍ଚାଇବାକୁ ଅନୁରୋଧ କରିଥିଲେ। ଏହାଦ୍ୱାରା ଅଧିକରୁ ଅଧିକ ଲୋକ ଏହାର ଲାଭ ପାଇପାରିବେ। ଏହି ଅବସରରେ ବିଭିନ୍ନ ଯୋଜନାର ହିତାଧିକାରୀମାନେ ସେମାନଙ୍କ ଜୀବନ ପରିବର୍ତ୍ତନକାରୀ ଅନୁଭୂତି ବଖାଣିଥିଲେ । ତେବେ ଖୋର୍ଦ୍ଧା ଗସ୍ତରେ ଆସିଥିବା ମେଘାଳୟର ଏହି ଗଣମାଧ୍ୟମ ପ୍ରତିନିଧିମାନେ ୪ ଦିନିଆ ଓଡ଼ିଶା ଗସ୍ତରେ ଅଛନ୍ତି। ଆଜି ସେମାନେ ଶତାଧିକ ଗ୍ରାମବାସୀଙ୍କ ସହ ମିଶି 'ବିକଶିତ ଭାରତ ସଂକଳ୍ପ' ଶପଥ ଗ୍ରହଣ କରିବା ସହିତ କେନ୍ଦ୍ର ସରକାରଙ୍କ ଯୋଜନା ଓ ଉପଲବ୍ଧି ସମ୍ପର୍କିତ ସୂଚନା, ଶିକ୍ଷା, ଯୋଗାଯୋଗ (ଆଇଇସି) ବିଷୟବସ୍ତୁ ଦେଖିଥିଲେ । ପରେ ପ୍ରତିନିଧିମାନେ ଏସିଆର ସର୍ବବୃହତ ଲୁଣା ହ୍ରଦ ଚିଲିକା ଭ୍ରମଣ କରିବା ସହିତ ଏହାର ଅନନ୍ୟ ପରିବେଶ ଓ ସମୃଦ୍ଧ ଜୈବ ବିବିଧତା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଓଡ଼ିଶାର ଗୌରବମୟ ଅତୀତ ଓ ସାଂସ୍କୃତିକ ଐତିହ୍ୟକୁ ଦେଖିବା ପାଇଁ ପ୍ରତିନିଧିମାନେ ଉଦୟଗିରି ଓ ଖଣ୍ଡଗିରି ଗୁମ୍ଫା ପରିଦର୍ଶନ କରିଥିଲେ। ଯାହାର ଇତିହାସ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀର। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ରକ୍ଷଣାବେକ୍ଷଣ କରାଯାଉଥିବା ଏହି ଦୁଇଟି ପାହାଡ଼ ଜୈନ ପ୍ରସ୍ତର ସ୍ଥାପତ୍ୟର ପ୍ରାରମ୍ଭିକ କିର୍ତ୍ତିରାଜି ମଧ୍ୟରୁ ଅନ୍ୟତମ ଅଟେ । ଏଠାରେ ଥିବା ପ୍ରାଚୀନ ପଥର ଗୁମ୍ଫା ମୁଖ୍ୟତଃ ପ୍ରାଚୀନ କାଳରେ ଜୈନ ସନ୍ନ୍ୟାସୀଙ୍କ ଆଶ୍ରୟ ସ୍ଥଳୀ ଭାବେ ବ୍ୟବହୃତ ହେଉଥିଲା । କେନ୍ଦ୍ର ସରକାରଙ୍କ ପ୍ରମୁଖ ଯୋଜନା, ପ୍ରକଳ୍ପ ଓ ପଦକ୍ଷେପ ସମ୍ପର୍କରେ ଅଧିକ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ତତ୍ତ୍ୱାବଧାନରେ ପତ୍ର ସୂଚନା କାର୍ଯ୍ୟାଳୟ, ଶିଲଂ ଓ ପତ୍ର ସୂଚନା କାର୍ଯ୍ୟାଳୟ, ଭୁବନେଶ୍ୱର ସହଯୋଗରେ ଏହି ଗଣମାଧ୍ୟମ ପ୍ରତିନିଧିଙ୍କ ଗସ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି।

## ଦୁଇ ସ୍କୁଟି ସହ ୫୦ କିଲୋ ଗଞ୍ଜେଇ ଜବତ: ତିନି ଗିରଫ

ଜୟପୁର, ୧୮ ଜାନୁଆରୀ (ହି.ସ.)- କୋରାପୁଟ ଜିଲ୍ଲା ବୈପାରିଗୁଡା ପୁଲିସ ପକ୍ଷରୁ ୫୦ କିଲୋ ଗଞ୍ଜେଇ ଓ ଦୁଇଟି ସ୍କୁଟି ଜବତ କରାଯାଇଛି। ଏଥିସହ ତିନି ଜଣଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ଗତକାଲି ଅପରାହ୍ନରେ ମାଲକାନଗିରି ପଟୁ ଗଞ୍ଜେଇ ଚୋରା ଚାଲାଣ କରାଯାଉଥିବା ନେଇ ବୈପାରିଗୁଡା ପୁଲିସକୁ କୌଣସି ସୂତ୍ରରୁ ଖବର ମିଳିଥିଲା। ପରେ ବୈପାରିଗୁଡା ପୁଲିସ ଥାନା ଠାରୁ ଦୁଇ କିଲୋମିଟର ଦୂର ବାତ୍ରିପୁଟ ଛକରେ ପେଟ୍ରୋଲିଂ ଆରମ୍ଭ କରିଥିଲେ। ମାଲକାନଗିରି ପଟୁ ଆସୁଥିବା ସମସ୍ତ ଗାଡ଼ି ଯାଂଚ୍ କରିବା ଆରମ୍ଭ କରିଥିଲେ। ଏସଆଇ ବିଷ୍ଣୁ ପ୍ରସାଦ ଶବରଙ୍କ ନେତୃତ୍ୱରେ ଏଏସଆଇ ଶିବ ଶଙ୍କର ନାୟକ, ମୋତି ସିଂ ନାୟକ ଏବଂ କର୍ମଚାରୀ ଏକ ଟିମ ଗଠନ କରି ଗଞ୍ଜେଇ ଜବତ କରିବା ପାଇଁ ବାତ୍ରିପୁଟ ଛକରେ ଅପେକ୍ଷା କରିଥିଲେ। ଦିନ ୧୨ଟାରେ ତିନି ଜଣ ଯୁବକ ଦୁଇଟି ସ୍କୁଟି ନମ୍ବର(ଓଡି ୨୪ ଜେ ୮୪୪୧) ଏବଂ (ଓଡି ୨୪ ଏଚ୍ ୯୪୬୬) ରେ ଆସୁଥିବା ଦେଖିବା ପରେ ପୁଲିସ ସନ୍ଦେହରେ ଅଟକାଇଥିଲେ। ସ୍କୁଟି ଯାଂଚ୍ କରିବାରୁ ଡିକି ଭିତରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଗଞ୍ଜେଇ ଜବତ କରିବା ସହିତ ଗଞ୍ଜେଇ ଚାଲାଣ କରୁଥିବା ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଂଟି ଥାନା ଅଂଚଳର ରାଜ କୁମାର ପତ୍ରବାଗ, କୁମ୍ଭକର୍ଣ୍ଣ ସଉରା ଏବଂ ଭଗବାନ ସାହୁଙ୍କୁ ଗିରଫ କରିବା ସହ ଦୁଇଟି ସ୍କୁଟି ଜବତ କରାଯାଇଥିଲା। ଜବତ ଗଞ୍ଜେଇ ୫୦ କିଲୋ ବୋଲି ଜଣାପଡିଛି।

# ସାମ୍ବାଦିକଙ୍କୁ ପେନସନ ଓ ସୁରକ୍ଷା ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା, ୧୯/୧ (ନି.ପ୍ର): ସାରା ରାଜ୍ୟରେ ସାମ୍ବାଦିକମାନଙ୍କ ସୁରକ୍ଷା ସହ ପେନସନ ଦାବିରେ ଓଡିଶା ସାମ୍ବାଦିକ ୟୁନିୟନ ଓୟୁଜେ ଆହ୍ୱାନରେ ତମାମ ରାଜ୍ୟରେ ଆଜି ଜିଲ୍ଲାପାଳ ମାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇ ତୁରନ୍ତ ଏହି ମୁଖ୍ୟ ଦାବୀ ପୂରଣ ପାଇଁ ଦାବୀ କରାଯାଇଛି । ରାଜ୍ୟର ପ୍ରତିଷ୍ଠିତ ସାମ୍ବାଦିକ ୟୁନିୟନ ଓୟୁଜେ ପକ୍ଷରୁ ଦୀର୍ଘ ବର୍ଷ ଧରି ସାମ୍ବାଦିକତାର ସ୍ୱାର୍ଥ ରକ୍ଷା ପାଇଁ ୟୁନିୟନ ଅହରହ ସଂଗ୍ରାମ ଜାରି ରଖିଥିବାବେଳେ ନବ ଗଠିତ ରାଜ୍ୟ ୟୁନିୟନର ପ୍ରଥମ ବୈଠକରେ ସାମ୍ବାଦିକଙ୍କୁ ତୁରନ୍ତ ପେନସନ ଓ ପ୍ରୋଟେକ୍ସନ ଉପରେ ଗୁରୁତ୍ୱ ଦିଆଯାଇଛି । ରାଜ୍ୟ ୟୁନିୟନ ପକ୍ଷରୁ ଆହୁତ ଏହି ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମକୁ ସାରା ରାଜ୍ୟର ଜିଲ୍ଲା ୟୁନିଟ ମାନେ ପାଳନ କରୁଥିବା କ୍ରମରେ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ସାମ୍ବାଦିକ ୟୁନିୟନ କେଡିୟୁଜେ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ପୀତାମ୍ବର ସାମଲଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ସଭାପତି ପରେଶ ଦାସଙ୍କ ନେତୃତ୍ୱରେ ବହୁ ସଂଖ୍ୟକ ସଦସ୍ୟ ଏହି ଦାବିପତ୍ର ପ୍ରଦାନରେ ସାମିଲ ହୋଇଥିଲେ । କେଡିୟୁଜେର ସାଧାରଣ ସମ୍ପାଦକ ସ୍ନେହଜିତ ପଲ୍ଲାଇ, ଜାତୀୟ ପରିଷଦ ସଦସ୍ୟ ଆଶିଷ ସେନାପତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜ୍ୟୋତିର୍ମୟ ଜେନା, ଉପ ସଭାପତି ଜଗନ୍ନାଥ ଦାସ, ଅକ୍ଷୟ ସାହୁ, ସମ୍ପାଦକ ରବି ନାରାୟଣ ପତି, ସଂଗଠନ ସମ୍ପାଦକ ଧୀରେନ୍ଦ୍ର ମିଶ୍ର, କୋଷାଧକ୍ଷ ପ୍ରମୋଦ ପ୍ରଧାନ, ରାଜକନିକା ବ୍ଲକ ଆବାହକ ସୁକାନ୍ତ ଦାଶ, ଗରଦପୁର ଆବାହକ ସୁବାସ ସାମଲ, ମହାକାଳପଡା ଆବାହକ ସୁବାସ ସ୍ୱାଇଁ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ନୀଳାଦ୍ରି ଭୂଷଣ ତ୍ରିପାଠୀ, ସାବିର ଖାଁ, ଲକ୍ଷ୍ମୀକାନ୍ତ ନାୟକ, ପ୍ରଫୁଲ୍ଲ ସାହୁ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

# ପଶ୍ଚିମ ଓଡ଼ିଶା କଳାକାର ସଂଘ ଦ୍ୱାରା ନୂଆ ଭେଟି କଳାକାର ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ

ବଲାଙ୍ଗୀର, ୧୯/୧ (ନି.ପ୍ର): ଲକି ବିବାହ ମଣ୍ଡପ ଠାରେ ପଶ୍ଚିମ ଓଡିଶା କଳାକାର ସଂଘ ଦ୍ୱାରା ନୁଆ ଭେଟି ଓ କଳାକାର ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି । ବିଶିଷ୍ଟ କଣ୍ଠଶିଳ୍ପୀ ରୁକୁ ସୁନା, ଦିଲିପ ଦୀପ, ଲଖନ୍ ନନ୍ଦ, ପ୍ରଯୋଜକ ଦେବେନ୍ଦ୍ର ସାହୁ, ଯୁବ ସଂଗଠକର ସଭାପତି ବିନୋଦ କୁମାର କାଳସାଏ, ଅଭିନେତ୍ରୀ ରୁକ୍ସନା ବାନୋ, ଅଭିନେତା ରେଶନ ଭରଦ୍ୱାଜ, ଆଶୁତୋଷ ମିଶ୍ର, ସାଗର କୁମ୍ଭାର ପ୍ରମୁଖ ମଂଚାସୀନ ହୋଇଥିଲେ। ସଭାକୁ ଅଜୟ କୁମାର ନାଗ ସଭାପତିତ୍ୱ କରିଥିବାବେଳେ ଯୋଗୀନ୍ଦ୍ର ଦୀପ ସଂଯୋଜନା କରିଥିଲେ। କଣ୍ଠଶିଳ୍ପୀ ଦିଲିପ ଦୀପ ତାଙ୍କର ମନ୍ତବ୍ୟରେ କହିଥିଲେ ଆମର ଅଂଚଳରେ ଅନେକ ବିଶିଷ୍ଟ କଳାକାରମାନେ ଅଛନ୍ତି ଓ କଳାକୁ ବଂଚେଇ କି ରଖିଛନ୍ତି କିପରି କଳାକାରମାନେ ଅଧିକରୁ ଅଧିକ କାମ ପାଇବା ଓ ନିଜର ପ୍ରତିଭା ଆଗକୁ ନେବେ ସମସ୍ତେ ମିଳିମିଶି କିପରି ଅଧିକରୁ ଅଧିକ କାମ କରିବେ ଯଦ୍ୱାରା କଳାକାର ବିକଶିତ ହେବ ବୋଲି କହିଥିଲେ ଏବଂ ପରେ ପରେ ସବୁ ମଂଚାସିନ କଳାକାର ନିଜର ନିଜର ମନ୍ତବ୍ୟ ଦେଇଥିଲେ। ଆମ୍ଭେ ସମସ୍ତେ ଜଣେ ଜଣେ କଳାକାର ଅନେକ ମଂଚରେ ହେଉ କି ଗୀତ ଗାଉ ବଜା ବଜାଉ ଆଲବମ୍ କି ଫିଲ୍ମରେ ଅଭିନୟ କରୁଥିବା କଳାକଙ୍କ ସହଯୋଗରେ ସହି କାର୍ଯ୍ୟକ୍ରମ ହେବ। ଧନ୍ୟବାଦ ଦେଇଥିଲେ ପ୍ରଯୋଜକଙ୍କୁ ସେମାନେ ସବୁ କଳାକାରକୁ ସୁଯୋଗ ଦେଇଥିବାରୁ ଯଦ୍ୱାରା ଅନେକ ପ୍ରତିଭା ନିଜର ପ୍ରତିଭା ସମସ୍ତ ଦ୍ୱାରା ସମସ୍ତଙ୍କ ହୃଦୟରେ ଜାଗା କରି ପାରୁଛନ ପ୍ରଯୋଜକ ବଂଚିଲେ ଆମେ ବଂଚିବୁ ବୋଲି କହିଥିଲେ। ଆଗାମୀ ଦିନରେ କଳାକାରମାନଙ୍କର ଗୋଟିଏ କାର୍ଯ୍ୟକ୍ରମ ହେବ ଓ ସମସ୍ତ କଳାକାର ଆସି ସହଯୋଗ କରିବେବୋଲି ସମସ୍ତେ ସମର୍ଥନ କରିଥିଲେ ଏଠାରେ ବହୁତ କଳାକାର ଉପସ୍ଥିତ ରହିକି ଓ ସହଯୋଗ କରିଥିଲେ ରେଶନ ରାଜ, ଭିକି ପ୍ରୋ, ରକି ରାଉତ, ବିନୟ ସୁନା, ଜିତ ସୁନା, ମୁକେଶ ସୁନା, ଶୁଭମ, ସାହୀଦ, ଏମ୍ଏନ୍ ଇଂଜିତ, ଶମ୍ଭ, ପପୁଲୁ, ବିଟୁ, ରାଶି, ଦୀପିକା, ଜୟଶ୍ରୀ, ସତ୍ୟଭାମା, ଦିୟା, ସୌମ୍ୟା, ଗୀତା, ଲିପିକା, ଚନ୍ଦନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ବିଶିଷ୍ଟ ସିନେ ଅଭିନେତା ରତନ ମେହେର ଓ ବିଶିଷ୍ଟ ଅଭିନେତା ତଥା ମଂଚ କଳାକାର ଲଳିତ ପୂଜାରୀ ସଭାରେ ଆମ ଦ୍ୱାରା ଯାହା ହେବ ସହଯୋଗ କରିବୁ ଓ ସବୁବେଳେ ସମର୍ଥନ କରିବୁ ବୋଲି କହିଥିଲେ।

## ପି.ଏମ୍.ଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟରେ ଚୟନ ପରୀକ୍ଷା ପାଇଁ ପ୍ରଶିକ୍ଷଣ

କେନ୍ଦ୍ରାପଡ଼ା, ୧୯/୧ (ନି.ପ୍ର): କେନ୍ଦ୍ରାପଡା ବାରୋ ସ୍ଥିତ ପି.ଏମ୍.ଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟରେ ଆସନ୍ତା ୨୦ ତାରିଖ ଶନିବାର ଦିନ ବିଦ୍ୟାଳୟର ଚୟନ ପରୀକ୍ଷା ଥିବାରୁ ଦିଶା ନିର୍ଦ୍ଦେଶ ପ୍ରଶିକ୍ଷଣ ଶିବିର ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠି ହୋଇ ଯାଇଛି । ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ୯ଟି ବ୍ଲକର ୩୨ଟି କେନ୍ଦ୍ରରେ କେନ୍ଦ୍ରାଧିକ୍ଷକ ଓ କେନ୍ଦ୍ର ପର୍ଯ୍ୟବେକ୍ଷକ ଏବଂ ବ୍ଲକର ଶିକ୍ଷା ଅଧିକାରୀ ଯୋଗ ଦେଇଥିଲେ । ଜିଲ୍ଲାର ୫ ହଜାର ୬୦୦ ପରୀକ୍ଷାର୍ଥୀ ୮୦ଟି ସ୍ଥାନ ପାଇଁ ୩୨ଟି କେନ୍ଦ୍ରରେ ପରୀକ୍ଷା ଦେବେ । ଏହି ବିଦ୍ୟାର୍ଥୀ ମାନେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି । ସେମାନେ କୃତକାର୍ଯ୍ୟ ହେଲେ ନବୋଦୟ ବିଦ୍ୟାଳୟର ଷଷ୍ଠ ଶ୍ରେଣୀରେ ପ୍ରବେଶ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରିବେ । ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ବିଦ୍ୟାଳୟର ଅଧକ୍ଷ ରୁଦ୍ର ପ୍ରତାପ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ନିଶିଥ ବାରିକ ପରୀକ୍ଷା ପାଇଁ ଦିଶା ନିର୍ଦ୍ଦେଶ ପ୍ରଦାନ କରିଥିଲେ । ବିଦ୍ୟାଳୟର ଶିକ୍ଷକ ତଥା ପରୀକ୍ଷା ପ୍ରଭାରୀ ବିସ୍ତୃତ ଭାବେ ପରୀକ୍ଷା ପ୍ରଣାଳୀ ସମ୍ବନ୍ଧରେ ଆଲୋଚନା କରିଥିଲେ । ଅନ୍ୟତମ ଶିକ୍ଷକ ଦିଲିପ କୁମାର ମହାନ୍ତି ମଂଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଉପାଧକ୍ଷ ଶଶିକାନ୍ତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଭିନ୍ନ ଉଚ୍ଚଶିକ୍ଷାନୁଷ୍ଠାନ ମାନଙ୍କରେ ଛାତ୍ର କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର , ୧୯/୧ (ନି.ପ୍ର): ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜଙ୍କ ନେତୃତ୍ୱରେ ଓଡ଼ିଶାର ବିଭିନ୍ନ କଲେଜରେ ଛାତ୍ର ସ୍ୱାର୍ଥ ସମ୍ବଳିତ ବିଭିନ୍ନ ଦାବିକୁ ନେଇ ବିକ୍ଷୋଭ ପ୍ରଦର୍ଶନ ହୋଇଛି। ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ୟାସିର ନୱାଜଙ୍କ ନେତୃତ୍ୱରେ ମହର୍ଷି କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ସେଠାରେ "ନୂଆ-ଓ" ଗେଟରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ଉପରେ ମହାତ୍ମା ଗାନ୍ଧୀ, ସୁଭାଷ ବୋଷ ଓ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଫଟୋ ଲଗାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଫଟୋକୁ ସେଠାରେ ଦାହ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସୟଦ ୟାସିର ନୱାଜ କହିଛନ୍ତି ଯେ ଉଭୟ ମୋଦୀ ଓ ନବୀନ ସରକାର ଛାତ୍ରଛାତ୍ରୀ ମାନଙ୍କର ମୌଳିକ ସମସ୍ୟାକୁ ଭୁଲିଯାଇ କଲେଜ ଓ ୟୁନଭର୍ସିଟି ମାନଙ୍କରେ ନବୀନ ଓ ମୋଦିଙ୍କ ଫଟୋ ପ୍ରତିଯୋଗିତା କରୁଛନ୍ତି। ନିର୍ବାଚନ ପାଖେଇ ଆସୁଥିବାରୁ ଯୁବ ଭୋଟରଙ୍କୁ ହାତେଇବା ପାଇଁ ଏହା କେବଳ ଆତ୍ମ ପ୍ରଚାର ଛଡ଼ା କିଛି ନୁହେଁ। ଯେଉଁଠି ଗାନ୍ଧୀ, ଗୋପବନ୍ଧୁ ବା ଆମ୍ବେଦକରଙ୍କ ଫଟୋ ରହିବା କଥା ସେଠି ମୋଦୀ ଓ ନବୀନଙ୍କ ଫଟୋ ସ୍ଥାନିତ ହେଉଛି। ନିର୍ବାଚନ ଆସିଲେ ଛାତ୍ରଛାତ୍ରୀମାନଙ୍କ ପାଇଁ ନବୀନ ସରକାର କୁମ୍ଭୀର କାନ୍ଦଣା କାନ୍ଦନ୍ତି। ୨୩ବର୍ଷ ହେଲା ଶିକ୍ଷାନୁଷ୍ଠାନରେ ନବୀନ ସରକାରର ଦେଖା ନଥିଲା। ସରକାରୀ ଶିକ୍ଷାନୁଷ୍ଠାନର ଦୂରାବସ୍ଥା ସମ୍ପର୍କରେ ବାରମ୍ବାର ଅଭିଯୋଗ କଲେ ବି ନବୀନ ସରକାର କର୍ଣ୍ଣପାତ କରନ୍ତି ନାହିଁ। ଏବେ ନିର୍ବାଚନ ପାଖେଇ ଆସିଛି। କୌଣସି ମତେ ଯୁବ ଭୋଟରଙ୍କୁ ହାତେଇବା ପାଇଁ "ସମନ୍ୱିତ ଯୁବ ବିକାଶ ଯୋଜନା" ନବୀନ ସରକାର ପ୍ରଣୟନ କଲେ। "ନୂଆ-ଓ" ଯୋଜନା କରି ଛାତ୍ରଛାତ୍ରୀଙ୍କୁ ଭୂଆଁ ବୁଲାଯାଉଛି। ଶିକ୍ଷାନୁଷ୍ଠାନରେ କ୍ରୀଡ଼ା ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମେଧାଅନ୍ୱେଷଣ କାର୍ଯ୍ୟକ୍ରମ ନାମରେ ସରକାରୀ ଅର୍ଥ ହରିଲୁଟ ହେଉଛି। ନବୀନ ସରକାର ଦ୍ୱାରା ପ୍ରଣୀତି "ବିଜୁ ଯୁବ ବାହିନୀ" ୨୦୧୯ ନିର୍ବାଚନ ପୂର୍ବରୁ ଆରମ୍ଭ ହେଲା ଏବଂ ନିର୍ବାଚନପରେ ବନ୍ଦ ହୋଇଗଲା। ରାଜ୍ୟ ରାଜକୋଷରୁ ଏହି ଯୋଜନାରେ ୪୫୦ କୋଟି ଟଙ୍କା ଲୁଟ କରାଗଲା। ଏବେ ସାରା ରାଜ୍ୟରେ ସରକାରୀ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ମାନଙ୍କର ଛାତ୍ରଛାତ୍ରୀ ମାନଙ୍କ ପାଇଁ ନିମ୍ନତମ ସୁବିଧା ନାହିଁ। ବହୁ ସଂଖ୍ୟାରେ ଶିକ୍ଷକ ଓ ଅଣଶିକ୍ଷକ ପଦ ଖାଲି ପଡ଼ିଛି। ଶିକ୍ଷାନୁଷ୍ଠାନରେ ଭଲ ଶ୍ରେଣୀଗୃହ, ପାନୀୟଜଳ, ଶୌଚାଳୟ, ମହିଳା କମନରୁମ, ଖେଳପଡ଼ିଆ, ହଷ୍ଟେଲ ଓ ଲାଇବ୍ରେରୀ ବ୍ୟବସ୍ଥା ପ୍ରତି ସରକାରଙ୍କର ଦୃଷ୍ଟି ନାହିଁ। ରାଜ୍ୟରେ ପାଖାପାଖି ୧୨ଟି ସରକାରୀ ବିଶ୍ୱବିଦ୍ୟାଳୟରେ ୧ ହଜାର ଅଧାପକ ଏବଂ ପ୍ରଫେସର ପଦବୀ ଖାଲି ପଡ଼ିଛି। ଏହି ସଂଖ୍ୟାକୁ ବିଚାରକୁ ନେଲେ ମଞ୍ଜୁରିପ୍ରାପ୍ତ ଶିକ୍ଷକ ପଦବୀରୁ ୫୭ ପ୍ରତିଶତ ପଦବୀ ଖାଲି ପଡ଼ିଛି। କଟକର ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ୫୦ଟି ମଞ୍ଜୁରିପ୍ରାପ୍ତ ଶିକ୍ଷକ ପଦବୀରୁ ସମସ୍ତ ପଦବୀ ଖାଲି ପଡ଼ିଛି। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟରେ ଅର୍ଦ୍ଧାଧିକ ଶିକ୍ଷକ ପଦବୀ ଖାଲି ପଡ଼ିଛି। ରାଜ୍ୟର ୫୧ ଟି ସରକାରୀ ଡିଗ୍ରୀ କଲେଜରେ ୪୫ ପ୍ରତିଶତ ଶିକ୍ଷକ ପଦବୀ ଖାଲି ପଡ଼ିଛି। ସେହିପରି ରାଜ୍ୟର ସମସ୍ତ ଅନୁଦାନପ୍ରାପ୍ତ ବେସରକାରୀ ଡିଗ୍ରୀ କଲେଜରେ ୨୯ ପ୍ରତିଶତ ଶିକ୍ଷକ ପଦବୀ ଖାଲିପଡ଼ିଛି। ପୂର୍ଣ୍ଣ ଅନୁଦାନପ୍ରାପ୍ତ ଉଚ୍ଚବିଦ୍ୟାଳୟରେ ୭୫ ପ୍ରତିଶତରୁ ଉର୍ଦ୍ଧ୍ୱ ଶିକ୍ଷକ ଅବସର ନେଇସାରିଲେଣି ହେଲେ ନୂତନ ନିଯୁକ୍ତି ନାହିଁ। ସେହିପରି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ବିଦ୍ୟାଳୟରେ ଶିକ୍ଷକ ପଦବୀରେ ଘୋର ଅଭାବ। ଏସସି, ଏସଟି ଓ ସଂଖ୍ୟାଲଘୁଙ୍କ ଛାତ୍ରବୃତିକୁ ବହୁ ପରିମାଣରେ କମାଇ ଦିଆଯାଇଛି। ସିଏଜିଙ୍କ ରିପୋର୍ଟ ଅନୁସାରେ ରାଜ୍ୟ ସରକାର ଦ୍ୱାରା ୧୫.୭୯ କୋଟି ଟଙ୍କା ଛାତ୍ରବୃତି ରାଶିକୁ ସଂପୂର୍ଣ୍ଣ ବାଟମାରଣା କରିଦିଆଯାଇଛି। ସାରା ରାଜ୍ୟରେ ସରକାରୀ କଲେଜରେ ଜାଲ ସାର୍ଟିଫିକେଟ ମାଧ୍ୟମରେ ନାମଲେଖା ଚାଲିଛି ଯେଉଁଥିରେ କି ବିଜୁ ଜନତା ଦଳର କର୍ମକର୍ତାମାନେ ସଂପୃକ୍ତ। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାଲ୍ ସାର୍ଟିଫିକେଟ ଜରିଆରେ ନାମ ଲେଖା ଘଟଣା ଏଠାରେ ଉଲ୍ଲେଖଯୋଗ୍ୟ। ସରକାରୀ ଓ ଅନୁଦାନପ୍ରାପ୍ତ କଲେଜ ଓ ସରକାରୀ ବିଶ୍ୱବିଦ୍ୟାଳୟରେ ବିଜୁ ଛାତ୍ର ଜନତା ଦଳର କ୍ୟାମ୍ପସ କମିଟିର କର୍ମକର୍ତ୍ତାମାନେ ଆତଙ୍କରାଜ ଚଲାଇଛନ୍ତି।

# କେଶର ଯତ୍ନ



ନାରୀ ସୌନ୍ଦର୍ଯ୍ୟର ପ୍ରମୁଖ ଭୂମିକା ବହନ କରିଥାଏ କଳା ଓ ଘନକେଶ। ସମସ୍ତେ ଘନ ଓ କଳା କେଶ ଚାହିଥାନ୍ତି। ସେଥିପାଇଁ କରନ୍ତି ଉଚିତ ଯତ୍ନ। ବର୍ତ୍ତମାନ ବଜାରରେ ମିଳୁଥିବା ବିଭିନ୍ନ ପ୍ରକାରର ପ୍ରସାଧନ ସାମଗ୍ରୀକୁ ବ୍ୟବହାର କରିବା ଦ୍ୱାରା କେଶ ପତଳା ଓ ଉପୁଡ଼ିବା ଭଳି ବିଭିନ୍ନ ପ୍ରକାରର ସମସ୍ୟା ଦେଖାଯାଉଛି। କନ୍ତୁ କିଛି ଘରୋଇ ଉପଚାର କରିବା ଦ୍ୱାରା ଏସବୁ ସମସ୍ୟାକୁ ରୋକାଯାଇପାରିବ।



ମେଥି ପ୍ୟାକ୍: ମେଥି ଗୁଣ୍ଡ ସହିତ କିଛି ଦହିକୁ ମିଶାଇ ଏକ ପ୍ୟାକ ପ୍ରସ୍ତୁତ କରନ୍ତୁ। ଏହି ପ୍ୟାକକୁ କିଛି ସମୟ କେଶରେ ଲଗାଇ ସଫା କରି ଦିଅନ୍ତୁ। ଏହାକୁ ବ୍ୟବହାର କରିବା ଦ୍ୱାରା କେଶ କଳା ଓ ସୁନ୍ଦର ଦିଶିଥାଏ।

ଅଣ୍ଡା ପ୍ୟାକ: ଅଣ୍ଡାରେ ଥିବା ପ୍ରୋଟିନ କେଶ ପାଇଁ ଉପକାରୀ। ଅଣ୍ଡାକୁ ଲଗାଇବା ଦ୍ୱାରା କେଶ ଘନ ଓ କଳା ଦିଶିଥାଏ। ଗୋଟିଏ ପାତ୍ରରେ ଦୁଇଟି ଅଣ୍ଡାର ଧଳା ଅଂଶ ସହିତ ଗୋଟିଏ ଚାମଚ ଅଲିଭ ତେଲ ମିଶାଇ ଏକ ପ୍ୟାକ ପ୍ରସ୍ତୁତ କରନ୍ତୁ। ଏହାକୁ କେଶରେ ୧୫-୨୦ ମିନିଟ ରଖି ମୁଣ୍ଡକୁ ଥଣ୍ଡା ପାଣିରେ ସଫା କରିଦିଅନ୍ତୁ। ଏହି ପ୍ୟାକକୁ ବ୍ୟବହାର କରିବା ଦ୍ୱାରା କେଶ ବଢ଼ିଥାଏ।

ଭୃର୍ସୁଙ୍ଗ ପତ୍ର ପ୍ୟାକ: କିଛି ଭୃର୍ସୁଙ୍ଗ ପତ୍ର, ନିମ୍ବପତ୍ର ଓ ଦହିକୁ ମିଶାଇ ଗ୍ରାଇଣ୍ଡିଂ କରନ୍ତୁ। ମୁଣ୍ଡରେ ଏହି ପ୍ୟାକକୁ ଭଲ ଭାବରେ ଲଗାନ୍ତୁ। ୧୫-୨୦ ମିନିଟ ରଖିବା ପରେ ସାମ୍ପୁ ସାହାଯ୍ୟରେ ମୁଣ୍ଡକୁ ଧୋଇ ଦିଅନ୍ତୁ।


ଲେମ୍ବୁରସ ପ୍ୟାକ: ଲେମ୍ବୁରସ କେଶର ମୂଳରେ ଭଲ ଭାବେ ମାଲିସ କରନ୍ତୁ। ୧୦ ମିନିଟ ପରେ ସାମ୍ପୁରେ ମୁଣ୍ଡକୁ ଧୋଇ ଦିଅନ୍ତୁ। ଦେଖିବେ ଏହା ରୂପି ସମସ୍ୟାରୁ ମୁକ୍ତି ଦେବ। ଏହାକୁ ସପ୍ତାହରେ ଥରେ ବ୍ୟବହାର କରିପାରିବେ।

ଆଳୁରସ ପ୍ୟାକ: କିଛି ଆଳୁରସ ସହିତ ମହୁ ଓ ମିଶାଇ ଧଳା ଅଂଶକୁ ମିଶାଇ ଏକ ପ୍ୟାକ ପ୍ରସ୍ତୁତ କରନ୍ତୁ। ଏହି ପ୍ୟାକକୁ କେଶରେ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଲଗାଇ ରଖନ୍ତୁ। ଏହା କେଶକୁ ଲମ୍ବା ଓ ମଜଭୂତ ରଖିଥାଏ।

ଗ୍ରୀନଟିପ୍ୟାକ: ଗ୍ରିନଟିକୁ କେଶରେ ଭଲ ଭାବରେ ଲଗାଇ ଗୋଟିଏ ଘଣ୍ଟା ରଖନ୍ତୁ। ଏକଘଣ୍ଟା ପରେ ଏହାକୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଏହା କେଶ ଝଡ଼ିବା ସମସ୍ୟାକୁ ଦୂର କରିଥାଏ।

ଅଲିଭ ତେଲ ପ୍ୟାକ: ଅଲିଭ୍ ତେଲ ସହିତ ଜିରାକୁ ବତୁରେଇ ରାତିସାରା ରଖନ୍ତୁ। ସକାଳେ ଏହି ତେଲକୁ କେଶରେ ଲଗାଇ ୧୫ ମିନିଟ୍ ରଖି ସାମ୍ପୁରେ ମୁଣ୍ଡକୁ ଧୋଇ ଦିଅନ୍ତୁ। ଏହି ପ୍ୟାକ କେଶ ବଢ଼ିବାରେ ସାହାଯ୍ୟ କିରଥାଏ। ମାସକୁ ଥରେ ଏହି ପ୍ୟାକକୁ ବ୍ୟବହାର କରିପାରିବେ।

ମନ୍ଦାରଫୁଲ ପ୍ୟାକ: ମନ୍ଦାର ଫୁଲକୁ ବାଟି ସେଥିରେ କିଛି ନଡ଼ିଆ ତେଲ ମିଶାଇ ଏକ ପ୍ୟାକ ପ୍ରସ୍ତୁତ କରି ମୁଣ୍ଡରେ ଲଗାନ୍ତୁ।



ମୁଣ୍ଡରେ ଲଗାଇ ଶୁଖିବା ପର୍ଯ୍ୟନ୍ତ ଛାଡ଼ି ଦଅନ୍ତୁ। ଶୁଖିବା ପରେ ଉଷୁମ ପାଣିରେ ମୁଣ୍ଡକୁ ଧୋଇ ଦିଅନ୍ତୁ। ଦେଖିବେ ଏହା କେଶର ମୂଳକୁ ମଜଭୂତ ରଖିବ।

ରସୁଣ ରସ ପ୍ୟାକ: ଦୁଇକୋଳା ରସୁଣକୁ ବାଟି ଅଲିଭ ତେଲ ସହିତ ମିଶାଇ ରଖନ୍ତୁ। ଏହି ତେଲକୁ କେଶ ମୂଳରେ ମାଲିସ କରି କିଛି ସମୟ ଲଗାଇ ରଖନ୍ତୁ। କିଛି ସମୟ ରଖିଲା ପରେ ଏହାକୁ ଧୋଇ ଦିଅନ୍ତୁ। ରସୁଣ କେଶ ଝଡ଼ିବା ସମସ୍ୟାକୁ କମ୍ କରିଥାଏ।

ଅଁଳାଗୁଣ୍ଡ ପ୍ୟାକ: ଦୁଇ ଚାମଚ ଅଁଳା ଗୁଣ୍ଡ ସହିତ ଦୁଇ ଚାମଚ ଲେମ୍ବୁରସ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ଏହାକୁ କିଛି ସମୟ ରଖି ମୁଣ୍ଡକୁ ଧୋଇ ଦିଅନ୍ତୁ। ଦେଖିବେ ଏହା ରୁପି ସମସ୍ୟା ଦୂର କରିବା ସହିତ କେଶକୁ କଳା କରିବାରେ ଓ ବଢ଼ିବାରେ ସହାୟକ ହେବ।

ନଡ଼ିଆ ରସ ପ୍ୟାକ: ନଡ଼ିଆ ରସକୁ କେଶରେ ଲଗାଇ ସାରାରାତି ରଖନ୍ତୁ। ସକାଳେ ମୁଣ୍ଡକୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ନଡ଼ିଆରେ ଥିବା ପ୍ରୋଟିନ ଓ ଆଇରନ କେଶକୁ ବଢ଼ିବାରେ ସାହାଯ୍ୟ କରିବା ସହିତ କେଶ ଫାଟିବା ସମସ୍ୟା ଦୂର କରିଥାଏ।

ପିଆଜ ରସ ପ୍ୟାକ: ପିଆଜ ରସକୁ କେଶ ମୂଳ ସହିତ କେଶରେ ଭଲ ଭାବରେ ଲଗାଇ ୧୫ ମିନିଟ ପର୍ଯ୍ୟନ୍ତ ରଖନ୍ତୁ। ୧୫ ମିନିଟ ରଖିବା ପରେ ଏହାକୁ ସାମ୍ପୁରେ ସଫା କରି ଧୋଇ ଦିଅନ୍ତୁ। ଦେଖିବେ ଏହା କେଶ ବଢ଼ିବାରେ ସାହାଯ୍ୟ କରିବ ଏହା ଏକ ବହୁ ପୁରୁଣା ଘରୋଇ ଉପଚାର।



**ନାରୀ ସୌନ୍ଦର୍ଯ୍ୟର ପ୍ରମୁଖ ଭୂମିକା ବହନ କରିଥାଏ କଳା ଓ ଘନକେଶ। ସମସ୍ତେ ଘନ ଓ କଳା କେଶ ଚାହିଥାନ୍ତି। ସେଥିପାଇଁ କରନ୍ତି ଉଚିତ ଯତ୍ନ। ବର୍ତ୍ତମାନ ବଜାରରେ ମିଳୁଥିବା ବିଭିନ୍ନ ପ୍ରକାରର ପ୍ରସାଧନ ସାମଗ୍ରୀକୁ ବ୍ୟବହାର କରିବା ଦ୍ୱାରା କେଶ ପତଳା ଓ ଉପୁଡ଼ିବା ଭଳି ବିଭିନ୍ନ ପ୍ରକାରର ସମସ୍ୟା ଦେଖାଯାଉଛି। କିନ୍ତୁ କିଛି ଘରୋଇ ଉପଚାର କରିବା ଦ୍ୱାରା ଏସବୁ ସମସ୍ୟାକୁ ରୋକାଯାଇପାରିବ।**

# କ୍ଷୁଦ୍ର ଶସ୍ୟଜାତୀୟ ଫସଲ 'ମାଣ୍ଡିଆ'

ମାଣ୍ଡିଆ ଏକ କ୍ଷୁଦ୍ରଶସ୍ୟଜାତୀୟ ଫସଲ। ଓଡ଼ିଶାର ମାଲକାନାଗିରି, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, ଫୁଲବାଣୀ, କୋରାପୁଟ, ଗଞ୍ଜାମ, ନୂଆପଡ଼ା ଆଦି ଜିଲ୍ଲାରେ ଏହାର ଚାଷ କରାଯାଉଛି। ଏହି ଫସଲର ମରୁଡ଼ି ସହଣି ଶକ୍ତି ରହିଥିବାରୁ ଏହାକୁ ପାହାଡ଼ିଆ ଓ



ନିପାଣିଆ ଜମିରେ ସଫଳ ଭାବେ ଚାଷ କରାଯାଇପାରିବ। ମାଣ୍ଡିଆ ସ୍ୱାସ୍ଥ୍ୟ ପାଇଁ ମଧ ବେଶ୍ ଉପକାରୀ। ଏହାକୁ ଖାଇବା ଦ୍ୱାରା ପେଟ ଥଣ୍ଡା ରହିବା ସହ ଗ୍ୟାସ ସମସ୍ୟାରୁ ମୁକ୍ତି ମିଳିଥାଏ। ମାଣ୍ଡିଆରେ ଆମିନୋଏସିଡ଼ ଥିବା ଯୋଗୁଁ ଏହା ଜଣ୍ଡିସ ଓ ମଧୁମେହ ରୋଗୀଙ୍କ ପାଇଁ ଅତ୍ୟନ୍ତ ଉପକାରୀ।

ପରିସଂଖ୍ୟାନ ଅନୁଯାୟୀ ୨୦୧୨-୧୩ ମସିହାରେ ଓଡ଼ିଶାର ପ୍ରାୟ ୧ଲକ୍ଷ ୭୦ହଜାର ହେକ୍ଟର ଜମିରେ ମାଣ୍ଡିଆ ଚାଷ କରାଯାଇ ବର୍ଷକୁ ୧ଲକ୍ଷ ୫୧ହଜାର ମେଟ୍ରିକ ଟନ ଅମଳ କରାଯାଉଛି। ହେକ୍ଟର ପ୍ରତି ଅମଳ କ୍ଷମତା ହେଉଛି ୮୯୫କିଗ୍ରା। ଏହି ଶସ୍ୟଟିରେ ଚାହିଦା ବଢୁଥିବା ଲକ୍ଷ୍ୟକରି ସରକାରଙ୍କ ପକ୍ଷରୁ ଏହାର ଉତ୍ପାଦନ ବୃଦ୍ଧି ପାଇଁ ଗୁରୁତ୍ୱ ପ୍ରଦାନ କରାଯାଉଛି।

ବିହନ କିସମ: ନୀଳାଚଳ, ଶ୍ୱେତା, ଚିଲିକା, ସ୍ୱର୍ଣ୍ଣ, ଶୁଭ୍ରା ଭୈରବୀ, ଗୋଦାବରୀ।

ବିହନ ବିଶୋଧନ: ବିହନ କିଲୋଗ୍ରାମ ପ୍ରତି ୨-୩ ଗ୍ରାମ କ୍ୟାପଟାନ/ଥିରାମ ବା ୧.୫ ଗ୍ରାମ କାର୍ବେଣ୍ଡାଜିମ ମିଶାଇ ବିଶୋଧନକରନ୍ତୁ। ବର୍ଷରେ ୩ଥର ମାଣ୍ଡିଆ ବୁଣାଯାଏ। ଜୁନ ମାସ ପ୍ରଥମ ଓ ଦ୍ୱିତୀୟ ସପ୍ତାହ ମଧ୍ୟରେ ସେପ୍ଟେମ୍ବର ୧୫ ତାରିଖରୁ ଅକ୍ଟୋବର ମଧ୍ୟରେ ଓ ଜାନୁଆରୀ ୨୦ ତାରିଖରୁ ଫେବୃଆରୀ ୧୫ ତାରିଖ ମଧ୍ୟରେ। ଧାଡ଼ିରେ ବୁଣିଲେ ହେକ୍ଟର ପ୍ରତି ୮ କିଗ୍ରା ବିହନ ଦରକାର ହୁଏ। ଛଟା ବୁଣା ହେକ୍ଟର



ପ୍ରତି ୧୦ କିଗ୍ରା ବିହନ ଲାଗେ। ଧାଡ଼ିକୁ ଧାଡ଼ି ୨୫ ସେମି ବ୍ୟବଧାନରେ ୩-୪ସେମି ଗଭୀରରେ ବିଶୋଧିତ ବିହନ ବୁଣିବାକୁ ହୁଏ ମାଣ୍ଡିଆ ରୋଇଲେ ଆଦାୟ ଅଧିକ ହୁଏ। ହେକ୍ଟର ପ୍ରତି ୬ କିଗ୍ରା ବିହନ ଦରକାର ହୁଏ। ଖରାଦିନେ ମାଣ୍ଡିଆରେ ଆବଶ୍ୟକ ସ୍ଥଳେ ପ୍ରତି ୭ଦିନ ଅନ୍ତରରେ ପାଣି ମଡ଼ାଯିବା ଦରକାର।

ସମନ୍ୱିତ ରୋଗପୋକ ପରିଚାଳନା: ମାଣ୍ଡିଆରେ କାଣ୍ଡବିନ୍ଧା ପୋକ, ଦିଆଲିପୋକ, କରପୋକ, ଝିଣ୍ଟିକା, ରଇ, ସଂବାଳୁଆ ଆଦି କ୍ଷତିକାରକ ପୋକ ଲାଗନ୍ତି। କାଣ୍ଡବିନ୍ଧା ପୋକ ଦମନ ପାଇଁ ହେକ୍ଟର ପ୍ରତି ମନୋକ୍ରୋଟାଫସ ୩୬% ଏସଏଲ ୧.୪ ଲିଟର କିମ୍ବା କ୍ଲୋରୋପାଇରିଫସ ୧୨୫୦ମି.ଲି, କିମ୍ବା ଟ୍ରାୟୋଜୋଫସ ୪୦% ଇସି ୮୭୫ମି.ଲି ୫୦୦ ମଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଜଉପୋକ ପାଇଁ କ୍ଲେଶରୋପାଇରିଫସ ୨୦% ଇସି ୧୨୫୦ମି.ଲି କିମ୍ବା ଏଣ୍ଡୋସଲଫାନ ୩୫% ଇସି ୧.୪ ଲିଟର ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଝିଣ୍ଟିକା ପାଇଁ ହେକ୍ଟର ପ୍ରତି ୨୫ କିଗ୍ରା ମାଲାଥିଆନ କିମ୍ବା କ୍ଲୋରୋପାଇରିଫସ ଗୁଣ୍ଡ ବିଞ୍ଚନ୍ତୁ। ମାଣ୍ଡିଆ କିସମ ଅନୁସାରେ ୯୦-୧୨୯୦ ଦିନ ମଧ୍ୟ; ଅମଳ ହୁଏ।

# ଲୁଣ କାରଣରୁ ହେଉଛି ଅନେକ ରୋଗ, ବର୍ଷକୁ ଯାଉଛି ୧୮ ଲକ୍ଷ ଲୋକଙ୍କ ଜୀବନ

ପ୍ରତ୍ୟେକ ବ୍ୟଞ୍ଜନର ସ୍ୱାଦ ବଢ଼ାଉଥିବା ଲୁଣ ଅନେକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଏବେ ବିବାଦ ଘେରରେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ଅନୁସାରେ, ମାତ୍ରାଧିକ ଲୁଣ ବ୍ୟବହାର ଯୋଗୁ ବିଶ୍ୱରେ ୧୮.୯ ଲକ୍ଷ ଲୋକ ପ୍ରତି ବର୍ଷ ପ୍ରାଣ ହରାଉଛନ୍ତି । ଏହା ଉଚ୍ଚ ରକ୍ତଚାପ ଓ ଏକାଧିକ ହୃଦ୍ ସମସ୍ୟାର କାରଣ ହୋଇଛି । ଲୁଣରେ ଥିବା ସୋଡିୟମ୍ କୋଷିକାଗୁଡ଼ିକର ସ୍ୱାଭାବିକ କାର୍ଯ୍ୟକଳାପରେ ସାହାଯ୍ୟ କରେ । କ୍ଷୀର, ମାଂସ ଓ ମାଛ ଭଳି ଅନେକ ଖାଦ୍ୟରେ ଏହା ପ୍ରାକୃତିକ ରୂପେ ମିଳେ । କିନ୍ତୁ ମାତ୍ରାଧିକ ସୋଡିୟମ୍ ହୃଦ୍‌ଘାତ, ଷ୍ଟ୍ରୋକ୍, ଅପମୃତ୍ୟୁ ଆଶଙ୍କା ବଢ଼ାଏ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟରେ ସ୍ପଷ୍ଟ କରିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବୟସ୍କଙ୍କ ପାଇଁ ଦିନକୁ ୨୦୦୦ ମିଲିଗ୍ରାମ୍‌ରୁ କମ୍ ସୋଡିୟମ୍ ଖାଇବାକୁ ସୁପାରିଶ କରିଛି । ଏହା ଗୋଟିଏ ଛୋଟ ଚାମଚଠୁ ଟିକିଏ କମ୍ । ତେବେ ପିଲାଙ୍କ ଆବଶ୍ୟକତା ଅନୁସାରେ ସୋଡିୟମ୍ ଦିଆଯିବା ଦରକାର ବୋଲି ଏହା ସ୍ପଷ୍ଟ କରିଛି । ଆୟୋଡାଇଡ୍ ଲୁଣ ଖାଇବାକୁ ମଧ୍ୟ ହୁ କହିଛି,



ଯାହା ସୁସ୍ଥ ମସ୍ତିଷ୍କ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ । ଲୁଣ ଖାଇବା ସମ୍ପୂର୍ଣ୍ଣ ବନ୍ଦ କରିବା ଅସମ୍ଭବ କିନ୍ତୁ ମାତ୍ରାଧିକ ଲୁଣ ବ୍ୟବହାର ଅଭ୍ୟାସ କମାଇବା ସହିତ ପ୍ରକ୍ରିୟାକୃତ ଖାଦ୍ୟଠୁ ଦୂରରେ ରହି ସତେଜ ଖାଦ୍ୟ ଖାଇବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପ୍ରସ୍ତାବ ଦେଇଛି ।

# ୨୧ ବର୍ଷରେ ଯୁବତୀଙ୍କ ଦରମା ୮୪ ଲକ୍ଷ

ଦୁନିଆରେ ସମସ୍ତେ ଧନୀ ହେବାକୁ ଚାହାଁନ୍ତି । ଏଥିପାଇଁ କିଏ ସଟକଟ୍ ଆପଣାନ୍ତି ତ ଆଉ କିଏ କଠିନ ପରିଶ୍ରମ କରିଥାନ୍ତି । କିନ୍ତୁ ଏମିତି ଜଣେ ଯୁବତୀ ଅଛନ୍ତି, ଯାହାଙ୍କ ଦରମା ଲକ୍ଷ ଲକ୍ଷ ଟଙ୍କା । ଜାଣି ଆଶ୍ଚର୍ଯ୍ୟ ହେବେ ଏହି ଯୁବତୀଙ୍କ ବୟସ ମାତ୍ର ୨୧ ବର୍ଷ । କିନ୍ତୁ ଦରମା ତାଙ୍କର ୮୪ ଲକ୍ଷ ଟଙ୍କା । ଏ ଖବର ନିଶ୍ଚୟ ଅବିଶ୍ୱାସ ଲାଗିପାରେ । କିନ୍ତୁ ଏହା ସତ । ୨୧ ବର୍ଷ ବୟସରେ ଏହି ଯୁବତୀ ୮୪ ଲକ୍ଷ ଟଙ୍କା ଆୟ କରୁଛନ୍ତି ନିଶ୍ଚୟ ଆଶ୍ଚର୍ଯ୍ୟର କଥା। ଖାସ୍ କଥା ହେଉଛି ଏତେ ଟଙ୍କାର ଚାକିରୀକୁ କେହି କରିବାକୁ ପସନ୍ଦ କରୁନାହାନ୍ତି । କିନ୍ତୁ ଏହି ଯୁବତୀ ଜଣକ କରୁଛନ୍ତି ଏବଂ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି । ଜାଣି ଆଶ୍ଚର୍ଯ୍ୟ ହେବେ ଯୁବତୀ ଜଣକ ସ୍ଥାୟୀ କର୍ମଚାରୀ ନୁହଁନ୍ତି ବରଂ ଜଣେ ଟ୍ରେନିଂ । ୨୧ ବର୍ଷୀୟ ଯୁବତୀ ଜଣକଙ୍କର ନାଁ ହେଉଛି ତାଲେହ ଜେନ୍ । ତାଲେହ ଜଣେ ଅଷ୍ଟ୍ରେଲିୟ ଯୁବତୀ । ସେ ଅଷ୍ଟ୍ରେଲିଆର ପର୍ଥରେ ରୁହନ୍ତି । ତାଲେହଙ୍କ କହିବା କଥା ହେଉଛି ଏଥିରେ ତାଙ୍କର ଅଭିଜ୍ଞତା ବଢିବା ସହ ଦରମା ମଧ୍ୟ ବୃଦ୍ଧି ହେଉଛି । କିନ୍ତୁ ଯେଉଁ କାମ ତାଲେହ କରନ୍ତି , ସେ କାମ ଆଉ କେହି କରିବାକୁ ଚାହିଁବେନି । କାରଣ ଏହି କାମ ଖୁବ୍ ବିପଦପୂର୍ଣ୍ଣ । ବାସ୍ତବରେ ତାଲେହ ଜଣେ ଟାୟାର ଫିଟର । ସେ ଖଣିରେ ଟାୟାର ଫିଟର ଟ୍ରେନର ଭାବେ କାମ କରୁଛନ୍ତି । ଅର୍ଥାତ୍ ଟାୟାର ଫିଟରଙ୍କ କାମ ହେଉଛି ସେ ଖଣି ଭିତରକୁ ଯାଇ ସେଠାରେ ଥିବା ମେସିନ ଗୁଡିକର ଟାୟାର ମରାମତି କରିବେ । ଏହି ଚାକିରିରେ ବହୁତ ବିପଦ ରହିଥାଏ । ତେଣୁ ଏହାର ଦରମା ଏତେ ଅଧିକ । ସେ ଲଗାତାର ୮ ମାସ ଚାକିରି କରନ୍ତି ଏବଂ ୪ ମାସ



ଛୁଟିରେ ଘରକୁ ଚାଲି ଯାଆନ୍ତି। ତାଙ୍କୁ ବାର୍ଷିକ ୮୪ ଲକ୍ଷ ଟଙ୍କା ମିଳିଥାଏ। ତାଲେହଙ୍କ କହିବାନୁସାରେ ,ମୋତେ ଏତେ ଅଧିକ ଟଙ୍କା ଏଥିପାଇଁ ଦିଆଯାଏ , ତାହା ବି ଟ୍ରେନି ଭାବେ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କ୍ଷେପଣାସ୍ତ୍ର ନୁହେଁ...

ଶହେ ଦିନରୁ ଅଧିକ ସମୟ ଅତିବାହିତ ହୋଇ ସାରିଲାଣି ଇସ୍ରାଏଲର ଗାଜା ପଟି ଉପରେ ବିଧ୍ୱଂସକାରୀ ବୋମା ବର୍ଷାକୁ, ଯାହାକୁ ଏହା ଆରମ୍ଭ କରିଥିଲା ହମାସ୍ ଉପରେ ପ୍ରତିଶୋଧ ନେବାକୁ, ହମାସ୍ ଏହା ଉପରେ ଭୟଙ୍କର ଆକ୍ରମଣ କରିବା ପରେ । ଏବେ ଏହି ଯୁଦ୍ଧ ଇସ୍ରାଏଲ ଓ ହମାସର ଲଢ଼େଇ ଭିତରେ ଆଉ ସୀମିତ ରହିନାହିଁ ; ପାଲେଷ୍ଟାଇନ୍‌ର ସୀମା ଅତିକ୍ରମ କରି ସମଗ୍ର ପଶ୍ଚିମ ଏସିଆ ଅଞ୍ଚଳକୁ କବଳିତ କରି ସାରିଲାଣି କହିଲେ ଅତ୍ୟୁକ୍ତି ହେବନାହିଁ, କାରଣ ମଙ୍ଗଳବାର ଦିନ ପାକିସ୍ତାନ, ଇରାକ୍ ଏବଂ ସିରିଆରେ ଲକ୍ଷ୍ୟଭୁକ୍ତ ସ୍ଥଳୀଗୁଡ଼ିକ ଉପରେ ଇରାନ୍‌ର କ୍ଷେପଣାସ୍ତ୍ର ମାଡ଼ ଏଭଳି ଆଶଙ୍କା ସୃଷ୍ଟି କରିଛି । ଏହି ଆକ୍ରମଣର ପରିଣତି ସ୍ୱରୂପ ପାକିସ୍ତାନର ବାଲୋଚ୍ ପ୍ରଦେଶ ଏବଂ ଏର୍‌ବିଲ୍, ଇରାକ୍ କୁର୍ଦ୍ଦିସ୍ତାନରେ ଅନେକ ସାଧାରଣ ନାଗରିକ ପ୍ରାଣ ହରାଇଛନ୍ତି । ଏହାର ଦୃଢ଼ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଇସଲାମାବାଦ୍ ଏବଂ ବାଗ୍‌ଦାଦ୍ । ବିରୋଧାଭାସର କଥା ହେଉଛି, ଏ ଉଭୟ ଦେଶଙ୍କର ତେହେରାନ୍ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି। ଇସଲାମାବାଦ୍ ଚେତାବନୀ ପ୍ରଦାନ କରିଛି ଯେ 'ପାକିସ୍ତାନର ସାର୍ବଭୌମତ୍ୱର ଏହି ଉଲ୍ଲଙ୍ଘନ ସମ୍ପୂର୍ଣ୍ଣ ଭାବରେ ଅଗ୍ରହଣୀୟ ଏବଂ ଏହାର ପରିଣତି ଭୟଙ୍କର ହୋଇପାରେ।' ଇରାକ୍ ଏହାର ରାଷ୍ଟ୍ରଦୂତଙ୍କୁ ତେହେରାନ୍‌ରୁ ପ୍ରତ୍ୟାହାର କରି ନେଇଛି ଏବଂ ଇରାନୀୟ 'ଆକ୍ରମଣ' ଉପରେ ଜାତିସଂଘର ସୁରକ୍ଷା ପରିଷଦରେ ଏହା ବିରୁଦ୍ଧରେ ଏକ ଅଭିଯୋଗ ଦାଖଲ କରିଛି। ଇସଲମାବାଦ୍ ଇରାନୀୟ ରାଷ୍ଟ୍ରଦୂତଙ୍କୁ ବହିଷ୍କାର କରିବା ସହିତ ନିଜର ରାଷ୍ଟ୍ରଦୂତଙ୍କୁ ଫେରାଇ ଆଣିଛି । ଏହି ଆକ୍ରମଣର କାରଣ ଭାବରେ ଇରାନ୍ ଯେଉଁ ଦାବି କରିଛି ଯେ ଏହା ଇରାନ୍‌ରେ ଆକ୍ରମଣରେ ସମ୍ପୃକ୍ତ ଥିବା ଆତଙ୍କବାଦୀମାନଙ୍କ ଆଡ୍‌ଡାକୁ ଧ୍ୱଂସ କରିବାକୁ ପ୍ରତିଆକ୍ରମଣ କରିଛି, ସେଥିରେ ଉଭୟ ଇରାକ୍ ଏବଂ ପାକିସ୍ତାନ ବିଶ୍ୱାସ କରୁ ନାହାନ୍ତି । ତେହେରାନ୍‌ର ଅଗ୍ରହଣୀୟ କାର୍ଯ୍ୟାନୁଷ୍ଠାନ, ଯାହା ଅସ୍ଥିରତା ସୃଷ୍ଟି କରିବା ଭଳି ପରିସ୍ଥିତିକୁ ଆମନ୍ତ୍ରଣ କରି ଆଣିଛି, ତାହା ଏହାର ଘରୋଇ ବାଧ୍ୟବାଧକତା ଦ୍ୱାରା ଅନୁପ୍ରେରିତ ହୋଇଥାଇ ପାରେ । ଜାନୁଆରୀ ୩ ତାରିଖରେ ଇରାନୀୟ ସାମରିକ ବାହିନୀର କମାଣ୍ଡର କାସିମ୍ ସୋଲେଇମାନିଙ୍କ କବର ସ୍ଥଳୀରେ ହୋଇଥିବା ବୋମା ବିସ୍ଫୋରଣ ୧୦୦ରୁ ଅଧିକ ଲୋକଙ୍କ ପ୍ରାଣ ନେଇଥିଲା, ଯେଉଁ ଆକ୍ରମଣକୁ ଇସ୍‌ଲାମିକ୍ ଷ୍ଟେଟ୍ ଘଟାଇ ଥିବା ଦାବି କରିଥିଲା । ଏହା ପୂର୍ବରୁ ଡିସେମ୍ବର ମାସରେ ପାକିସ୍ତାନକୁ ଲାଗିଥିବା ଇରାନ୍‌ର ସୀମାରେ ବାଲୋଚ ଆତଙ୍କବାଦୀମାନେ ଇରାନ୍‌ର ୧୧ ଜଣ ପୁଲିସଙ୍କୁ ହତ୍ୟା କରିଥିଲେ: ବାଲୋଚ ଆତଙ୍କବାଦୀମାନେ ଉଭୟ ପାକିସ୍ତାନ ଏବଂ ଇରାନ୍‌ରେ ସକ୍ରିୟ ରହିଛନ୍ତି, ଏବଂ ଉଭୟ ଦେଶ ଆତଙ୍କବାଦୀମାନଙ୍କୁ ନିପାତ କରିବା ପାଇଁ ପରସ୍ପର ସହିତ ହାତ ମିଳାଇଛନ୍ତି। ୨୦୧୮ରେ ଇରାନ୍‌କୁ ଆର୍ଥିକ ଅନୁଦାନ ଆସିବା ବନ୍ଦ ହେବା ପରଠାରୁ ଏହାର ଅର୍ଥନୀତି ଅତି ସଂକଟଜନକ ପରିସ୍ଥିତି ଦେଇ ଗତି କରୁଛି ; ମୁଦ୍ରାସ୍ଫୀତି ୪୦ ପ୍ରତିଶତ ହାରରେ ଗତି କରୁଛି । ସାମାଜିକ ଅସ୍ଥିରତା ଇସଲାମୀୟ ପ୍ରଶାସନକୁ ପ୍ରତିରକ୍ଷାତ୍ମକ ହେବାକୁ ବାଧ୍ୟ କରିଛି । ତେବେ ରୁଷିଆ ଏବଂ ଚୀନ୍ ସହିତ ଏହାର ନିବିଡ଼ ସମ୍ପର୍କ ତେହେରାନ୍‌କୁ ପଶ୍ଚିମ ଏସିଆରେ ଏହାର ଭାବମୂର୍ତ୍ତିକୁ ଅକ୍ଷୁଣ୍ଣ ରଖିବାର ସାହସ ପ୍ରଦାନ କରିଛି । ହମାସ୍, ହେଜବୋଲ୍ଲା ଏବଂ ହାଉଥିମାନଙ୍କୁ ଇରାନ୍‌ର ପ୍ରତିନିଧି ଭାବରେ ବିବେଚନା କରାଯାଉଛନ୍ତି– ଏ ତିନୋଟିଯାକ ଗୋଷ୍ଠୀ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଗାଜା ଯୁଦ୍ଧରେ ସମ୍ପୃକ୍ତ ଅଛନ୍ତି । ତେଣୁ ସ୍ପଷ୍ଟ ଶବ୍ଦରେ କୁହାଯାଇପାରେ ଯେ ଗାଜା ପଟିରେ ଚାଲିଥିବା ଯୁଦ୍ଧ ତେହେରାନ୍ ଏବଂ ତେଲ୍ ଆଭିଭ୍ ମଧ୍ୟରେ ଏକ ଛାୟା ଯୁଦ୍ଧରେ ପରିଣତ ହୋଇ ଚାଲିଛି । ଲୋହିତ ସାଗରରେ ଦେଖା ଦେଇଥିବା ଉତ୍ତେଜନାମୂଳକ ଅବସ୍ଥା ବିଶ୍ୱର ବହୁ ବଡ଼ ବଡ଼ ଜାହାଜ କମ୍ପାନୀଙ୍କୁ ସେହି ଜଳପଥ ଦେଇ ସେମାନଙ୍କର ପଣ୍ୟବାହୀ ଜାହାଜଗୁଡ଼ିକୁ ନ ପଠାଇ ଦକ୍ଷିଣ ଆଫ୍ରିକା ଦେଇ ପଠାଇବାକୁ ବାଧ୍ୟ କରିଛି । ପରିଣତିରେ ପଥର ଦୀର୍ଘତା ବଢ଼ିବା ସଙ୍ଗେ ସଙ୍ଗେ ପରିବହନର ଦର ବଢ଼ି ମୁଦ୍ରାସ୍ଫୀତିର ଆଶଙ୍କା ସୃଷ୍ଟି ହୋଇଛି। ଉଦାହରଣ ସ୍ୱରୂପ, ବାଂଲାଦେଶ ଏବଂ ଭାରତର ପ୍ରାଥମିକ ରିପୋର୍ଟଗୁଡ଼ିକ ସୂଚାଇଛି ଯେ ସେମାନଙ୍କର ରପ୍ତାନୀର ଦରରେ ଦ୍ରୁତ ବୃଦ୍ଧି ଦେଖା ଦେଇଛି, ଯାହା ପ୍ରକାରାନ୍ତରେ ସେମାନଙ୍କର ବିକ୍ରୟଗୁଡ଼ିକୁ ପ୍ରଭାବିତ କରିପାରେ । ଏହି ଚିନ୍ତାର କାରଣ ମଧ୍ୟ ଚଳିତ ସପ୍ତାହରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କର ତେହେରାନ୍ ଗସ୍ତରୁ ପ୍ରମାଣିତ ହୋଇଥଲା, ଯେତେବେଳେ କି ସେ ଇରାନ୍‌ର ନେତାଙ୍କୁ ଭାରତୀୟ ଜାହାଜଗୁଡ଼ିକର ନିରାପତ୍ତା ଏବଂ ଅର୍ଥନୀତି ଉପରେ ଏହାର ପ୍ରଭାବ ସମ୍ପର୍କରେ ଅବଗତ କରାଇ ଥିବା ବିଶ୍ୱାସ କରାଯାଉଛି । ଅତି ସ୍ପଷ୍ଟ ଶବ୍ଦରେ କହିଲେ, ବିଶ୍ୱର ପ୍ରମୁଖ ଖେଳାଳିମାନେ ଏବେ ବି ନିଜ ନିଜର ଅହଂଭାବ ପ୍ରଦର୍ଶନକାରୀ ଯୁଦ୍ଧରୁ ଓହରି ଯିବାକୁ ବିଳମ୍ବ ହୋଇନାହିଁ । ଇସ୍ରାଏଲ ସମ୍ମୁଖରେ ଆମେରିକା ନିଜର ମତ ରଖିବାର ଆବଶ୍ୟକତା ରହିଛି ଯେ ଗାଜାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧ୍ୱଂସର ଲୀଳା ଚଳାଇ ରଖିବାରେ ଏହା ତାକୁ ସମର୍ଥନ କରିବ ନାହିଁ । ଲୋହିତ ସାଗରରେ ସେମାନଙ୍କର ଆକ୍ରମଣକୁ ବନ୍ଦ ରଖିବାକୁ ଇରାନ୍ ହାଉଥମାନଙ୍କ ଉପରେ ଚାପ ପ୍ରୟୋଗ କରିବା ଉଚିତ । ଆମେରିକା, ଇରାନ୍, ଇସ୍ରାଏଲ ଏବଂ ଅନ୍ୟମାନେ ଅନ୍ୟ ଦେଶମାନଙ୍କର ସୀମାଗତ ଅଖଣ୍ଡତାକୁ ଉଲ୍ଲଙ୍ଘନ କରିବାରୁ ନିବୃତ୍ତ ହେବା ଉଚିତ। କହିବା ବାହୁଲ୍ୟ, ଏହି ଅଞ୍ଚଳ ଏବଂ ସମଗ୍ର ବିଶ୍ୱ ବର୍ତ୍ତମାନ ଖଣ୍ଡାଧାରରେ ଚାଲିବା ଭଳି ଚାଲୁଛି । ବିପଦକୁ ଏଡ଼ାଇବା ନିମନ୍ତେ ସମୟର ଜରୁରୀ ଆବଶ୍ୟକତା ହେଉଛି କୂଟନୀତି, କ୍ଷେପଣାସ୍ତ୍ର ନୁହେଁ ।



## ଶାମ୍ବ ଦଶମୀ ଓ ସୂର୍ଯ୍ୟ ଉପାସନା

ଡକ୍ଟର ଶରତ୍ ଚନ୍ଦ୍ର ମିଶ୍ର



ସୂର୍ଯ୍ୟ ହେଉଛନ୍ତି ଜଗତ ସୃଷ୍ଟିର କାରଣ। ସେ ସକଳ ଶକ୍ତିର ଆଧାର । ତାଙ୍କ ଯୋଗୁଁ ଋତୁ ପରିବର୍ତ୍ତନ, ଦିନରାତି ଓ ଜୀବ-ଜଗତର ସୃଷ୍ଟି ସମ୍ଭବ ହେଉଛି । ସୂର୍ଯ୍ୟଙ୍କ ବିନା ଏ ସୃଷ୍ଟି କଳ୍ପନାତୀତ । ଏହା ବି ବୈଜ୍ଞାନିକ ସତ୍ୟ, ସୂର୍ଯ୍ୟ ହିଁ ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି କର୍ତ୍ତା । ସେ ଜଗତ ପିତା, ସେ ଧର୍ମ ଦେବତା । ସୂର୍ଯ୍ୟ ହିଁ ଆମ ପବିତ୍ର 'ଓଁ'କାର ଧ୍ୱନି । ଅତଏବ ବୈଦିକ ବୀଜମନ୍ତ୍ର 'ଓଁ'କାର ଧ୍ୱନି ହିଁ ସୂର୍ଯ୍ୟଙ୍କର ସ୍ୱରୂପ । 'ଗାୟତ୍ରୀ' ଓ 'ସାବିତ୍ରୀ' ମନ୍ତ୍ରର ଇଷ୍ଟ ହେଉଛନ୍ତି ସୂର୍ଯ୍ୟନାରାୟଣ । ଆଦିମ ଅଧିବାସୀମାନେ ସୂର୍ଯ୍ୟଙ୍କୁ 'ଧର୍ମ ଦେବତା' ଓ ପୃଥିବୀକୁ 'ଧରିତ୍ରୀ ମାତା' ରୂପେ ପୂଜା କରି ଆସୁଛନ୍ତି । ଆର୍ଯ୍ୟମାନେ ବି ସୂର୍ଯ୍ୟଙ୍କୁ 'ଜଗତ୍‌ପିତା' ପ୍ରଜାପତି ରୂପେ ଉପାସନା କରନ୍ତି । ନିରାକାରବାଦୀଙ୍କର ସୂର୍ଯ୍ୟ ହିଁ ଏକମାତ୍ର ଇଷ୍ଟ ଦେବତା । ମୂର୍ତ୍ତିପୂଜା ବିରୋଧୀ ଶିଖ୍, ଖ୍ରୀଷ୍ଟିଆନ୍, ମୁସଲମାନ ଓ ମହିମା ଧର୍ମାବଲମ୍ବୀ ମାନେ ସୂର୍ଯ୍ୟଙ୍କୁ ନିରାକାର ଓ ନିରଞ୍ଜନ ରୂପରେ ଉପାସନା କରନ୍ତି । ଅର୍ଥାତ୍ ସୂର୍ଯ୍ୟ ସମସ୍ତଙ୍କର ପ୍ରିୟ ଓ ପୂଜ୍ୟ । ସେ ସର୍ବଶକ୍ତିମାନ, ସର୍ବରୋଗ ହାରରୀ, ସମସ୍ତ ଶୋକ ଓ ଦୁଃଖର ନିବାରକ, ପରମ ଈଶ୍ୱର, ସର୍ବ ପୂଜ୍ୟ । ତେଣୁ ସେ 'ଗଣସୂର୍ଯ୍ୟ' ।

ସୂର୍ଯ୍ୟ ଉପାସନାରୁ ଧର୍ମର ଆଦ୍ୟ ଅଭିବ୍ୟକ୍ତି ଘଟିଛି ବୋଲି କହିଛନ୍ତି ବିଶ୍ୱର ଶ୍ରେଷ୍ଠ ଦାର୍ଶନିକ 'ମ୍ୟାକ୍ସମୁଲାର' । ଅତୀତରେ ମିଶର, ଜାପାନ ଓ ମେକ୍‌ସିକୋରେ ସୂର୍ଯ୍ୟ ଉପାସନାର ପ୍ରଚଳନ ଥିଲା ଓ କ୍ରମଶଃ ଏହା ବିଶ୍ୱରେ ପ୍ରସାର ଘଟିଥିଲା । ସେତେବେଳେ ସୂର୍ଯ୍ୟ କେବଳ 'ଧର୍ମ- ଦେବତା' ନଥିଲେ, ଗଣିତ ତଥା ଜ୍ୟୋର୍ତିବିଦ୍ୟାର ସେ ଥିଲେ ଆଧାର । ବୈଦିକ ଯୁଗରେ ବି 'ସୂର୍ଯ୍ୟ' ପ୍ରଧାନ ଆରାଧ୍ୟ ଦେବତା ଥିଲେ । ଅର୍ଥାତ୍ 'ସୃଷ୍ଟି-ସ୍ଥିତି ଓ ପ୍ରଳୟର' ମୂଳାଧାର ହେଉଛନ୍ତି ସୂର୍ଯ୍ୟ ଦେବତା । ସେ 'ଆଦ୍ୟ-ଦେବତା' ବା 'ଆଦି- ଦେବତା' । ଋକ୍ ବେଦ, ଅଥର୍ବ ବେଦ, ବୌଦ୍ଧ ଜାତକ, ଜୈନ ଶାସ୍ତ୍ର, ଶୈବ ଶାକ୍ତ, ଗାଣପତ୍ୟ, ସୌର ବୈଷ୍ଣବ ଓ ମହିମା ଧର୍ମରେ ବି ସୂର୍ଯ୍ୟ ବନ୍ଦନା ପରିଲକ୍ଷିତ ହୋଇଥାଏ । ସେ ଯେ 'ସମସ୍ତ ବିଶ୍ୱ ବ୍ରହ୍ମାଣ୍ଡରେ ଶକ୍ତି ସ୍ୱରୂପ' ଏକଥାକୁ ପ୍ରତ୍ୟେକ ବିଶ୍ୱବାସୀ ଗହଣ କରନ୍ତି, ମାନନ୍ତି ଓ ସମ୍ମାନ ବି କରନ୍ତି। ସୂର୍ଯ୍ୟ ହେଉଛନ୍ତି ସତ୍ତ୍ୱ, ରଜଓ ତମ ତ୍ରିଗୁଣର ପ୍ରତୀକ । ଅତଏବ ଉଦଳା କାଳୀନ ସୂର୍ଯ୍ୟ 'ବ୍ରହ୍ମା' ଅସ୍ତକାଳୀନ ସୂର୍ଯ୍ୟଙ୍କୁ 'ବିଷ୍ଣୁ' ଓ ମଧ୍ୟାହ୍ନ କାଳୀନ ସୂର୍ଯ୍ୟଙ୍କୁ 'ମହେଶ୍ୱର' ରୂପେ ଆଦିତ୍ୟ ହୃଦୟ ସ୍ତୋତ୍ରରେ ବର୍ଣ୍ଣନା କରାଯାଇଛି । ତେଣୁ ସୂର୍ଯ୍ୟଙ୍କୁ ପ୍ରାର୍ଥନା କରାଯାଏ- 'ଅସତୋ ମାଂ ସଦ୍‌ଗମୟ, ତମସୋ ମାଂ ଜ୍ୟୋତିର୍ଗମୟ, ମୃତତ୍ୟାର୍ମାଂ ଅମୃତଂ ଗମୟ ।' ଅର୍ଥାତ୍ 'ହେ ପ୍ରଭୁ ଭଗବାନ ସୂର୍ଯ୍ୟ ଆମକୁ ଅସତ୍‌ରୁ ସତ୍‌କୁ, ଅନ୍ଧାରରୁ ଆଲୋକକୁ ଏବଂ ମୃତ୍ୟୁରୁ ଅମରତ୍ୱକୁ ନେଇ ଯାଆନ୍ତୁ ।

ବୈଦିକ ଯୁଗରୁ ଆମ ଦେଶରେ 'ସୌର ଉପାସନା'ର ବିଧାନ ପ୍ରଚଳିତ ଥିଲେ ବି ସୂର୍ଯ୍ୟଙ୍କର ମୂର୍ତ୍ତିପୂଜାର ବିଧି ନଥିଲା । ଆକାଶରେ ଥିବା ସୂର୍ଯ୍ୟଙ୍କୁ ଦର୍ଶନ କରି ଧ୍ୟାନ ଓ ଉପାସନା କରାଯାଉଥିଲା । ସୂର୍ଯ୍ୟଙ୍କୁ ନମସ୍କାର କରିବା ଥିଲା ଶ୍ରେଷ୍ଠ ଭକ୍ତି ଓ ବିଧି । ଦ୍ୱାପର ଯୁଗରେ ଶ୍ରୀକୃଷ୍ଣଙ୍କ ପୁତ୍ର ଶମ୍ବ ସୂର୍ଯ୍ୟ ପୂଜା କରି ଶାପମୁକ୍ତ ହେବା ପରଠାରୁ ସୂର୍ଯ୍ୟ ମୂର୍ତ୍ତି ପୂଜାର ବିଧି ପ୍ରଚଳନ ।

ଦ୍ୱାପର ଯୁଗର କଥା । ଶ୍ରୀକୃଷ୍ଣଙ୍କ ଔରସରୁ ଓ ଜାମ୍ବବତୀଙ୍କ ଗର୍ଭରୁ ଜାତ ହୋଇଛନ୍ତି ଅତ୍ୟନ୍ତ ସୁନ୍ଦର ପୁତ୍ର 'ଶାମ୍ବ' । ଏକଦା ଅନ୍ତଃପୁର ମଧ୍ୟରେ ଶ୍ରୀକୃଷ୍ଣ ସତ୍ୟଭାମାଙ୍କ ସହ ପ୍ରେମାଳାପରେ ମଗ୍ନ ଥିବା ସମୟରେ ଦ୍ୱାରଦେଶରେ 'ଶାମ୍ବ'ଙ୍କୁ ଜଣାଇ ଦେଇଥିଲେ ଓ ଆଦେଶ ଦେଇଥିଲେ 'ବାହାରକୁ ଅନ୍ତଃପୁରକୁ ନ ଛାଡ଼ିବା ପାଇଁ । ଏହି ସମୟରେ ମହର୍ଷି ଦୁର୍ବାସା ଦ୍ୱାରଦେଶରେ ଉପନୀତ ହୋଇ ଶ୍ରୀକୃଷ୍ଣଙ୍କୁ ଦର୍ଶନ ଚାହିଁଲେ । ଶାମ୍ବ ଋଷିଙ୍କ କ୍ରୋଧରୁ ନିସ୍ତାର ପାଇଁ, ଭୟଭୀତ ହୋଇ କୃଷ୍ଣଙ୍କୁ ଡାକିଦେଲେ । ଶ୍ରୀକୃଷ୍ଣ ବିରକ୍ତ ହୋଇ ଶାମ୍ବଙ୍କୁ- କୁଷ୍ଠ ରୋଗ ହେଉ ବୋଲି ଅଭିଶାପ ଦେଇଦେଲେ । ପରେ କୃଷ୍ଣ ସମସ୍ତ କଥା ଅବଗତ ହୋଇ ଖୁବ୍ ଅନୁତାପ କଲେ । ପୁତ୍ରକୁ କୁଷ୍ଠ ରୋଗରୁ ମୁକ୍ତି ପାଇଁ ଗୁରୁ ଦୁର୍ବାସାଙ୍କ ସହ ପରାମର୍ଶ କଲେ ଓ ଋଷି ତାହାର ବାଟ ବି ବତାଇ ଦେଲେ । ଦୁର୍ବାସା କହିଲେ- 'ହେ ପ୍ରଭୁ! ପ୍ରତି ରେଣୁକଣା ଯାହାର ପବିତ୍ର, ସେହି ସୂର୍ଯ୍ୟ ଦେବଙ୍କୁ ଉପାସନା କଲେ ପୁତ୍ର ଶାମ୍ବ ଅବଶ୍ୟ ରୋଗ ମୁକ୍ତ ହୋଇପାରିବେ । ଭାରତର ପୂର୍ବ ଉପକୂଳ ଚନ୍ଦ୍ରଭାଗା ନଦୀର ସୁରମ୍ୟ ମୈତ୍ରେୟ ବନରେ ଯାଇ କଠୋର ଉପାସନା କରିଥିଲେ । ନାରଦଙ୍କ ଠାରୁ ପାଇଥିବା 'ଯୋଗମନ୍ତ୍ର'କୁ ଶାମ୍ବ ବାରମ୍ବାର ଉଚ୍ଚାରଣ କରିଥିଲେ । ସୂର୍ଯ୍ୟଙ୍କର ପୂଣ୍ୟ କିରଣ, ସାଗର ବେଳାର ପବିତ୍ର ବାହୁହିରୋଳ ଓ ସମୁଦ୍ରର ପବିତା ତଥା ଶୁଦ୍ଧ ଜଳସ୍ପର୍ଶରେ ଶାମ୍ବଙ୍କର ଶରୀର କ୍ଷତ ସବୁ କ୍ରମଶଃ ପୂର୍ଣ୍ଣ ହେବାକୁ ଲାଗିଲା । ସେ ସୁସ୍ଥ ହେଲେ । ସୂର୍ଯ୍ୟ ଦେବତା ସନ୍ତୁଷ୍ଟ ହୋଇ ସ୍ୱପ୍ନାଦେଶ ଦେଲେ.. 'ମର୍ତ୍ତ୍ୟଲୋକରେ ମୋର ମନ୍ଦିର ନିର୍ମାଣ କରି କ୍ଷେତ୍ର ସ୍ଥାପନ କରିବ, ସେ ସନାତନ ଲୋକ ପ୍ରାପ୍ତ ହେବ ।' ଠିକ୍ ତା' ପରଦିନ ଶାମ୍ବ ଚନ୍ଦ୍ରଭାଗା ନଦୀ ତୀର୍ଥରେ ସ୍ନାନ ବେଳେ ନଦୀ ଗର୍ଭରୁ ଏକ ମଣି ବିଗ୍ରହ ପାଇଲେ, ଏହା ଥିଲା ସୂର୍ଯ୍ୟଙ୍କର ଏକ ଦ୍ୱିଭୂଜ ଓ ପଦ୍ମଲାଞ୍ଛିତ ପ୍ରତିଜ୍ଞା । ସେ ଚନ୍ଦ୍ରଭାଗା ନଦୀକୂଳରେ ମନ୍ଦିରଟିଏ ନିର୍ମାଣ କରି ତାଙ୍କୁ ସ୍ଥାପନ କଲେ । ଏହା ବୋଧହୁଏ ମର୍ତ୍ତ୍ୟଲୋକରେ ପ୍ରଥମ ସୂର୍ଯ୍ୟପୂଜାର କାହାଣୀ । ଏହି ଦିନଟି ଥିଲା ପୌଷ ଶୁକ୍ଳପକ୍ଷ ଦଶମୀ । ଯାହାକି 'ଶାମ୍ବଦଶମୀ' ନାମରେ ପରିଚିତ ।

ଶାମ୍ବ ଦଶମୀର ମୂଳ ସୂତ୍ର ହେଉଛି 'ସୂର୍ଯ୍ୟ ପୂଜା' ବା 'ସୂର୍ଯ୍ୟ ଉପାସନା' ଶାମ୍ବ ଦଶମୀ ପୌଷ ଶୁକ୍ଳ ଦଶମୀ ଦିନ ପାଳନ କରାଯାଏ । 'କୁମାର ପୂର୍ଣ୍ଣିମା' ଯେପରି 'ଚନ୍ଦ୍ରଙ୍କର ଏକ ପୂଜା ଦିବସ, ଠିକ୍ ସେହିପରି 'ଶାମ୍ବ ଦଶମୀ' ହେଉଛି ସୂର୍ଯ୍ୟଙ୍କର ଏକ ପର୍ବର ଦିନ । ଭାରତରେ ପୁଣି ଆମ ଓଡ଼ିଶାରେ ବାରମାସରେ ବିଭିନ୍ନ ପର୍ବପର୍ବାଣି ପାଳିତ ହୋଇଥାଏ । ତେବେ ଶ୍ରାବଣ ମାସର 'ଚିତାଲାଗି ଅମାବାସ୍ୟା'ଠାରୁ ପୌଷ ଶୁକ୍ଳପକ୍ଷ 'ଶାମ୍ବ ଦଶମୀ' ମଧ୍ୟରେ ଅନେକ ପର୍ବପର୍ବାଣୀ ପାଳିତ ହୁଏ । ଏଣୁ ଓଡ଼ିଶାର ଗାଁ ଗହଳିରେ ଏକ ଢଗ ଅଛି - 'ଅଇଲା ଚିତୋଉ ନାନୀ, ବାରଓଷା ତେର ପରବ ଘେନି । ଶାମ୍ବର ଦଶମୀ ଅଲଣା ଜାଉ, ସବୁ ଓଷା ବାର ଏଇଠି ଥାଉ ।'

ଏହି ପବିତ୍ର ଦିନରେ ଓଡ଼ିଶାର ପ୍ରତ୍ୟେକ ହିନ୍ଦୁନାରୀମାନେ ନିଜ ସନ୍ତାନ ତଥା ପରିବାରର ପ୍ରତ୍ୟେକ ସଦସ୍ୟଙ୍କର ଶୁଭ ଓ ମଙ୍ଗଳ କାମନା କରି ଶାମ୍ବ ଦଶମୀ ପର୍ବକୁ ନିଷ୍ଠାର ସହ ପାଳନ କରିଥାନ୍ତି । ଏହି ପର୍ବର ପ୍ରଧାନ ବିଶେଷତ୍ୱ ହେଉଛି, ସୂର୍ଯ୍ୟଙ୍କର ଆକାଶରେ ତିନି ସ୍ଥିତିକୁ ଲକ୍ଷ୍ୟକରି ଘରେ ଘରେ ତିନି ପ୍ରକାରର ପୂଜା (ଧୂପ) ଅନୁଷ୍ଠିତ ହୋଇଥାଏ । ପ୍ରଥମେ ସୂର୍ଯ୍ୟୋଦୟ ସମୟରେ ଯେଉଁ ପୂଜା ହୁଏ ତାହାକୁ 'ବାଳ-ଧୂପ' କୁହାଯାଏ । ହିନ୍ଦୁ ନାରୀମାନେ ଶୃତିମନ୍ତ ଓ ଶୁଦ୍ଧପୂତ ହୋଇ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବା ସହ ନୈବେଦ୍ୟ ବାନ୍ଧନ୍ତି । ସୂର୍ଯ୍ୟୋଦୟ ପୂର୍ବରୁ ତୁଳସୀ ଚଉରା ମୂଳେ ସୁଦ୍ଧ କରି (ଗୋବର- ପାଣିରେ ହେଉଛି ଶୁଦ୍ଧତାର ପ୍ରତୀକ, ଏଣୁ ଗୋବରରେ, ଚଉରା ଚାରିପାଖକୁ ଲିପି ବା ଛେରା ପହଁରା କରିବା) ସେଥିରେ ହଳଦୀ ରଙ୍ଗରେ ମୁରୁଜ ପକାନ୍ତି । ସୁଦ୍ଧ ଆସନ (ଖଟୁଲି)ରେ ଗୁଆ ସ୍ଥାପନ କରି ସୂର୍ଯ୍ୟଙ୍କୁ ଆବାହନ କରନ୍ତି । କେହି କେହି କଳା ପ୍ରବୀଣା ଗୃହିଣୀମାନେ ରକ୍ତ ବର୍ଣ୍ଣର ମୁରୁଜରେ ସୂର୍ଯ୍ୟଙ୍କର ରଥ ତିଆରି କରି ସୂର୍ଯ୍ୟଙ୍କୁ ଗୁଆ ମଧ୍ୟରେ ପ୍ରତୀକ ରୂପେ ସେଠାରେ ଅବସ୍ଥାନ କରାନ୍ତି। ସକାଳ ଧୂପରେ ବିଭିନ୍ନ ପ୍ରକାର ଫଳ ଓ ନାନା ମିଠା ଭୋଗ ଦିଆଯାଏ । ଦ୍ୱିତୀୟ ଧୂପଦିନ ବାରଟାରେ ଅର୍ଥାତ୍ ଦ୍ୱିପ୍ରହର ସମୟରେ ହୋଇଥାଏ । ରନ୍ଧନ ନିପୁଣା କୁଳବଧୂ ଯତ୍ନ ଓ ଭକ୍ତିର ସହ ପିଠା ଓ ତରକାରୀ ପ୍ରସ୍ତୁତ କରନ୍ତି । ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ ସଦ୍ୟ ଅମଳ ହୋଇଥିବା ଅରୁଆ ଚାଉଳ ଓ ବିରି ସହ ଦୁଗ୍ଧ, ଘୃତ ଓ ଗୁଡ଼ ପକାଇ ନାନାଦି ସ୍ୱାଦିଷ୍ଟ ପିଠା ପ୍ରସ୍ତୁତ କରନ୍ତି । ଶସ୍ୟ ଓ ଗୋମାତା ଚାଷୀର ମୁଖ୍ୟ ସମ୍ବଳ ହୋଇଥିବାରୁ ଗୁଆ ଘିଅରେ ସମସ୍ତ ପିଠା ପ୍ରସ୍ତୁତ ହୁଏ । ପରିବାରର ପୁଅ ଝିଅ ସମେତ ସମସ୍ତ ସଦସ୍ୟଙ୍କର ମଙ୍ଗଳ ମନାସି ଓ ଶୁଭ କାମନା କରି ପ୍ରତ୍ୟେକଙ୍କ ପାଇଁ ଗୋଟିଏ ଗୋଟିଏ ପିଠା ଭୋଗ ଭାବେ ଦିଆଯାଏ । ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ସହ ଏପରିକି ପରଗୋତ୍ର ହୋଇଥିବା ବିବାହିତା କନ୍ୟାକୁ ମଧ୍ୟ ଏଥିରେ ସାମିଲ କରାଯାଏ । ତେଣୁ ଏହି ପର୍ବରେ ସଂହତିର ସଙ୍କେତ ବି ଆମେ ପାଇଥାଉଁ । ତୃତୀୟ ଧୂପଟି ସୂର୍ଯ୍ୟାସ୍ତ ବା ଗୋଧୂଳି ବେଳାରେ ସମାପ୍ତ କରାଯାଏ, ଯେପରିକି ବିଲୁଆ ନ ଭୁକିବା ପୂର୍ବରୁ ଏଥିରେ ଖେଚୁଡ଼ି, ଖିରି ସହ ଘଡ଼ଘଡ଼ିଆ ତରକାରୀ ଓ ମିଷ୍ଟାନ୍ନ ସମର୍ପଣ ହୁଏ । ତୈଳ ନିର୍ମିତ ପଦାର୍ଥ ଭକ୍ଷଣ ଏହି ଦିନ ନିଷେଧ କରାଯାଇଥାଏ ।

ଶାମ୍ବ ଦଶମୀ ହେଉଛି ସୂର୍ଯ୍ୟ ଉପାସନାର ଏକ ମାର୍ଗ । ବିଜ୍ଞାନ ଦୃଷ୍ଟିରୁ ବିଚାର କଲେ ବାଳ ସୂର୍ଯ୍ୟକିରଣରେ ରୋଗ ମୁକ୍ତି ଓ ନିବାରକ ଶକ୍ତିର କ୍ଷମତା ରହିଛି ପୁଣି ମଧ୍ୟାହ୍ନ, ଦିପ୍ତିମାନ ସୂର୍ଯ୍ୟ କିରଣକୁ ଲକ୍ଷ୍ୟ କଲେ ଦୃଷ୍ଟିଶକ୍ତି ତୀକ୍ଷଣ ହୁଏ । ସୂର୍ଯ୍ୟଙ୍କ କିରଣରେ ଜୀବଜଗତ ଜୀବନୀ ଶକ୍ତି ଲାଭ କରେ । ମନୁଷ୍ୟର ସମସ୍ତ ପ୍ରକାରର ରୋଗ ବିନାଶ ହୁଏ । ଏଣୁ ସୂର୍ଯ୍ୟ ପ୍ରତ୍ୟେକ ଜୀବର ମୁଖ୍ୟତଃ ଆମର ଅଭିବୃଦ୍ୟ ଅଂଶ ବିଶେଷ । ଏ ସବୁକୁ ବିଚାରକୁ ନେଇ ଓ ସୂର୍ଯ୍ୟ ପୂଜାର ପ୍ରଚାର ଏବଂ ପ୍ରସାର ପାଇଁ ଶାମ୍ବ ପ୍ରଥମ ସୂର୍ଯ୍ୟ ମନ୍ଦିର ଚନ୍ଦ୍ରଭାଗା ନଦୀ କୂଳରେ, ଦ୍ୱିତୀୟଟି ଯମୁନା କୂଳରେ ଓ ତୃତୀୟଟି ପଦ୍ମାସିର ଚେନାବ ନଦୀକୂଳରେ ମୂଳପନ ଠାରେ (ଯାହା ଏବେ ପାକିସ୍ତାନରେ) ନିର୍ମାଣ କରିଥିଲେ । ଏବେ ଆମ ଓଡ଼ିଶାର ଭଦ୍ରକର ପାଳିଆବିନ୍ଧାଠାରେ, ଭୁବନେଶ୍ୱରର ଖଣ୍ଡଗିରିରେ ଓ ମୟୂରଭଞ୍ଜର ଖିଚିଂଠାରେ ସୂର୍ଯ୍ୟ ମନ୍ଦିରମାନ ନିର୍ମିତ ହୋଇଛି । ଶାମ୍ବ ଦଶମୀର ଲୋକାଚାର ଦିଗଟି ଯାହା ହେଉନା କାହିଁକି ଏହାର ଧର୍ମଦର୍ଶନ ଓ ବିଜ୍ଞାନାଶ୍ରୟୀ ଦିଗଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କ୍ଷିତି, ଅପ୍, ତେଜ୍, ମରୁତ ଓ ବ୍ୟୋମରେ ଗଠିତ ସମସ୍ତ ଜୀବଜଗତ ସୂର୍ଯ୍ୟଙ୍କ ବିନା ତିଷ୍ଠିବା ଅସମ୍ଭବ । ସୂର୍ଯ୍ୟ ଶକ୍ତିର ଉପଯୋଗ ଦ୍ୱାରା ଆମେ ସୁସ୍ଥ, ନିରୋଗ ହେବା ସହ ସୂର୍ଯ୍ୟାଲୋକକୁ ଉପଯୋଗ କରି ଆମେ ପ୍ରଗତି ପାହାଚରେ ଆଗେଇ ପାରିବା ଏହାହିଁ 'ଶାମ୍ବ ଦଶମୀ' ପର୍ବପାଳର ପ୍ରଚାର ଉଦ୍ଦେଶ୍ୟ ଓ ମୂଳତତ୍ତ୍ୱ ।

ପ୍ରଜ୍ଞାନୀଡ଼
ବସନ୍ତ ବିହାର, ଶୋଭାରାମପୁର,
ବାଲେଶ୍ୱର-୭୫୬୦୦୧
ମୋ:୮୮୯୫୯୮୮୮୮୪



## ପୁରୁଷୋତ୍ତମ ଓ ମହାପୁରୁଷ

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଭଗବାନ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ପୁରୁଷୋତ୍ତମ ଯିଏ ଆସନ୍ତି ସେ ବିଶ୍ୱଶିକ୍ଷକ । ତାଙ୍କର ଏକ ସର୍ବତୋମୁଖୀ ବିକାଶ ଥାଏ । ସେ ଆସନ୍ତି ସମଗ୍ର ଦୁନିଆ ପାଇଁ, ବୈଧୀ-ବିଧାୟନୀ ତତ୍ପରତାରେ ଜୀବନର ସମସ୍ତ ଦିଗରେ ସମାଧାନ ଦେବା ପାଇଁ । ସେ ପ୍ରାଚୀନରେ ସଙ୍ଗତିଶୀଳ । ସେ ବୈଶିଷ୍ଟ୍ୟପାଳୀ ଆପୂରୟମାଣ । କୌଣସି ମହାପୁରୁଷ ଯଦି ସେହି ପୁରୁଷୋତ୍ତମଙ୍କୁ ସ୍ୱୀକାର ନ କରନ୍ତି, ତାଙ୍କ ଠାରେ ଯୁକ୍ତ ନ ହୁଅନ୍ତି, ତାହା ଠିକ୍ ନୁହେଁ । ମହାପୁରୁଷ ମାନେ ଲଙ୍କକ୍ଷଲସକ୍ଷକ୍ଷରକ୍ସ ଖ୍ପଷର ଶକ୍ସରବଖ୍ପ (ଫୁଲ ଫିଲର ଦ ଗ୍ରେଟ) ଓ ପୁରୁଷୋତ୍ତମ ମାନେ ଲଙ୍କକ୍ଷଲସକ୍ଷକ୍ଷରକ୍ସ ଖ୍ପଷର ଭରଖ୍ପଖ୍ପ (ଫୁଲ ଫିଲର ଦ ବେଷ୍ଟ)। ମହାପୁରୁଷମାନଙ୍କ ମଧ୍ୟରେ ଗୋଟିଏ ବା କତିପୟ ଦିଗ ପ୍ରଜ୍ୱଳିତ ହୁଏ କିନ୍ତୁ ପୁରୁଷୋତ୍ତମଙ୍କ ମଧ୍ୟରେ ରହିଥାଏ ଜୀବନର ସମସ୍ତ ଦିଗ । ଅନେକ ଅର୍ଥନୀତି, ବେଦାନ୍ତ, କର୍ମ, ଜ୍ଞାନ ବା ଭକ୍ତି କୌଣସି ଗୋଟିଏ ଦିଗକୁ ବଡ଼ କରି ଉଠାନ୍ତି । କିନ୍ତୁ ଜୀବନର ସମଗ୍ରତାରେ ତାର ସର୍ବତୋସଙ୍ଗତ ପ୍ରୟୋଗ, ପ୍ରକାଶ ଓ ବିନ୍ୟାସ ସେମାନେ ଦେଖାଇ ପାରନ୍ତି ନାହିଁ । ଶ୍ରୀକୃଷ୍ଣ ଓ ଶ୍ରୀ ରାମଚନ୍ଦ୍ରଙ୍କ ମଧ୍ୟରେ ସର୍ବତୋମୁଖୀ ସମାଧାନ ମିଳେ । ଅନେକ ଅର୍ଦ୍ଧ-ତ୍ରିହସ୍ତ ବା ସାଢ଼େ ତିନିହାତ ପରିମିତ ମଣିଷକୁ ମାନନ୍ତି ନାହିଁ, କିନ୍ତୁ ତାଙ୍କର ଭାବବାଦକୁ ମାନନ୍ତି । ସେଥିରେ କିନ୍ତୁ ଅସଙ୍ଗତି ଓ ଅସମ୍ପୂର୍ଣ୍ଣତା ରହିଯାଏ । ଅନେକ ଅଛନ୍ତି ବୃନ୍ଦାବନର ଶ୍ରୀକୃଷ୍ଣଙ୍କୁ ମାନନ୍ତି କିନ୍ତୁ ପାର୍ଥସାରଥୀ ଶ୍ରୀକୃଷ୍ଣଙ୍କୁ ମାନନ୍ତି ନାହିଁ । ଏହିପରି ଭାବରେ ନେଲେ ଚଳିବ ନାହିଁ । ସେମାନଙ୍କୁ ସମଗ୍ରତାରେ ନେବାକୁ ହେବ ବିଶ୍ଳେଷଣୀ ଓ ସଂଶ୍ଳେଷଣୀ ତାତ୍ପର୍ଯ୍ୟରେ । ପୁରୁଷୋତ୍ତମ ନିଜ ସମ୍ବନ୍ଧରେ ନିଜେ ଘୋଷଣା କରନ୍ତି ନାହିଁ । ତାଙ୍କର ଚରିତ୍ର ହିଁ ଘୋଷଣା କରେ । ଅଗ୍ନି କଣ କୁହେଁ-ମୁଁ ଅଗ୍ନି । ଅବତାର ନାହିଁ କୁହେଁ ମୁହିଁ ଅବତାର । ଭଗବାନ ଶ୍ରୀକୃଷ୍ଣ କହିଛନ୍ତି - ତୁମେ ଯାହା ମୁଁ ମଧ୍ୟ ତାହା । ତୁମେ ମଧ୍ୟ ଏହା ଆଗରୁ ଆସିଛ, ମୁଁ ମଧ୍ୟ ଏହା ଆଗରୁ ଆସିଛି । ତେବେ ପ୍ରଭେଦ ଏହା ଯେ ତୁମେ ତାହା ଜାଣ ନାହିଁ, ମୁଁ ତାହା ଜାଣେ । ଏହି ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଆଲୋକ ଯେପରି କହିପାରେନା ମୁଁ ଆଲୋକ, ପବନ ଯେପରି କହିପାରେନା ମୁଁ ପବନ, କ୍ଷିତି ଯେପରି କହିପାରେନା ମୁଁ କ୍ଷିତି, ସେହିପରି ଯାହାଙ୍କ ଅନ୍ତରରେ ଭଗବତା ଉଦ୍‌ଭିନ୍ନ ହୋଇଛି, ସେ ମଧ୍ୟ କହିପାରନ୍ତି ନାହିଁ - ମୁଁ ଭଗବାନ। ଯେପରି ତୁମେ ତୁମକୁ ଦେଖିପାରନାଁ ତୁମେ କିପରି, ତାହା ତୁମେ କହି ପାରନା, ଅନ୍ୟମାନେ ତୁମପ୍ରତି ଯେପରି ସେହିପରି ତୁମକୁ ବୋଧ କରେ ଓ କୁହେ, ତେଣୁ ତାଙ୍କ ପ୍ରତି ସଶ୍ରଦ୍ଧ ଯେଉଁମାନେ ସେମାନଙ୍କ ନିକଟରୁ ତାଙ୍କର ପରିଚୟ ନେବାକୁ ହୁଏ, ସଙ୍ଗତିଶୀଳ ସୁମମୀକ୍ଷବୋଧ - ତାତ୍ପର୍ଯ୍ୟ ନେଇ, କାରଣ ଯେ ଯେଉଁଥିରେ ଯେପରି ସଶ୍ରଦ୍ଧ ତା ସମ୍ବନ୍ଧରେ ଜ୍ଞାନ ମଧ୍ୟ ତାର ସେହିପରି। ଏକପ୍ରକାର ପରମଗୁରୁ ଥାଆନ୍ତି - ଯେପରି ଶ୍ରୀରାମଚନ୍ଦ୍ର, ଶ୍ରୀକୃଷ୍ଣ, ଓ ଶ୍ରୀବୁଦ୍ଧ, ଶ୍ରୀଯୀଶୁ, ଶ୍ରୀମହମ୍ମଦ, ଶ୍ରୀଚୈତନ୍ୟ ଓ ଶ୍ରୀରାମକୃଷ୍ଣ - ଏମାନଙ୍କୁ କୁହାଯାଏ ଲଙ୍କକ୍ଷଲସକ୍ଷକ୍ଷରକ୍ସ ଖ୍ପଷର ଭରଖ୍ପଖ୍ପ (ଫୁଲ ଫିଲର ଦ ବେଷ୍ଟ) ବା ପୁରୁଷୋତ୍ତମ । ଆଉ ମହାପୁରୁଷ ବା ଲଙ୍କକ୍ଷଲସକ୍ଷକ୍ଷରକ୍ସ ଖ୍ପଷର ଶକ୍ସରବଖ୍ପ (ଫୁଲ ଫିଲର ଦ ଗ୍ରେଟ) ବା ପାବକ ପୁରୁଷ ବା ଋତ୍ୱିକ୍ ପୁରୁଷମାନେ ପୁରୁଷୋତ୍ତମଙ୍କ ସହିତ ଅନ୍ୟମାନଙ୍କୁ ଯୁକ୍ତ କରାଇ ଦିଅନ୍ତି । ସଦ୍‌ଗୁରୁଙ୍କ ଲକ୍ଷଣ ସମ୍ବନ୍ଧରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ତାଙ୍କର ବହିଃପ୍ରକାଶରେ ଦେଖାଯାଏ ଯେ ସେ ଅଚ୍ୟୁତ ଅନୁରାଗ ସମ୍ପନ୍ନ, ଜାକ୍‌ଜମକ ଭିତରେ ସରଳ, ସ୍ୱାଭାବିକ ଭାବରେ ସ୍ୱାଭାବିକ ଓ ମହାଜ୍ଞାନୀ ସତ୍ତ୍ୱେ ଅଜ୍ଞାନୀ ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)




### ଆଉ କେତେଦିନ...

ଶିବ ପ୍ରସାଦ ବାହିନୀପତି



ଏଯାବତ ମୋର ଚାଲିଛି ସମର
ଯନ୍ତ୍ରଣାର ଜତୁଶାଳେ
ଏକ ପରେ ଏକ ସୁନାମୀ ପ୍ରତ୍ୟେକ
ଆକାଂକ୍ଷାକୁ ମୋର ଜାଳେ ।
ଧରିଲି ଯେ' ଡାଳ ଛିଡ଼ାଇଲା କାଳ
ଛଡ଼ାଇ ନେଲା ସର୍ବସ୍ୱ
ଆପଣା ଯେ' ଥିଲେ ପର କରିଦେଲେ
ସମାଜେ ସାଜିଲି ନିଃସ୍ୱ ।

ଲୁହର ସାଗରେ ସନ୍ତରଣ କରେ
କୋହର ଅନଳେ ଜଳେ
ଏମିତି କେ' ନାହିଁ ନବ ଯେ'
ଗୋଟାଇ
ଝୁଣ୍ଟି ପଡ଼ିଗଲେ ତଳେ ।

ସମ୍ପର୍କର ମୂଳ ସ୍ୱାର୍ଥରେ ତଉଲ
ନିଃସ୍ୱାର୍ଥୀ ଜଣେ ଦେଖିନି
କିଏ ଅଛି କୁହ ପୋଛିଦେବ ଲୁହ
ଅତି ଆପଣାର ମଣି ।

ସୁଖ ସମୟରେ ସରବେ ସାଥିରେ
ଦୁଃଖ ବେଳେ କେହି ନାହିଁ
ମରଧାମେ ନର ବିଚିତ୍ର ପ୍ରକାର
ସରଜିଛି ଯାହା ବିହି ।
ସହି ପାରୁନାହିଁ କହି ପାରୁନାହିଁ
ଯାତନା ମୋ' ଅସୁମାରୀ
ଆଉ କେତେଦିନ ଧରିବି ଜୀବନ
ନିତ୍ୟ ଅଶ୍ରୁ ସ୍ନାନ କରି ।

ପ୍ରତିଷ୍ଠାତା/ମୁଖ୍ୟ ସମ୍ପାଦକ - ସୁଦେଷ୍ଣା
ପ୍ରମୋଦ ସାହିତ୍ୟ ସଂସଦ
ଭାଟପଡ଼ା, ନିରାକାରପୁର, କଣାସ,
ପୁରୀ
ମୋ: ୮୨୪୯୭୭୨୩୬୧

### ଇଏ ପରା ଶୀତଦିନ

ଜୟକୃଷ୍ଣ ସାହୁ



ଇଏ କେମିତିକା ଦିନ,
ଖରାରୁ ଆସିକି ଛାଇରେ ବସିଲେ
ଛଟପଟ ହୁଏ ମନ।

କଅଁଳିଆ ଖରା ଦିଅଇ ସୁଖ
ଟାଣ ହେଲେ ଖରା ଦିଅଇ ଦୁଃଖ
ଇଏ କେମିତିକା ଦିନ,
ଅଜା କହୁଥିଲେ ଏମିତି ଲାଗିଲେ
ସେଇ ପରା ଶୀତଦିନ।

ଶୀତଳ ପବନ ଉତ୍ତରୁ ବହେ
ଶୀତର ପରଶ ପୀଡ଼ାଟି ଦିଏ
ଇଏ କେମିତିକା ଦିନ,
ପଚାରିଲେ ଆଈ କହଇ ହସିକି
ଇଏ ପରା ଶୀତଦିନ।

କି କାରଣେ ଏଠି ବଢଇ ରାତି
କି କାରଣେ ଦିନ ଛିଡ଼ଇ ନିତି
ଇଏ କେମିତିକା ଦିନ,
ଚାଷୀଭାଇ କହେ ଶୀତ ଆସିଗଲା
ପାଚିଲାଣି କ୍ଷେତେ ଧାନ।
ବାଡ଼ିରେ ବସଇ ପରିବା ହାଟ
ବଳେ ଫାଟିଯାଏ କଅଁଳ ଓଠ
ଇଏ କେମିତିକା ଦିନ,
ଶୀତରେ ସକାଳୁ ଗଧୋଇବା ପାଇଁ
ଯମା ହୁଏନାହିଁ ମନ।

ସୁଟ ସ୍ୱେଟର ପିନ୍ଧିବା ପାଇଁ
ପେଡ଼ି ଖୋଲି ଜେଜୀ ଦିଏ ବଢ଼ାଇ
ଇଏ କେମିତିକା ଦିନ,
ସାଙ୍ଗସାଥୀ ଧରି ବଣଭୋଜି ପାଇଁ
ବିକଳ ହୁଅଇ ମନ
ଏଇ ପରା ଶୀତଦିନ।

କପିଳ ପ୍ରସାଦ, ଭୁବନେଶ୍ୱର -୨
ମୋ:୯୯୩୭୦୯୨୩୯୭

### ଭିନ୍ନ ଏକ ଦରିଦ୍ର

ଜିତେନ୍ଦ୍ର ଚନ୍ଦ୍ର ସାହୁ



ସବୁତ ତୁମରି ଦରିଦ୍ର କିପରି
ହେଲି ମୁଁ ତୁମ ରାଇଜେ
ଦାରିଦ୍ର୍ୟ ମୋ ସଦା ସଖା ସହୋଦର
ନିତ୍ୟ ମୋ ଗୃହେ ବିରାଜେ ।


ଦାରିଦ୍ର୍ୟତା ପାଇଁ ସୁଖଟି ମିଳଇ
ଅନୁଭବ ପାରେ ହୋଇ
ଏ ମର୍ତ୍ତ୍ୟ ମଣ୍ଡଳ ହୁଏ ଭୟଭିତ
କଷଣ ଭୋଗିବା ପାଇଁ ।

ଅର୍ଥ କୋଠା ବାଡ଼ି ଥାଇ ସବୁକିଛି
ମନରେ ଅନେକ ବ୍ୟଥା
ମନର ମାନସ ଅଭିଳାଶ ଲାଗି
ରହେ କାଳ କାଳ କଥା ।

ସଖା ସୁଦାମାଙ୍କ ଦାରିଦ୍ରତା ପାଇଁ
ସଖାଙ୍କ ମନରେ ବ୍ୟଥା
ସଖା ସିନା ବୁଝେ ସଖା ମନ କଥା
ଟେକ ରଖେ ସଖା ମଥା ।

ଦାରିଦ୍ରତା ଭିନ୍ନ ଯଶ, ମାନ, ଜ୍ଞାନ
ଧନ, ଜନ ଅବା ମନ
ସଭିଏଁ ଦରିଦ୍ର ଏ ସଂସାର ପାଇଁ
ସଦା ରଖ ତାକୁ ଧ୍ୟାନ ।

ବସୋଇ, ପରଜଙ୍ଗ, ଢେଙ୍କାନାଳ
ମୋ: ୯୭୭୬୪୫୪











# ହାତୀ ବାଘ ହରିଣ



ପ୍ରଦ୍ୟୁମ୍ନ ପଟ୍ଟନାୟକ



ଶିମିଳିପାଳ ଅଭୟାରଣ୍ୟରେ ଗୋଟିଏ ବାଘୁଣୀ ତିନୋଟି ଛୁଆ ଦେଇଥାଏ । ଜଙ୍ଗଲରୁ ଜୀବଜନ୍ତୁ ଶିକାର କରି ଛୁଆମାନଙ୍କୁ ଖୁଆଉଥାଏ । ବାଘ ଛୁଆମାନେ ବଡ଼ ହେବାରୁ ମା' ସହ ଶିକାର କରିବାକୁ ଯାଉଥାଆନ୍ତି । ମା' ବାଘୁଣୀ ଶିକାର କରିବା ସମୟରେ ଦୂରରୁ ଥାଇ ଦେଖନ୍ତି । କିଛି ଦିନ ପରେ ବାଘୁଣୀ ନିଜେ ନଯାଇ ଛୁଆ ମାନଙ୍କୁ ପଠାଇଲା । କହିଲା, କିଛି ଜନ୍ତୁ ଶିକାର କରି ଆଣିବାକୁ ।

ମା' କଥା ଶୁଣି ବାଘ ଛୁଆମାନେ ବାହାରିଗଲେ ପାଖ ଜଙ୍ଗଲକୁ । କଅଁଳିଆ ଘାସ ପଡିଆର ଚରୁଥିଲେ ହରିଣ, କୁଟୁରା, ସମ୍ବର ଆଦି ତୃଣଭୋଜୀ ପ୍ରାଣୀମାନେ । ଦୂରରୁ ବାଘ ଛୁଆମାନେ ଆସୁଥିବା ଜାଣିପାରି ଡିଆଁ ମାରି ଚାଲି ଗଲେ ଲୁଚିବାକୁ । ହରିଣ ଛୁଆଟିଏ କୁଆଡ଼େ ଯିବ ଜାଣି ନପାରି ଗୋଟିଏ କଇଥ ଗଛମୂଳେ ଠିଆ ହୋଇ ରହିଲା । ବାଘ ଛୁଆମାନେ ତା' ପାଖରେ ପହଞ୍ଚି ତାକୁ ଘେରିଗଲେ । ଏକା ଭଳି ଶିଶୁ ହୋଇ ଥିଲେବି ବାଘ ଛୁଆ ମାନେ ଥିଲେ ଆକାରରେ ବଡ଼ । ଶିକାର ଅଭିଜ୍ଞତା ନଥିବାରୁ ସେମାନେ ବଡ଼ ହରିଣଙ୍କୁ ପ୍ରଥମ ଚେଷ୍ଟାରେ ଧରି ପାରିଲେ ନାହିଁ ।

ନୀରିହ ହରିଣ ଛୁଆଟିକୁ ଘେରି ଯାଇ କେମିତି ମାରିବେ ଜାଣି ପାରୁନଥାନ୍ତି । ଶିକାର କରିବା ପରିବର୍ତ୍ତେ ତା' ସହ ଖେଳିବାକୁ ଲାଗିଲେ । ମଉକା ଦେଖି ହରିଣ ଛୁଆ ଧାଇଁ ପଳାଇବା ବେଳେ ବାଘ ଛୁଆମାନେ ତାକୁ ଘେରି ଯାଉଥିଲେ । ତିନିଜଣ ଯାକ ଲାଗିଥାଆନ୍ତି କେମିତି ହରିଣକୁ ମାରି ମା' ପାଖକୁ ନେଇଯିବେ । କିଏ ଆଗ ଶିକାର କରିବ ସେ ନେଇ ଚାଲିଥାଏ ପ୍ରତିଯୋଗିତା ।

ସେ ବାଟ ଦେଇ ଯାଉଥିଲା ଗୋଟିଏ ହାତୀ । ବାଘ ହରିଣ ଛୁଆଙ୍କ ଖେଳ ଦେଖି ଅଟକି ଗଲା । ଜାଣିଗଲା ଅଳ୍ପ ସମୟ ମଧ୍ୟରେ ବାଘ ଛୁଆମାନେ ହରିଣ ଛୁଆଟିକୁ ମାରି ଦେବେ । କେମିତି ଯେ ହରିଣ ଛୁଆକୁ ବଞ୍ଚାଇବ ଚିନ୍ତା କଲା । ଗୋଟିଏ ଉପାୟ ପାଞ୍ଚି କହିଲା, ହେ ବାଘ ଛୁଆମାନେ ଏ ହରିଣ ଛୁଆଟିକୁ ଛାଡ଼ି ଦିଅ । ତା' ମା' ତାକୁ ଖୋଜୁଥିବ । ବାଘ ଶିଶୁମାନେ ମିଶି କରି କହିଲେ, ନା ହାତୀ ଚାଚା ଆମେ ହରିଣକୁ ଛାଡ଼ିବୁ ନାହିଁ । ଆମ ମା' ପରା କହିଛି ଶିକାର କରି ନେବା ପାଇଁ । ଇଏ ଆମର ପ୍ରଥମ ଶିକାର ।

ହାତୀ କହିଲା, ତେବେ ଶୁଣ ଏ ଛୋଟ ହରିଣ ଛୁଆଁରେ ତ ତୁମ ତିନିଜଣଙ୍କ ପେଟ ପୂରିବ ନାହିଁ । ତୁମ ଭିତରୁ ଜଣେ କେହି ଖାଇ ପାରିବ । ହାତୀ କଥା ଶୁଣି ବାଘ ଛୁଆ ମାନେ ନିଜ ଭିତରେ ଝଗଡ଼ା ଆରମ୍ଭ କରି ଦେଲେ । ସ ମୁଁ ଖାଇବି, ମୁଁ ଖାଇବି କହି ହରିଣ ଛୁଆକୁ ଘେରି ଗଲେ । ମୀମାଂସା କରିବାକୁ ଯାଇ ହାତୀ କହିଲା, ଆସ ଆମେ ଗୋଟେ ଖେଳ ଖେଳିବା । ତୁମ ତିନିଜଣ ମଧ୍ୟରୁ ଯିଏ ଜିତିବ ଏ ହରିଣ ତା'ର ହେବ । ବାଘ ଶିଶୁ ତିନୋଟି ହାତୀ କଥାରେ ରାଜି ହୋଇ ଗଲେ ।

କଇଥ ଗଛ ମୂଳରୁ ହାତୀ ଶୁଣ୍ଢରେ ଗୋଟିଏ କଇଥ ଉଠାଇ କ୍ରିକେଟ୍ ବଲ ଭଳି ବୁଲାଇ ବୁଲାଇ ଦୂରକୁ ଫିଙ୍ଗି ଦେଇ କହିଲା, ଯିଏ ଆଗ କଇଥ ଖୋଜି ଆଣିବ ହରିଣ ତା'ର ହେବ । ହାତୀ କଥା ଶୁଣି ବାଘ ଛୁଆ ମାନେ ଦୌଡ଼ି ଗଲେ କଇଥ ଖୋଜିବାକୁ । ହରିଣ ଶିଶୁଟି ଏହି ସୁଯୋଗ ଦେଖି ଦୌଡ଼ି ପଳାଇଗଲା । ହାତୀର ବୁଦ୍ଧି ଯୋଗୁଁ ନିଜ ଜୀବନ ବଞ୍ଚାଇ ତା' ମା' ପାଖରେ ପହଞ୍ଚି ଗଲା । ହାତୀ ବି ତା' ବାଟରେ ଚାଲିଗଲା ।

ବାଘୁଣୀ ତା' ଛୁଆ ମାନଙ୍କୁ ଖୋଜି ଆସି ଦେଖିବା ବେଳକୁ ସେମାନେ କଇଥ ଖୋଜୁଥାଆନ୍ତି । ବାଘୁଣୀ ଜାଣି ଗଲା ହାତୀର ଚାଲାକି । ତା' ଛୁଆଙ୍କୁ ନେଇ ଆସି ଦେଖିଲା କଇଥ ମୂଳେ ହରିଣ କି ହାତୀ କେହି ନଥିଲେ ।

+ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ
ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ: ୯୯୬୮୨୮୦୮୯୬

# କବିତା
ତୁମ ପାଇଁ

## ଶିଶୁଟିଏ ମୁଁ ଶିଶୁଟିଏ
ରତ୍ନକାନ୍ତି ମିଶ୍ର

ସଂସାର ଉଦ୍ୟାନେ ଟିକି ଫୁଲ ମୁହିଁ
ହସି ଖେଳି ମୋର ଦିନ ଯାଏ
ମୋ ଖୁସିରେ ପରା ହସେ ଏଇ ଧରା
ଶିଶୁଟିଏ ମୁଁ ଯେ ଶିଶୁଟିଏ ।

ମାଆ ପାଶେ ମୁହିଁ ଅର୍ଦ୍ଦଳି କରଇ
ବାପାଙ୍କ ଆକଟେ ଡରିଯାଏ
କଡା କଥା ପଦେ
ମୋତେ ଭାରି ବାଧେ
ଶିଶୁଟିଏ ମୁଁ ଯେ ଶିଶୁଟିଏ ।

ଗଲେ କେବେ ରୁଷି ଡାକିଦେଲେ ଖୁସି
ଟିକିଏ ସ୍ନେହ ମୁଁ ଲୋଡୁଥାଏ
ମିଠା କଥା କହି ହୃଦୟ ଜିଣଇ
ଶିଶୁଟିଏ ମୁଁ ଯେ ଶିଶୁଟିଏ ।

ଦେଖେ ଜହ୍ନମାମୁଁ ମା କାଖରେ ଥାଇ
ହାତ ଠାରି ତାକୁ ଡାକୁଥାଏ
ନାନାବାୟା ଗୀତ ଶୁଣି ଶୋଇଯାଏ
ଶିଶୁଟିଏ ମୁଁ ଯେ ଶିଶୁଟିଏ ।

ଜେଜେଙ୍କ କାନ୍ଧରେ ବସି ଦେଖେ ଦିଅଁ
ମନରେ ଖୁସି ମୋ ଭରିଯାଏ
ଜେଜେ ମା କୋଳରେ ଥାଇ
ଗପ ଶୁଣେ
ଶିଶୁଟିଏ ମୁଁ ଯେ ଶିଶୁଟିଏ ।

ଶିଖିନି କପଟ ଅବା ଭେଦଭାବ
ଟିକେ ଆଦରରେ ଭଳିଯାଏ
ଭଲ କଥା ମୋତେ ଶିଖାଅ ସଭିଏଁ
ଶିଶୁ ମୁଁ ଯେ ଶିଶୁଟିଏ ।

+ଆଳି, କେନ୍ଦ୍ରାପଡା



## ବୋଉର ମିନତି
ପ୍ରଶାନ୍ତ କୁମାର ଦାଶ

ସକାଳ ସଞ୍ଜରେ ଠାକୁର ଘରେ
ଦୀପଜାଳି ବୋଉ ମିନତି କରେ

ଘରକୁ କର ମୋ ସରଗ ପୁର
ଦୁଃଖ ଅଭାବ କୁ କରତ ଦୂର

ପୋଛିଦିଅ ଦୁଃଖୀ ଆଖିରୁ ଲୁହ
ଓଠଧାରୁ ଛୁଟୁ ହସର ସୁଅ

ପାଠପଢି ହେଉ ମୋ ପୁଅ ସୁନା
ଭଲପିଲା ହେଉ ମୋ ଧନ କୁନା

ଗଢିଦିଅ ସୁନା ସଂସାର ମୋର
ଦୂର ହେଉ ଏଇ ଜୀବନୁ ଡର

ସୁଖେ କଟିଯାଉ ଦିନ ଓ ରାତି
ଗରବରେ ଫୁଲିଉଠୁ ଏ ଛାତି

ଅଯୁତେ ଆଶିଷ ଦିଅ ହେ ସାଇଁ
ତୁମପରି ଦିଅଁ ଜଗତେ ନାହିଁ

ଉଡୁଥାଉ ସଦା ଜୀବନ ନେତ
ସମୟ ନଈର ନଉକା ସେତ ।

+କୁଞ୍ଜର ସଙ୍ଗଲାଇ
ପିପିଲି ପୁରୀ
ମୋ: ୯୬୬୮୮୨୨୧୯୦

## ତମ ପାଇଁ ଭଲ
କୀର୍ତ୍ତନ ସାହୁ

ତମ ପାଇଁ ଭଲ ମହାପୁରୁଷଙ୍କ
ବହି ବାଛି ବାଛି ପଢ଼ିବା
ଭଲ କଥା ଜାଣି ଭଲ କାମ କରି
ଜୀବନକୁ ନିଜେ ଗଢ଼ିବା ।

ତମ ପାଇଁ ଭଲ ସୁଷମ ଖାଦ୍ୟର
ତାଲିକା ଭଲକି ଜାଣିବା
ସେହି ଅନୁସାରେ ଖାଦ୍ୟ ତମେ ଖାଇ
ଦେହକୁ ସୁସ୍ଥହିଁ ମଣିବା ।

ତମ ପାଇଁ ଭଲ ଖେଳି ବୁଲି ସାରି
ବିଶ୍ରାମ ନିଶ୍ଚୟ ନେବାଟି
ଫଳ ଖାଇ ଅବା ଫଳ ଜୁସ୍ ପିଇ
ଦେହ ପାଇଁ ଧ୍ୟାନ ଦେବାଟି ।

ତମ ପାଇଁ ଭଲ ସକ୍ରିୟ ରହିବା
ନିଜ କାମ ନିଜେ କରିରେ
ଦେଶ ହିତ ପାଇଁ ମନ ପ୍ରାଣ ଦେବା
କାମରେ ମମତା ଭରିରେ ।

ତମ ପାଇଁ ଭଲ ସୁସ୍ଥ ଚିନ୍ତା ଧାରା
ରଖି ଥିବ ସଦା ମନରେ
ମଣିଷ ଜୀବନେ ସଚ୍ଚୋଟ ପଣିଆ
ଜାଣଟି ଅସଲ ଧନରେ ।

+ମିଶ୍ର କଲୋନୀ
ଶାଳ ପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧

# ରାଜକୁମାରଙ୍କ ବିବାହ



ଶ୍ୱେତପଦ୍ମା ପାଢୀ



ଅନେକ ଦିନ ତଳର କଥା । ଆମ ରାଜ୍ୟରେ ବହୁତ ଧନସମ୍ପଦ ଥିଲା ଏବଂ ହାତୀ,ଘୋଡ଼ା, ସୈନ୍ୟ ସାମନ୍ତରେ ଭରି ରହିଥିଲା ଏବଂ ସମଗ୍ର ରାଜ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଥିଲା । ରାଜ୍ୟର ଦୁଇ ପାର୍ଶ୍ୱ ଘଞ୍ଚ ଅରଣ୍ୟରେ ଭରି ରହିଥିଲା । ସେଇ ଅରଣ୍ୟର ନାମ ଥିଲା କାମ୍ୟକ ଅରଣ୍ୟ । କାମ୍ୟକ ଅରଣ୍ୟରେ ନାନାଦି ପ୍ରକାରର ଜୀବଜନ୍ତୁ ସିଂହ, ବାଘ, ହାତୀ, ଭାଲୁ ଭଳି ବଡ଼ ବଡ଼ ବନ୍ୟ ଜନ୍ତୁଙ୍କ ସହ ହରିଣ, କୋକିଶିଆଳି, ଗଧିଆ, ବଣ ବିରାଡ଼ି ଆଉ ବିଭିନ୍ନ ରକମର ପକ୍ଷୀ ମଧ୍ୟ ବାସ କରୁଥିଲେ ।

ମୂଷା ଦଳର ମହାରାଜ ବ୍ରଜରାଜଙ୍କ ରାଜପୁତ୍ର ବୋବୋ ଦେବଙ୍କ ବିବାହ ବୟସ ଉପନୀତ ହେଇ ସାରିଥିଲା । ମହାରାଜ ବ୍ରଜରାଜଙ୍କ ଅନ୍ତେ, ତାଙ୍କ ସିଂହାସନର ଉତ୍ତୋରଧିକାରୀ ସେ ହେବେ । ବୋବୋ ଦେବ ନିଜ ବୀର ଓ ଦୟାଳୁ ଗୁଣ ପାଇଁ ସମସ୍ତଙ୍କର ପ୍ରିୟ ଥିଲେ । କାଳବିଳମ୍ବ ନକରି ମହାରାଜ ବ୍ରଜରାଜ ସେନାପତି ବଗିରାଙ୍କୁ ରାଜକୁମାରଙ୍କ ପାଇଁ କନ୍ୟା ଖୋଜିବାକୁ ଆଦେଶ ଦେଇଥିଲେ । ହେଲେ ତାଙ୍କର ଗୋଟିଏ ବିଚିତ୍ର ସର୍ତ୍ତ ଥିଲା । ସେ ସର୍ତ୍ତ ପୂରଣ ହେଲେ ଯାଇ ବିବାହ ହେଇପାରିବ ।

ସେନାପତି ବଗିରା ଲାଗିପଡିଲେ କନ୍ୟା ଖୋଜିବାରେ । ବହୁତ ମୂଷିକ ରାଜ ପରିବାରର ସୁନ୍ଦର ସୁନ୍ଦର ଗୁଣବତୀ କନ୍ୟା ଖୋଜିଲେ । କିନ୍ତୁ କନ୍ୟାମାନଙ୍କ ପିତା ସର୍ତ୍ତ ପୂରଣ କରିବାକୁ ଅସମର୍ଥ ଥିଲେ । ଶେଷରେ ବାଧ ହେଇ କାମ୍ୟକ ଅରଣ୍ୟର ଦକ୍ଷିଣ ଦିଗରେ ଥିବା ବିରାଟ ପର୍ବତର ଗର୍ତ୍ତ ଭିତରେ ଗୋଟେ ଧଳାରଙ୍ଗର ବଡ ମୂଷାଦଳ ରହୁଥିଲେ । ସେଇ ମୂଷିକ ଦଳର ଦଳପତି ମଲ୍ଲୁକ ନିଜ ଏକମାତ୍ର ଧଳା ଫର୍ ଫର୍ ସୁନ୍ଦରୀ କନ୍ୟା ମଲ୍ଲିକାକୁ ରାଜକୁମାର ବୋବୋ ଦେବଙ୍କ ସହ ବିବାହ ଦେବା ପାଇଁ ସବୁ ସର୍ତ୍ତରେ ରାଜି ହେଇଗଲେ ।

ବାହାଘରର ଆୟୋଜନ ଜୋରସୋରରେ ଆରମ୍ଭ ହେଇ ଯାଇଥାଏ । ଅରଣ୍ୟ ବୃକ୍ଷ ସହ ରାଜଗୁମ୍ଫାକୁ ବିବିଧ ରଙ୍ଗୀନ ଆଲୁଅରେ ସୁସଜ୍ଜିତ କରାଯାଇଥାଏ । ବ୍ୟାଣ୍ଡ ବାଜା, ଖାଇବା ପିଇବା ବ୍ୟବସ୍ଥା ହେଇଥାଏ । ସବୁ ମୂଷାମାନେ ଚଳଚଞ୍ଚଳ । ସମସ୍ତେ ଖୁସିରେ ମସଗୁଲ । ରାତି ପାହିଲେ ରାଜକୁମାର ବୋବୋ ଦେବଙ୍କ ବିବାହ ହେବ । ସମସ୍ତଙ୍କ ମନରେ ଆଉ ଗୋଟିଏ ଉତ୍ସୁକତା ମଧ୍ୟ ଜାଣିବାକୁ ଯେ ମହାରାଜାଙ୍କ ସର୍ତ୍ତ କ'ଣ ଥିଲା ? ଯାହାକୁ କୌଣସି ରାଜା ପରିବାର ଅସମର୍ଥ ଥିଲା ବେଳେ ଦଳପତି ମଲ୍ଲୁକ କେମିତି କରିପାରିଲେ ? ମହାରାଜା ବ୍ରଜରାଜଙ୍କ ନଗରର ସମସ୍ତ ମୂଷକମାନଙ୍କ ମନରେ ଅନେକ ଜିଜ୍ଞାସା ।

ସେପଟେ ଦଳପତି ମଲ୍ଲୁକଙ୍କ ଆଖିରେ ନିଦ ନାହିଁ । ସ୍ୱୟଂ ନିଜ ତତ୍ତ୍ୱାବଧାନରେ ଦାୟିତ୍ୱ ନିର୍ବାହ କରୁଥାନ୍ତି । ସେ ରାତି ସାରା ଅନିଦ୍ରା ରହିଛନ୍ତି ମହାରାଜା ବ୍ରଜରାଜଙ୍କ ସର୍ତ୍ତ ପୂରଣ କରିବାକୁ । କିଛି ବି ଏପଟ ସେପଟ ହେଇଗଲେ କନ୍ୟାର ବିବାହ ତ ବନ୍ଦ ହେବ ହିଁ ହେବ, ସେଥିରେ ମହାରାଜାଙ୍କ କୋପର ଶୀକାର ମଧ୍ୟ ହେବାକୁ ପଡିବ । ଏପଟେ ସେନାପତି ବଗିରା ମହାରାଜାଙ୍କ ସର୍ତ୍ତ ପୂରଣ ସୂଚାରୁରୂପେ ହେଉଛି ନା ନାହିଁ ଜାଣିବା ନିମନ୍ତେ ଚଗଲା ଚଗଲି ବଗ ଦୁଇଟିଙ୍କୁ ଗୁପ୍ତଚର କରି ପଠେଇଥାନ୍ତି ବଣୁଆ ଧଳା ମୂଷା ଦଳଙ୍କ ଗୁମ୍ଫା ଭିତରକୁ । କିଛି ଅସୁବିଧା ହେଲେ ଉଚିତ୍ ସମୟ ବ୍ୟବଧାନରେ ଯେମିତି ସେମାନେ ଖବର ଆଣି ପହଞ୍ଚେଇ ଦେବେ ସେନାପତି ବଗିରାଙ୍କ ପାଖରେ ।

ଏ ସବୁ ଭିତରେ କିନ୍ତୁ ଦୁଇଟି ମନଥିଲେ, ସେମାନଙ୍କ ଆଖିରେ ବି ନିଦ ନଥିଲା । ରାଜକୁମାର ବୋବୋ ଦେବ ଜୀବନର ନୂତନ ଅଧ୍ୟାୟ ଆରମ୍ଭ ହେବ ନେଇ ଅନେକ ଜିଜ୍ଞାସା ମନରେ ସୃଷ୍ଟି ହେଉଥିଲା । ଆଉ ଧଳା ସୁନ୍ଦରୀ ମୂଷି ମଲ୍ଲିକା ହାତରେ ଚୁଡ଼ି, ପାଦରେ ପାଉଁଜି ଏବଂ ନାଲି ଓଢ଼ଣୀ ପକେଇ ବିବାହର ରଙ୍ଗୀନ ସ୍ୱପ୍ନରେ ହଜି ଯାଇଥିଲା । ହେଲେ ଏଇ ଜଙ୍ଗଲରେ ଆଉ ଜଣେ ବି ଥିଲା । ଯାହାର ଖରାପ ନଜର ଥିଲା ଏଇ ବିବାହ ଉପରେ । ମହାରାଜା ବ୍ରଜରାଜଙ୍କ ସର୍ତ୍ତ କ'ଣ ଜାଣିବା ପାଇଁ ତାକୁ ମଧ୍ୟ ନିଦ ଆସୁ ନଥିଲା । ଆଉ ଚାହୁଁଥିଲା ବିବାହ କେମିତି ଭାଙ୍ଗିଯାଉ । କାରଣ, ରାଜକୁମାର ବୋବୋ ଦେବ ଥରେ ତାକୁ ଯୁଦ୍ଧରେ ହରେଇ ଦେଇଥିଲେ । ସାମାନ୍ୟ ମୂଷକଠାରୁ ହାରିଯାଇଥିବାର ଅପମାନର ପ୍ରତିଶୋଧ ନେବାକୁ ଚାହୁଁଥିଲା କାଳୀ କୋକିଶିଆଳୀ ମୁଖି ନାନୀ ।

ବିବାହ ଦିନ ସକାଳୁ ଉଠି ନିତ୍ୟକର୍ମ ସାରିବା ପାଇଁ ମଲ୍ଲିକା ଯେମିତି ପୋଖରୀ କୂଳକୁ ଆସିଲା । ମୁଖି ନାନୀ ଆଉ ତା' ସାଙ୍ଗମାନେ ମଲ୍ଲିକାର ପରିଚାରିକାମାନଙ୍କୁ ଡରେଇ ଧମକେଇ ମଲ୍ଲିକାକୁ ସାଙ୍ଗରେ ଉଠେଇ ନେଲେ । ଗଲାବେଳେ ମୁଖିନାନୀ ପରିଚାରିକାମାନଙ୍କୁ କହିଲା, 'ଯାଅ.. କହିଦେବ ରାଜକୁମାର ବୋବୋ ଦେବଙ୍କୁ । ତାଙ୍କୁ ନିଜେ ଆସି ନିଜ ବରକନ୍ୟାକୁ ମୁକୁଳାଇବାକୁ ପଡିବ ଏବଂ ମହାରାଜାଙ୍କ ସର୍ତ୍ତ ବିଷୟରେ ମଧ୍ୟ ଜଣେଇବେ । ସର୍ତ୍ତ ଭାବରେ ପାଉଥିବା ଯୌତୁକର ସବୁ ସମ୍ପତ୍ତି ମୋତେ ଦେବେ । ତେବେ ଯାଇ ମଲ୍ଲିକାକୁ ଛାଡି ଦେବି ।' ଚଗଲା ଚଗଲି ବଗ ଦୁଇଜଣ ନିଜେ ଆକ୍ରମଣ କରି ଚେଷ୍ଟା କରିଥିଲେ ମଲ୍ଲିକାକୁ ବଞ୍ଚେଇବାକୁ କିନ୍ତୁ କ୍ଷତାକ୍ତ ହେଇଗଲେ । ଦଳପତି ମଲ୍ଲିକ ମୁଣ୍ଡରେ ହାତ ଦେଇଦେଲେ । କ'ଣ କରିବେ କିଛି ବୁଦ୍ଧି ଦିଶୁ ନଥିଲା । ବଡ କଷ୍ଟରେ ଚଗଲା ଚଗଲି ଉଡିଯାଇ ସେନାପତି ବଗିରାଙ୍କୁ ଖବର ଦେଲେ । ଖବର ଶୁଣି ସମସ୍ତେ ସ୍ତବ୍ଧ ।

ରାଜକୁମାର ବୋବୋ ଦେବ ନିଷ୍ପତ୍ତି ନେଲେ ସେ ସ୍ୱୟଂ ଯିବେ ମଲ୍ଲିକାକୁ ରକ୍ଷା କରିବା ପାଇଁ । ମହାରାଜା ବ୍ରଜରାଜ କହିଲେ, 'ମଙ୍ଗୁଳା ବର ଏମିତି ବାହାରି ଯିବା ଅଶୁଭ । ତୁମ ପାଇଁ ଆଉ ଗୋଟେ କନ୍ୟା ଖୋଜି ଦେବା ।' ରାଜକୁମାର ବୋବୋ ଦେବ ଆଶ୍ଚର୍ଯ୍ୟ ହେଇ କହିଲେ, 'ପିତା ଏଇ ଦୁର୍ଘଟଣା ଯଦି ବିବାହ ପରେ ହେଇଥାନ୍ତା, ସେତେବେଳେ ବି ଆପଣ କ'ଣ କହିଥାନ୍ତେ ଯେ ଘରର ବୋହୂର ଜୀବନ ରକ୍ଷା କରିବା ଆବଶ୍ୟକ ନୁହଁ ବୋଲି ?' ସେନାପତି ବଗିରା ଗର୍ବରେ କହିଲେ, 'ବାଃ... ରାଜକୁମାର... ବାଃ ! ଆପଣଙ୍କ ପରି ସମସ୍ତେ ଭାବିବା ଉଚିତ୍ ।'

ସେନାପତି ଏବଂ ରାଜକୁମାର ନିଜ ସୈନ୍ୟ ନେଇ ପହଞ୍ଚିଲେ ମୁଖି ନାନୀ ପାଖରେ । ସାଙ୍ଗରେ ଦଳପତି ମଲ୍ଲୁକ ଏବଂ ତାଙ୍କ ସୈନ୍ୟ ମଧ୍ୟ ଥିଲେ । ଏଥର ମୁଖି ନାନୀ ଓ ରାଜକୁମାର ସାମ୍ନାସାମ୍ନି ହେଇ ଛିଡ଼ା ହେଇଥିଲେ ।

ମୁଖି ନାନୀ ଆଖି ବଡ ବଡ କରି କହିଲା, 'ଶୁଣିଥିଲି ତୁ କୁଆଡ଼େ ଆଦର୍ଶବାନ ରାଜକୁମାର । କାମ୍ୟକ ଅରଣ୍ୟର ନିୟମ ଅନୁଯାୟୀ ଯୌତୁକ ନେବା ଦେବା ଦଣ୍ଡନୀୟ ଅପରାଧ । ଅଥଚ ବିବାହରେ ଯୌତୁକ ପୂରଣ କରିବାର ସର୍ତ୍ତ ରଖିଲୁ କେମିତି ? ସେଦିନ ଠେକୁଆର ଜୀବନ ବଞ୍ଚେଇବା ପାଇଁ ନୀତିବାଣୀ ଶୁଣାଉଥିଲୁ ଆଉ ଆଜି ମଲ୍ଲିକା ଜୀବନ ବଞ୍ଚେଇବାକୁ କ'ଣ ନୀତିବାଣୀ ଶୁଣେଇବୁ ? ଆଉ ଏତେ ଡରିଗଲୁ ଯେ ଏତେ ବଡ଼ ସୈନ୍ୟ ସାମନ୍ତ ଧରି ଆସିଛୁ !'

ରାଜକୁମାର ବୋବୋ ଦେବ ଶାନ୍ତ ହେଇ କହିଲେ, 'ମୁଖି ନାନୀ ମୁଁ ତମକୁ କେବେ ନିଜ ଶତ୍ରୁ ଭାବେ ଦେଖି ନାହିଁ । ତେଣୁ ଅଯଥା ଯୁକ୍ତି କରି ଲାଭ ନାହିଁ । ସର୍ତ୍ତ ମୁଁ ରଖି ନଥିଲି । ମହାରାଜ ସର୍ତ୍ତ ରଖିଥିଲେ । ଅରଣ୍ୟ ସମ୍ବଳ କିମ୍ବା ସମ୍ପତ୍ତି ଯୌତୁକ ଦାବି ରଖି ନଥିଲେ ମହାରାଜ । ତାଙ୍କ ସର୍ତ୍ତ ଦଳପତି ମଲ୍ଲୁକ ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଲେ ତେଣୁ ଏଇଠି ବିବାହ ସ୍ଥିର ହେଲା । ତା' ଛଡ଼ା ମଲ୍ଲିକା ମୋତେ ପସନ୍ଦ ମଧ୍ୟ ହେଲା ।'

'ଯଦି ଅରଣ୍ୟ ସମ୍ବଳ ନୁହଁ କି ଜାନି ଯୌତୁକ ନୁହଁ, ତା'ହେଲେ ସର୍ତ୍ତ ଥିଲା କ'ଣ ?' ଗର୍ଜନ କରି ଉଠିଲା କୋକିଶିଆଳୀ ମୁଖି ନାନୀ । କଳାରଙ୍ଗକୁ ରାଗରେ ଜଳୁଥିବା ଆଖି ଯୋଡ଼ିକ ତା'ର ଆହୁରି ଭୟଙ୍କର ଦିଶିଲା । ରାଜକୁମାର ବୋବୋ ଦେବ କହିଲେ, 'ମହାରାଜାଙ୍କ ସର୍ତ୍ତ ବିଷୟରେ ଆମେ କେହି କିଛି ଜାଣି ନାହୁଁ । ଆଜି ବିବାହ ସମ୍ପନ୍ନ ହେବା ପରେ ହିଁ ସମସ୍ତ ଜାଣିଥାନ୍ତେ । ହେଲେ ...'ରାଜକୁମାରଙ୍କୁ ଆଉ କହିବାକୁ ନଦେଇ ମୁଖି ନାନୀ ପୁଣି ଗର୍ଜି ଉଠିଲା, 'ମୋତେ କ'ଣ ବୋକା ବୋଲି ଭାବିଲୁ ? ସର୍ତ୍ତ ବିଷୟରେ ନଜଣେଇଲେ ଏଇ ମୁହୂର୍ତ୍ତରେ ମଲ୍ଲିକାକୁ ମାରିଦେବି ।'

ସେନାପତି ବଗିରା ଆଗକୁ ମାଡି ଆସି ହାତ ଯୋଡ଼ି ଛିଡା ହେଲେ । ମୁଣ୍ଡ ତଳକୁ ପୋତି କହିଲେ, 'ରାଜକୁମାର ସତ କହୁଛନ୍ତି । ମହାରାଜାଙ୍କ ସର୍ତ୍ତ ବିଷୟରେ କେବଳ ମହାରାଜ, ମୁଁ ଏବଂ କନ୍ୟାର ପିତାଙ୍କ ବ୍ୟତୀତ ଆଉ କେହି ଜାଣି ନାହାଁନ୍ତି । ମହାରାଜା କୌଣସି ଯୌତୁକ ଦାବି କରି ନଥିଲେ । ତାଙ୍କର କେବଳ ଗୋଟିଏ ସର୍ତ୍ତ ଥିଲା । ବିବାହ ଭୋଜିରେ ବରଯାତ୍ରୀଙ୍କ ପାଇଁ 'ମୂର୍ଗ ମୁସଲ୍ଲମ' ରନ୍ଧା ହେବ । ବହୁତ ଦିନ ତଳେ କାମ୍ୟକ ଅରଣ୍ୟରେ ଥରେ ମୋଗଲ ସାମନ୍ତଙ୍କ ଛାଉଣୀ ପଡ଼ିଥିଲା । ଆମେମାନେ ଡାଲି, ଚାଉଳ ଚୋରାଇବାକୁ ଯାଇଥିଲୁ । ସେତେବେଳେ ମୋଗଲ ସୈନିକ 'ମୂର୍ଗ ମୁସଲ୍ଲମ' ରାନ୍ଧୁଥିଲେ । ସେଇ ବାସ୍ନାରେ ଚଉଦିଗ ମହକି ଯାଉଥିଲା । ଆମେମାନେ ଲୋଭରେ ସେଇ ଛାଉଣୀରେ ଉତ୍ପାତ ମଚେଇ 'ମୂର୍ଗ ମୁସଲ୍ଲମ' ଖାଇଥିଲୁ । ଦଳପତି ମଲ୍ଲୁକ କହିଲେ, ସେ ସର୍ତ୍ତ ପୂରଣ କରିପାରିବେ ଏବଂ ତାଙ୍କ କନ୍ୟା ମଲ୍ଲିକା ସୁନ୍ଦରୀ ଆଉ ଗୁଣବତୀ ମଧ୍ୟ । ତେଣୁ ସେଇଠି ବିବାହ ସ୍ଥିର ହେଇଥିଲା ।'

ଏଥର ଦଳପତି ମଲ୍ଲୁକ କହିଲେ, 'କିଶୋର ଅବସ୍ଥାରେ ମୁଁ ବହୁତ ବର୍ଷ ମୁଗଲ ଶାସକଙ୍କ ଘରେ ସମୟ କାଟିଥିଲି । 'ମୂର୍ଗ ମୁସଲ୍ଲମ' ବିଷୟରେ ଜାଣିଥିଲି । ମୁଁ ନିଜେ ସେଥିପାଇଁ କାଲି ରାତ୍ରି ଅନିଦ୍ରା ରହି ବରଯାତ୍ରୀଙ୍କ ପାଇଁ ଏଇ ଦାୟିତ୍ୱ ନିର୍ବାହ କରୁଥିଲି ।' ଧୀରେ ଧୀରେ ମୁଖି ନାନୀର ରାଗ ଶାନ୍ତ ପଡ଼ିଗଲା । କିନ୍ତୁ ତଥାପି ଚଢାଗଳାରେ କହିଲା, 'ମଲ୍ଲିକାକୁ ଛାଡି ଦେବି ଏବଂ ରାଜକୁମାର ଓ ମଲ୍ଲିକା ବିବାହରେ ବାଧା ମଧ୍ୟ ଉତ୍ପନ୍ନ କରିବି ନାହିଁ । କିନ୍ତୁ ମୋର ଗୋଟିଏ ସର୍ତ୍ତ ଅଛି ।' ସର୍ତ୍ତ କଥା ଶୁଣି ସମସ୍ତେ ଡରିଗଲେ । ସେନାପତି, ଦଳପତି ଏବଂ ରାଜକୁମାର ଭାବୁଥିଲେ ମୁଖି ନାନୀ ରାଜକୁମାରଙ୍କ ଠାରୁ ପ୍ରତିଶୋଧ ନେବାକୁ ଚାହୁଁଛି । କିନ୍ତୁ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରି ମୁଖି ନାନୀ କହିଲା, ' ମୁଁ ବି ବରଯାତ୍ରୀଙ୍କ ସହ ମିଶି 'ମୂର୍ଗ ମୁସଲ୍ଲମ' ଖାଇବି ।'

କାହାରି କାନକୁ ବିଶ୍ୱାସ ହେଉ ନଥିଲା । ସମସ୍ତେ ଭୂତ ଦେଖିଲା ଭଳିଆ ଚାହିଁ ରହିଥିଲେ । କାଳୀ କୋକିଶିଆଳୀ ମୁଖି ନାନୀ ପୁଣି କହିଲା, 'ବିବାହ ପୂର୍ବରୁ ହିଁ ରାଜକୁମାର ବୋବୋ ଦେବ ଯେତେବେଳେ ମଲ୍ଲିକାକୁ ବଞ୍ଚେଇବା ପାଇଁ ଆସି ପହଞ୍ଚିଲେ, ସେତିକିବେଳେ ହିଁ ମୋର ତାଙ୍କ ପ୍ରତି ଥିବା ଶତ୍ରୁ ଭାବନା ମରିଗଲା । ବିବାହ ହେଉ ବା ନହେଉ କନ୍ୟାର ସମ୍ମାନ ରକ୍ଷା କରିବା ପାଇଁ ତତ୍ପର ଥିବା ବର ଜଣକ ନିହାତି ଯୋଗ୍ୟବାନ । ତେଣୁ ମୁଁ ବି ବରଯାତ୍ରୀଙ୍କ ସହ ସାମିଲ ହେବି ।' ସମସ୍ତେ ଖୁସିରେ ମୁଖି ନାନୀର ଜୟ ଜୟକାର କରିଲେ । ବଡ ଆଡ଼ମ୍ବରରେ ରାଜକୁମାର ବୋବୋ ଦେବ ଓ ଗୋରୀ ମୂଷି ମଲ୍ଲିକାର ବିବାହ ସମ୍ପନ୍ନ ହେଲା । ମହାରାଜା ବ୍ରଜରାଜଙ୍କ ସମେତେ ମୁଖିନାନୀ ଏବଂ ବରଯାତ୍ରୀ ଦଳ ପରମ ଆନନ୍ଦରେ ବିବାହ ଭୋଜିରେ 'ମୂର୍ଗ ମୁସଲ୍ଲମ' ପେଟ ଭର୍ତ୍ତି କରି ଖାଇଲେ । ମୋ କଥାଟି ସରିଲା ଫୁଲଗଛଟି ମରିଲା... ।

+ପୁନେ, ମହାରାଷ୍ଟ୍ର
ମୋ: ୯୧୬୮୦୫୩୮୬୮

# ୨୨ରେ ରାମଜ୍ୟୋତି ପ୍ରଜ୍ୱଳନ କରି ଦୀପାବଳି ଉତ୍ସବ ପାଳନ କରନ୍ତୁ: ମନମୋହନ ସାମଲ

ଭଦ୍ରକ/ଭୁବନେଶ୍ୱର, ୧୯/୧ (ନି.ପ୍ର): ଦୀର୍ଘ ୫୦୦ବର୍ଷର ସଂଘର୍ଷ ଓ ଅପେକ୍ଷାର ଅନ୍ତ ଘଟିବା ସହ ଆସନ୍ତା ୨୨ତାରିଖ ଦିନ ଅଯୋଧ୍ୟାରେ ଭବ୍ୟ ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ହେବାକୁ ଯାଉଥିବାବେଳେ ପ୍ରଭୁ ଶ୍ରୀରାମଙ୍କ ଆଗମନକୁ ଆହୁରି ଭବ୍ୟ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାନୁୟାରୀ ୧୪ ରୁ ୨୨ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ୫ଲକ୍ଷରୁ ଊର୍ଦ୍ଧ୍ୱ ମନ୍ଦିର ଓ ତୀର୍ଥ ସ୍ଥାନକୁ ସ୍ୱଚ୍ଛ ରଖିବା ପାଇଁ 'ଶ୍ରମଦାନ' କରିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ବୁଧବାର ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ଦେବୀ ମା' ଭଦ୍ରକାଳୀଙ୍କୁ ଦର୍ଶନ କରିବା ସହ ସ୍ୱଚ୍ଛ ତୀର୍ଥ ଅଭିଯାନରେ ଯୋଗ ଦେଇ 'ଶ୍ରମଦାନ' କରିଛନ୍ତି। ଅଯୋଧ୍ୟାରେ ପ୍ରଭୁ ଶ୍ରୀ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ପର୍ଯ୍ୟନ୍ତ ଏହି ସଫେଇ ଅଭିଯାନ ବଜାୟ ରଖିବା ପାଇଁ ଓଡ଼ିଶାବାସୀଙ୍କୁ ଅନୁରୋଧ କରିଛନ୍ତି ଶ୍ରୀ ସାମଲ।

ସାରା ଦେଶରେ ମନ୍ଦିର ଗୁଡ଼ିକରେ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିଛନ୍ତି ପ୍ରଧାନମନ୍ତ୍ରୀ। ରାମ ମନ୍ଦିର ପ୍ରତିଷ୍ଠା ପାଇଁ ରାମଭକ୍ତଙ୍କ ମଧ୍ୟରେ ଅଭୁତପୂର୍ବ ଉତ୍ସାହ ଦେଖାଦେଇଛି। ଏହି ଐତିହାସିକ ମୁହୂର୍ତ୍ତକୁ ସ୍ମରଣୀୟ କରିବା ପାଇଁ ଦେବାଳୟ, ଶକ୍ତିପୀଠ, ଗ୍ରାମଦେବତୀଙ୍କ ମନ୍ଦିର ତଥା ତୀର୍ଥସ୍ଥାନକୁ ସ୍ୱଚ୍ଛ ପବିତ୍ର ରଖିବା ଅଭିଯାନରେ ଓଡ଼ିଶାବାସୀ ସାମିଲ ହୁଅନ୍ତୁ। ସେହିପରି ୨୨ ଜାନୁୟାରୀରେ ଘରେ ଘରେ 'ରାମ ଜ୍ୟୋତି ପ୍ରଜ୍ୱଳନ' କରି ଦୀପାବଳି ଉତ୍ସବ ପାଳନ କରନ୍ତୁ ରାଜ୍ୟବାସୀ ବୋଲି ଶ୍ରୀ ସାମଲ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ଜିଲ୍ଲା ସଭାପତି ହେମନ୍ତ କୁମାର ପାଢ଼ୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଦୀପ ନାୟକ, ମନସ୍ମିତା ଖୁଂଟିଆ ପ୍ରମୁଖଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

ସେହିପରି ଭଦ୍ରକ ଜିଲ୍ଲା ଗାନ୍ଧୀ ପଡିଆଠାରେ ଆଜି ରାଜ୍ୟ ସଭାପତି ମନମୋହନ ସାମଲ ଗାନ୍ଧୀ ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ମିଶ୍ରଣ ପର୍ବରେ ଯୋଗ ଦେଇଥିଲେ। ବିଶିଷ୍ଟ ଯୁବ ସମାଜସେବୀ ସିତାଂଶୁ ଶେଖର ମହାପାତ୍ର ବିଜେପିରେ ହେଲେ ସାମିଲ। କଂଗ୍ରେସର ପୂର୍ବତନ କାଉନସିଲର ସୁକାନ୍ତ ପାଲ ଓ ବିଜେଡିର ଉମାକାନ୍ତ ଜେନା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସଞ୍ଜୀବ କୁମାର ଜେନା, ଗୋପାଳ ମୁଦୁଲୀ, ଆନନ୍ଦ ପଣ୍ଡା, ବାବାଜି ସାମଲ, ଲକ୍ଷ୍ମୀଧର ଖଟୁଆଲା, ପପୁ ବରମନ, ରବିନ୍ଦ୍ର ମହାନ୍ତି ସମେତ ହଜାରେରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା। ମୋଦିଜୀଙ୍କ ନେତୃତ୍ୱରେ ଅନୁପ୍ରାଣିତ ହେବା ସହ ତାଙ୍କ ହାତମୁଠାକୁ ଟାଣ କରିବା ପାଇଁ ଆନୁଷ୍ଠାନିକଭାବେ ବିଜେପିରେ ସାମିଲ ହୋଇଛନ୍ତି। ନୂତନ ନେତୃତ୍ୱଙ୍କୁ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଛନ୍ତି।

ଏହି ମିଶ୍ରଣ ପର୍ବରେ ବିଧାୟକ ସୂର୍ଯ୍ୟବଂଶୀ ସୁରଜ, ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ଜିଲ୍ଲା ସଭାପତି ହେମନ୍ତ କୁମାର ପାଢ଼ୀ, ପୂର୍ବତନ ଜିଲ୍ଲା ସଭାପତି ଦୀନବନ୍ଧୁ ପତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ଦାସ, ମନସ୍ମିତା ଖୁଂଟିଆ, ଜିଲ୍ଲା ଉପସଭାପତି କମଳାକାନ୍ତ ସୁତାର ପ୍ରମୁଖଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ ଜେଲ ଓ ଜରିମାନା

କେନ୍ଦ୍ରାପଡ଼ା, ୧୯/୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ବଢିଅ ଗ୍ରାମରେ ସଂଘବଦ୍ଧ ଆକ୍ରମଣ ରେ ହତ୍ୟା କରାଯାଇ ଥିବା ମାମଲାର ବିଚାର କରି ଜିଲ୍ଲା ଓ ଦୌରାଜଜ ବିଶ୍ୱଜିତ ମହାନ୍ତି ଜଣେ ଆସାମୀକୁ ଆଜୀବନ ଜେଲ ଓ ଜରିମାନାରେ ଦଣ୍ଡିତ କରିଥିବା ଜଣାପଡିଛି । ଘଟଣାରୁ ପ୍ରକାଶ ଯେ, ୧୮.୦୪.୨୦୧୪ ମସିହା ରାତି ୮ଟା ସମୟରେ ପ୍ରତାପ ଚନ୍ଦ୍ର ରାଉତ ଏବଂ ତାଙ୍କର ବାପା ଅର୍ଜୁନ ରାଉତ ଜଣେ ବ୍ୟକ୍ତିଙ୍କୁ ଛାଡିବାକୁ ଯାଉଥିବା ସମୟରେ ଭାଗିରଥୀ ଜେନା ଏବଂ ଅନ୍ୟ ୪ ଜଣ ସଙ୍ଗବଦ୍ଧ ହୋଇ ଅର୍ଜୁନ ରାଉତଙ୍କୁ ବିଭିନ୍ନ ମାରଣାସ୍ତ୍ର ଦ୍ୱାରା ଆକ୍ରମଣ କରିଥିଲେ । ଆକ୍ରମଣରେ ସଂଙ୍କଟାପନ୍ନ ହୋଇଥିବା ଅର୍ଜୁନ ରାଉତଙ୍କୁ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆଣୁଥିବା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା । ଏନେଇ ପ୍ରତାପ ରାଉତ ଆଳି ଥାନାରେ ଏତଲା ଦେବାପରେ ଆଳି ଥାନା ଅଧିକାରୀ ୧୦୪/ ୧୪ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲେ । ପୋଲିସ ମୁଖ୍ୟ ଅଭିଯୁକ୍ତ ଭାଗିରଥୀ ବାରିକ ଏବଂ ଅନ୍ୟ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ବିଚାରପତି ଜିଆର କେସ ନଂ-୧୬୪/୧୪ ଏବଂ ଏସଟି କେସ ନଂ-୨୩୭/ ୧୪ ମାମଲାର ବିଚାରକରି ୨୧ ଜଣଙ୍କର ସାକ୍ଷ୍ୟ ପ୍ରମାଣ ଆଧାରରେ ଆସାମୀ ଭାଗିରଥୀ ବାରିକଙ୍କୁ ୩୦୨ ଦଫାରେ ଆଜୀବନ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ସାକ୍ଷ୍ୟ ପ୍ରମାଣ ଅଭାବରୁ ଅନ୍ୟ ଅଭିଯୁକ୍ତମାନେ ଖଲାସ ହୋଇଥିବା ଜଣାପଡିଛି ।

# ଆତ୍ମହତ୍ୟା କରିବାକୁ ଯାଉଥିବା ଯୁବକଙ୍କୁ ଉଦ୍ଧାର କଲେ ପେଟ୍ରୋଲିଂ ପୁଲିସ

କୋରାଇ, ୧୯/୧ (ନି.ପ୍ର): ସାଧାରଣତଃ ପୁଲିସ ପ୍ରତି ଜନସାଧାରଣଙ୍କ ନକରାତ୍ମକ ମନୋବୃତି ଥିବା ବେଳେ କିଛି ସେବା ମନୋବୃତି ରଖୁଥିବା ପୁଲିସ ଅଧିକାରୀ ମାନେ ଅନ୍ୟର ଜୀବନ ବଂଚାଇ ଗୋଟିଏ ପରିବାରକୁ ଉଜୁଡ଼ିଯିବରୁ ରକ୍ଷା କରିପାରୁଛନ୍ତି। ଏଇଭଳି ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରି ସେମାନେ ଅନ୍ୟ ପୁଲିସ କର୍ମଚାରୀ ମାନଙ୍କ ନିମନ୍ତେ ଉଦାହରଣ ପାଲଟିବା ସହିତ ଜନସାଧାରଣଙ୍କ ପ୍ରଶଂସା ସାଉଁଟିଛନ୍ତି। ସୁଚନାନୁସାରେ ଗୁରୁବାର ରାତି ଗୋଟାଏ ବେଳେ ରାଜପଥ ପେଟ୍ରୋଲିଂ କରୁଥିବା ସବଇନିସପେକଟର ଅଶୋକ କୁମାର ବଳ ଚାଳକ ସନ୍ତୋଷ ବେହେରା,ଗୃହରକ୍ଷୀ ପ୍ରଦୀପ ମଲ୍ଲିକ ୧୬ ନମ୍ବର ଜାତୀୟ ରାଜପଥର ସାହାପୁର ଠାରେ ଖରସ୍ରୋତା ନଦୀର ପୋଲ ଉପରେ ଜଣେ ଯୁବକ ଅସ୍ୱାଭାବିକ ଭାବେ ଚାଲିଚାଲି ଯାଉଥବବାର ଦେଖି ସନ୍ଦେହରେ ଅଟକାଇଥିଲେ । ତେବେ ଉକ୍ତ ଯୁବକ ଜଣକ ଆତ୍ମହତ୍ୟା କରିବାକୁ ଯାଉଥିବାର ଦେଖି ତାକୁ ଅଟକାଇବା ସହିତ ସେଥିରୁ ନିବୃତ ହେବାକୁ ବୁଝାଇଥିଲେ। ପରେ ଉକ୍ତ ଯୁବକଙ୍କୁ ପେଟ୍ରୋଲିଂ ଗାଡ଼ିରେ ନେଇ ତର ଘରେ ଛାଡ଼ିଥିଲେ। ଯୁବକ ଜଣକ ହେଲେ ତାଳଗଡ଼ିଆ ଗ୍ରାମର ସୁଦାମ ରଣାଙ୍କ ପୁଅ ମନୋଜ(୨୦)। ତେବେ ମନୋଜକୁ ତାଙ୍କ ବାପା କୌଣସି କାରଣକୁ ନେଇ ପାଟି କରିବାରୁ ସେ ଆତ୍ମହତ୍ୟା କରିବାକୁ ଯାଉଥିଲେ ବୋଲି ଜଣାପଡ଼ିଥିଲା।

# ସାଧାରଣ ନିର୍ବାଚନ ପୂର୍ବରୁ ଜିଲ୍ଲା ପ୍ରଶାସନର ବ୍ୟାପକ ପ୍ରସ୍ତୁତି: ଜିଲ୍ଲା ବ୍ୟାପି ବୁଲିବ ୧୪ ଗୋଟି ଇଭିଏମ୍ ସଚେତନତା ରଥ

ଭବାନୀପାଟଣା, ୧୯/୧ (ନି.ପ୍ର): ଆସନ୍ତା ସାଧାରଣ ନିର୍ବାଚନରେ ଅନେକ ନୂଆ ଓ ଯୁବବର୍ଗର ଭୋଟର ଭୋଟ ଦେବାକୁ ଯାଉଥିବା ବେଳେ ଇଭିଏମ୍ ର ବ୍ୟବହାର ଓ ଭିଭିପାଟର ବିଶ୍ୱସନୀୟତା ସଂପର୍କରେ ସେମାନଙ୍କୁ ସଚେତନ କରିବା ଆବଶ୍ୟକ ହୋଇପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ରାଜ୍ୟ ନିର୍ବାଚନ ଆୟୋଗ ପକ୍ଷରୁ ରାଜ୍ୟ ବ୍ୟାପି ଇଭିଏମ୍ ଓ ଭିଭିପାଟ ସଂପର୍କରେ ଭୋଟରଙ୍କୁ ସଚେତନ କରିବାକୁ ଏକ ଅଭିଯାନ ଆରମ୍ଭ କରାଯିବା ସହିତ ପ୍ରତି ଗାଁ, ପ୍ରତି ପଂଚାୟତକୁ ଇଭିଏମ୍ ସଚେତନତା ରଥ ବୁଲିବାକୁ ଧାର୍ଯ୍ୟ କରାଯାଇଛି। ଏହି କ୍ରମରେ ଆଜି କଳାହାଣ୍ଡି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଯୋଗଦେଇ ଇଭିଏମ୍ ଓ ଭିଭିପାଟ ସଚେତନତା ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରଓ୍ୱାନ, ତ୍ରିଲୋଚନ ପାତ୍ର, ଧର୍ମଗଡ଼ ଉପଜିଲ୍ଲାପାଳ ବିରଂଚି ନାରାୟଣ ଦରଓ୍ୱାନ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ମନୋଜ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲା ନିର୍ବାଚନ ଶାଖା ଦାୟିତ୍ୱରେ ଥିବା ଡେପୁଟି କଲେକ୍ଟର ରମେଶ ପଣ୍ଡା, ଆସିଷ୍ଟାଣ୍ଟ କଲେକ୍ଟର ମମତା ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଇଭିଏମ ଓ ଭିଭିପାଟ ପ୍ରଦର୍ଶନ କେନ୍ଦ୍ର ଜିଲ୍ଲାପାଳ ଉଦ୍ଘାଟନ କରିଥିଲେ । ସେହିପରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଗୋଟିଏ ଇଭିଏମ୍ ଓ ଭିଭିପାଟ ପ୍ରଦର୍ଶନ କେନ୍ଦ୍ରକୁ ଅତିରିକ୍ତ ଉପ ଜିଲ୍ଲାପାଳ ଜୟଦେବ ଦାସଙ୍କ ଉପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ ଉଦଘାଟନ କରିଥିଲେ।

ସେହିପରି ଆଜିଠାରୁ ଆସନ୍ତା ଫେବୃୟାରୀ ୨୯ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ୧୩ ଗୋଟି ବ୍ଲକର ସମସ୍ତ ପଂଚାୟତ, ଜୁନାଗଡ଼, କେସିଙ୍ଗା, ଧର୍ମଗଡ଼ ଏନ୍‌ଏସି ତଥା ଭବାନୀପାଟଣା ପୌରାଚଂଳରେ ୧ ଗୋଟି ଇଭିଏମ୍ ଓ ଭିଭିପାଟ ସଚେତନତା ରଥ ପରିକ୍ରମା କରିବା ସହିତ ଲୋକଙ୍କୁ ଇଭିଏମ୍ ରେ ଭୋଟଦାନ ଓ ଭିଭିପାଟର ବିଶ୍ୱସନୀୟତା ସମ୍ପର୍କରେ ସଚେତନ କରାଇବ ବୋଲି ଜିଲ୍ଲା ନିର୍ବାଚନ ଶାଖା ସୂତ୍ରରୁ ଜଣାପଡ଼ିଛି।

# ଚୁଡାପାଲି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଏସ୍‌ଏସ୍‌ଡି)ର ବାର୍ଷିକ ଉତ୍ସବ

ବଲାଙ୍ଗୀର, ୧୯/୧ (ନି.ପ୍ର): କଥାରେ ଅଛି ଯଦି ଗୋଟିଏ ଅଂଚଳକୁ ସମୂଳେ ବିନାଶ କରିବାର ଅଛି ତେବେ ସେ ଅଂଚଳର ଶିକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରିଦିଅ। ଏପରି ଶଡଯନ୍ତ୍ର ବର୍ତ୍ତମାନ ଆମ ଅଂଚଳ ପ୍ରତି ହେଉଛି। ଆମ ଅଂଚଳର ଶିକ୍ଷାବ୍ୟବସ୍ଥା କୁ ଯଦି ଦେଖିବା ତେବେ ଏହି ଷଡ଼ଯନ୍ତ୍ର ଏଠାରେ ଶାସନ କରୁଥିବା ରାଜା ରାଜୁଡାଙ୍କ ଅମଳରୁ ଚାଲିଛି । ଗଣତନ୍ତ୍ରକୁ ହତ୍ୟା କରି ଯେତେବେଳେ ଏମାନେ ରାଜତନ୍ତ୍ର ପ୍ରତିଷ୍ଠା କଲେ ସେତେବେଳରୁ ହିଁ ଏହି ଅଂଚଳ ଶିକ୍ଷା ବ୍ୟବସ୍ଥା ଓ ଷଡ଼ଯନ୍ତ୍ର କରି ବରବାଦ କରି ଦିଆଯାଇଛି। ଆହୁରି ମଧ୍ୟ ଏହି ସରକାର ଦୀର୍ଘ ସମୟ ଶାସନ କରିଥିଲେ ହେଁ ଆମ ଅଂଚଳ ଶିକ୍ଷା ବ୍ୟବସ୍ଥାରେ ଥିବା ଦୂରବସ୍ଥାକୁ ସଜାଡିବା ପରିବର୍ତ୍ତେ ଆହୁରି ଦୁର୍ବିସହ ଅବସ୍ଥାକୁ ଠେଲି ଦେଉଛି। ତେଣୁ ମୁଁ ଏଠାରେ ଥିବା ଶିକ୍ଷକ କର୍ମଚାରୀ, ଅଭିଭାବକ ଓ ଛାତ୍ର ଛାତ୍ରୀମାନଙ୍କୁ ଜଣାଇ ଦେବାକୁ ଚାହେଁ ଯେ ଯେପର୍ଯ୍ୟନ୍ତ ଆମର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାନଯିବ ଆମର ସମାଜ ସେ ପର୍ଯ୍ୟନ୍ତ ଆହୁରି ଆହୁରି ଅନ୍ଧାର ଭିତରକୁ ଠେଲି ହୋଇଯିବ ବୋଲି ଚୁଡାପାଲି ସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଏସ୍‌ଏସ୍‌ଡି)ର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମାନ୍ୟବର ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ନିଜ ବକ୍ତବ୍ୟରେ କହିଛନ୍ତି। ସେ ଏହା ମଧ କହିଛନ୍ତି ଯେ ଶିକ୍ଷା ବ୍ୟବସ୍ଥାକୁ ବିଭିନ୍ନ କିସମର ଶିକ୍ଷକ, ଶିକ୍ଷକ କର୍ମଚାରୀ ତଥା ଅଣ ଶିକ୍ଷକ କର୍ମଚାରୀଙ୍କ ଅଭାବ ଏତେ ଉତ୍କଟ ରୂପ ନେଲାଣି ଯେ ଆମ ଆଗାମୀ ପିଢିର ଭବିଷ୍ୟତ କଣ ହେବ କେହି ଜାଣିପାର ୁନାହାନ୍ତି। ଦେଖାଯାଉଛି ଗୋଟିଏ ଶିକ୍ଷକ ଗୋଟିଏ ଶ୍ରେଣୀ ଗୃହରେ ଚାରୋଟି କ୍ଲାସର ଛାତ୍ରମାନଙ୍କୁ ପାଠ ପଢାଉଛନ୍ତି। ଏପରି ପରିସ୍ଥିତିରେ ଆମ ଛାତ୍ର ଉତମ ଶିକ୍ଷା ପାଇବେ କି ବୋଲି ପ୍ରଶ୍ନ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ମନୋରଂଜନ ଯୋଷୀ ଯୋଗ ଦେଇ ଛାତ୍ର ଛାତ୍ରୀମାନଙ୍କୁ ବର୍ତମାନର ଶିକ୍ଷା ବ୍ୟବସ୍ଥା ଉପରେ ନିଜ ବକ୍ତବ୍ୟରେ କହିଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ଅଲେକ ବିଶ୍ୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡା. ତରୁଣ କୁମାର ଭୋଇ, ପ୍ରତାପ ଚନ୍ଦ୍ର ମହାନ୍ତି, ସମାଜସେବୀ ଲୋକନାଥ କୁମୁରା, ଦାମୋଦର ବିଶ୍ୱାଲ, ପରିଚାଳନା କମିଟି ସଭାପତି ଅକ୍ଷୟ କୁମାର ଘିଭେଲା ପ୍ରମୁଖ ମଂଚାସିନ ଥିବାବେଳେ କାର୍ଯ୍ୟକ୍ରମରେ ଘାସିରାମ ବେହେରା, ଲମ୍ବୋଦର ପଟେଲ, ଶରତ ନନ୍ଦ, ଜୟକୃଷ୍ଣ ମିଶ୍ର, ଶୁଶିଲ ବେହେରା, ଭରତ କୁମାର ସାହୁ, ଗିରିଧାରି ପୁଟା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସ୍କୁଲ ତରଫରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ଆପ୍ ନେତାଙ୍କ ବିୟୋଗରେ ଶୋକସଭା

କୋରାଇ, ୧୯/୧ (ନି.ପ୍ର): କୋରାଇର ଆମ ଆଦମୀ ପାର୍ଟିର ଆବାହକ ତଥା ସୁ-ସଙ୍ଗଠକ ଧରଣୀଧର ଘଡ଼ାଇଙ୍କ ଅକାଳ ବିୟୋଗରେ ଯାଜପୁର ଜିଲ୍ଲା ଆମ୍ ଆଦମୀ ତରଫରୁ ଓଉପଦାସ୍ଥିତ ପାର୍ଟି କାର୍ଯ୍ୟାଳୟରେ ଗୁରୁବାର ଦିନ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଆପ୍‌ର ବରିଷ୍ଠ ସଦସ୍ୟ କଳ୍ପତରୁ ମହାପାତ୍ର ସଭାପତିତ୍ୱ କରି ସ୍ୱର୍ଗତ ଘଡ଼ାଇଙ୍କୁ କୋରାଇ ରାଜନୀତିର ଭୀଷ୍ମ ପିତାମହ ବୋଲି ବର୍ଣ୍ଣନା କରିଥିଲେ। ଆପ୍‌ର ଅନ୍ୟତମ ବରିଷ୍ଠ ସଦସ୍ୟ ପିତାମ୍ବର ନନ୍ଦ ଯୋଗଦେଇ ସ୍ୱାଗତ ଘଡ଼ାଇଙ୍କୁ ଏକ ନିଷ୍କଳଙ୍କ ବ୍ୟକ୍ତିତ୍ୱ ଭାବେ ବର୍ଣ୍ଣନା କରିବା ସହିତ କୋରାଇର ବିକାଶ ହିଁ ତାଙ୍କର ଏକମାତ୍ର ଲକ୍ଷ୍ୟ ଥିଲା। ତା' ସହିତ ଧରଣୀ ନିଜେ ଦୀପ ଭଳି ଜଳି କୋରାଇକୁ ଆଲୋକିତ କରିବା ଲାଗି ସର୍ବଦା ସ୍ୱପ୍ନ ଦେଖୁଥିଲେ। ଏତଦ ବ୍ୟତୀତ ପାଣିକୋଇଲି ଠାରେ ନିର୍ମଣାଧିନ ଟ୍ରମା କେୟାର ଓ ସୁପର ହସ୍ପିଟାଲ ନିର୍ମାଣର ସେ ଅନ୍ୟତମ ପୁରୋଧା ଥିଲେ ବୋଲି ଉପସ୍ଥିତ ସଦସ୍ୟମାନେ ମତବ୍ୟକ୍ତ କରିଥିଲେ। ଉକ୍ତ ସଭାରେ ଯାଜପୁର ଆମ୍ ଆଦମୀ ପାର୍ଟିର ସଂଯୋଜକ ମନୋଜ ମହାନ୍ତି, ବ୍ଲକ ସଭାପତି ବାସୁ କିଷଣର ଦାସଙ୍କ ସମେତ ସଦସ୍ୟ ରଶ୍ମୀରଂଜନ ସାହୁ, କୈଳାସ ବେହେରା, ତସଲିମ ଖାନ, ଅନୀଲ ସାମଲ, ଖୁର୍ସିଦ ଖାନ, ଦିଲ୍ଲିପ ମଲ୍ଲିକ, ପ୍ରମୋଦ ମଲ୍ଲିକ, ବିକାଶ ମଲିକ, ବିଜୟ ମଲିକ, ଅବଦୁଲ ବସିଦ ଖାନ, ପଦ୍ମଲୋଚନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଇତ୍ୟବସରରେ ସ୍ୱର୍ଗତ ଘଡ଼ାଇଙ୍କ ସ୍ମୃତି ଉଦ୍ଦେଶ୍ୟରେ ପାର୍ଟି କାର୍ଯ୍ୟାଳୟ ସମ୍ମୁଖରେ ଏକ ଚାରାରୋପଣ କରାଯାଇଥିଲା। ଶେଷରେ ପାର୍ଟିର ସଦସ୍ୟ ମହେନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ଶିଶୁ ସୁରକ୍ଷା ପରାମର୍ଶ କର୍ମଶାଳା

ବଲାଙ୍ଗିର, ୧୯/୧ (ନି.ପ୍ର): ଜିଲ୍ଲା ସାମ୍ବାଦିକ ଭବନ ଠାରେ ଷ୍ଟିଚଟିଙ୍ଗ କିନଡର ନେଦରଲ୍ୟାଣ୍ଡ ସହାୟତାରେ ରେଆର, ସୋନପୁର ପକ୍ଷରୁ ଜିଲ୍ଲା ସ୍ତରୀୟ ଶିଶୁ ସୁରକ୍ଷା ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ରେଆର ସାଧାରଣ ସଂପାଦକ ଅନଙ୍ଗ ନେଗୀ ପରିଚାଳନା କରିଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ଶିଶୁ ମଙ୍ଗଳ ସମିତି ଅଧକ୍ଷ ଲମ୍ବୋଦର ଦୀପ, ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ସଭ୍ୟ ରାମ ନିବାସ ଅଗ୍ରଓ୍ୱାଲ ଜିଲ୍ଲା ଶିଶୁ ସୁରକ୍ଷା ଉପରେ ମତ ରଖିଥିଲେ, ବଲାଙ୍ଗିର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଲକ୍ଷ୍ମୀ ସିଂ ଯୋଗଦେଇ ଶିଶୁ ସୁରକ୍ଷା ସମ୍ପର୍କିତ ବିଭିନ୍ନ କାଯ୍ୟକ୍ରମ ଉପରେ ମତ ରଖିଥିଲେ । ଏହି ଅବସରରେ ଅରୁଣାର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତି କହିଲେ, ୫ ପ୍ରତିଶତ ଗ୍ରାମପଂଚାୟତର ଜି ପି ଡି ପି ର ଶିଶୁ ମାନଙ୍କ ପାଇଁ ମିଶନ ବାତ୍ସଲ୍ୟ ମାର୍ଗଦର୍ଶିକାରେ ବ୍ୟବସ୍ଥା ଥିବାରୁ ଆଗାମୀ ଜାନୁଆରୀ ମାସରେ ଗ୍ରାମ ସଭାରେ ପ୍ରସ୍ତାବ ରଖିବାକୁ ଅନୁରୋଧ କରିଥିଲେ। ଅଣ ଆନୁଷ୍ଠାନିକ ଅଧିକାରୀ ସୁଧାଂଶୁ ଶେଖର କୁମ୍ଭାର କହିଲେ, ପୋଷ୍ୟସନ୍ତାନ ଗ୍ରହଣ ଉପରେ ମତ ପ୍ରକାଶ କରିଥିଲେ। ସୁରକ୍ଷା ଅଧିକାରି ଚୂଡ଼ାମଣି ପଣ୍ଡା, ସାମାଜିକ କର୍ମୀ ଅରୁଣ କୁମାର ଖୁଆସ୍, ରାଜୀବ ନାୟକ ଓ ସୁଶାନ୍ତ ଭୋଇ ଶିଶୁ ସୁରକ୍ଷା ସମ୍ପର୍କିତ ବିଭିନ୍ନ ବିଭିନ୍ନ ନିୟମ, ସରକାରୀ ଯୋଜନା ଏବଂ ଶିଶୁ ମାନଙ୍କ ପାଇଁ ରହିଥିବା ସହାୟତା ଉପରେ ମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଧନୁର୍ଦ୍ଧର ନାଏକ ସ୍ୱାଗତ କରିଥିଲେ ଓ କ୍ଷେତ୍ର କର୍ମୀ ଅଶୋକ କୁମାର ଝାଙ୍କର୍ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଚିନ୍ଦା ଗୋପୀନାଥ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ଶୋଭାଯାତ୍ରା

କୋରାଇ, ୧୯/୧ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ ପଥରପଦା ପଂଚାୟତର ଓଚିନ୍ଦା ଗ୍ରାମରେ ନୂତନ ଭାବେ ନିର୍ମାଣ ହୋଇଥିବା ଶ୍ରୀ ଶ୍ରୀ ଗୋପୀନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଯାଇଛି। ଇତ୍ୟ ଅବସରରେ ଗ୍ରାମର ପାଂଚଶହରୁ ଊର୍ଦ୍ଧ୍ୱ ପୁରୁଷ ମହିଳା ପୁଣ୍ୟତୋୟା ବୈତରଣୀ ନଦୀର ଜଳକୁ ଲିଙ୍ଗେଶ୍ୱରସ୍ଥିତ ଘାଟରୁ ପଦଯାତ୍ରାରେ ଆଣି ମନ୍ଦିର ନିକଟରେ ପହଂଚାଇଥିଲେ।

# ଦ୍ୱିତୀୟ ଦିନରେ ବଲାଣି ଠିକା ମଜଦୂର ସଂଘର ଧାରଣା ଜାରି

## ବନ୍ଦ ରହିଲା ପାନପୋଷ ଖଣି କ୍ଷେତ୍ରରୁ ପରିବହନ

ବଲାଣୀ, ୧୯/୧ (ନି.ପ୍ର): ରାଷ୍ଟ୍ରାୟତ ଉଦ୍ୟୋଗ ଭାରତୀୟ ଇସ୍ପାତ ପ୍ରାଧିକରଣ(ସେଲ୍) ଅନ୍ତର୍ଗତ ବଲାଣି ଲୌହ ଖଣିରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ ବିଭିନ୍ନ ସମସ୍ୟା କୁ ନେଇ ବଲାଣି ଠିକା ମଜଦୂର ସଂଘ ପକ୍ଷରୁ ଦିଆଯାଉଥିବା ଧାରଣା ଆଜି ଦ୍ୱିତୀୟ ଦିନରେ ଜାରି ରହିଛି । ପ୍ରବଳ ବର୍ଷା ସତ୍ତ୍ୱେ ଅନେକ ମହିଳା ଓ ପୁରୁଷ ବଲାଣି ଖଣି ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିଛନ୍ତି । ପ୍ରଥମ ଦିନରେ ଶ୍ରମିକ ସଂଘ ପକ୍ଷରୁ ସାଙ୍କେତିକ ଧାରଣା ଦିଆଯାଇଥିବା ବେଳେ ଖଣି କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ଅଧିକାରୀ ଧାରଣାରତ ଶ୍ରମିକଙ୍କ ସହିତ ଆଲୋଚନା କରିନଥିବା ବେଳେ ଦ୍ୱିତୀୟ ଦିନଠାରୁ ଚରମ ପଦକ୍ଷେପ ଗ୍ରହଣ କରାଯିବାକୁ ଧାରଣାରତ ଶ୍ରମିକ ଚେତାବନୀ ଦେଇଥିଲେ । ଦ୍ୱିତୀୟ ଦିନରେ ବଲାଣି ଖଣିର ପାନପୋଷ କ୍ଷେତ୍ରରୁ ଲୌହ ଗୁଣ୍ଡ ପରିବହନକୁ କିଛି ସମୟ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିଲେ । ପରେ ବଲାଣି ଖଣିର କାର୍ମିକ ଓ ପ୍ରଶାସନ ବିଭାଗର ମହାପ୍ରବନ୍ଧକ ଭି.କେଭିନ ଘୋଷ ଧାରଣାରତ ଶ୍ରମିକଙ୍କ ସହିତ ଆଲୋଚନା କରିଥିଲେ ମଧ କୌଣସି ସୁଫଳ ମିଳିପାରିନଥିଲା । ତେବେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ବଲାଣି ଠିକା ମଜଦୂର ସଂଘର କାର୍ଯ୍ୟକାରୀ ସଭାପତି କମଳାପତି ଯାଦବ ସୂଚନା ଦେଇଛନ୍ତି । ପ୍ରକାଶଯୋଗ୍ୟ ଯେ ଖଣିରେ ନିୟୋଜିତ ଶ୍ରମିକ ଓ ତାଙ୍କ ଆଶ୍ରିତଙ୍କୁ ବଲାଣି ଖଣିର ନିଜସ୍ୱ ଡାକ୍ତରଖାନାରେ ନିଃଶୁଳ୍କ ଚିକିତ୍ସା ସେବା ସମେତ ଉଚ୍ଚତର ଚିକିତ୍ସା ନିମନ୍ତେ ରାଉରକେଲା ସ୍ଥିତ ଇସ୍ପାତ ଜେନେରାଲ ଡାକ୍ତରଖାନା(ଆଇ ଜି ଏଚ) କୁ ସ୍ଥାନାନ୍ତରଣ, ସମସ୍ତ ଠିକା ଶ୍ରମିକଙ୍କୁ କମ୍ପାନୀ କ୍ୱାଟର ସୁବିଧା ଓ ଠିକା ଶ୍ରମିକଙ୍କୁ ରାତି ପାଳି କାର୍ଯ୍ୟରେ ରାତ୍ରିକାଳୀନ ଭତା ପ୍ରଦାନ କରିବାକୁ ଦାବି କରାଯାଇଛି ।

# ସମଲେଇ ପ୍ରକଳ୍ପ ନେଇ ମାଲକାନଗିରିକୁ ଆସିଲା ନିମନ୍ତ୍ରଣ ପତ୍ର

ମାଲକାନଗିରି, ୧୯/୧ (ନି.ପ୍ର): ଆସନ୍ତା ୨୭ ଜାନୁଆରୀରେ ସମ୍ବଲପୁର ଜିଲ୍ଲାରେ ସମଲେଇ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିବେ। ଏହି ପରୀପ୍ରେକ୍ଷୀରେ ସମ୍ବଲପୁରରୁ ଏକ ପ୍ରତିନିଧି ଦଳ ମାଲକାନଗିରିରେ ପହଂଚି ଥିଲେ। ସେମାନେ ଜିଲ୍ଲାର ଦୁଇ ପ୍ରମୁଖ ଭୈରବ ମନ୍ଦିର ଓ ମା ମାଉଳି ମନ୍ଦିରର ପୂଜକ ମାନଙ୍କୁ ଭେଟି ନିମନ୍ତ୍ରଣ ପତ୍ର ପ୍ରଦାନ କରିଛନ୍ତି । ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ନୋଡାଲ ଅଧିକାରୀ ଭାବେ ସଂଚୟ ଓ ଅର୍ଥ ସେବା ସହକାରୀ ନିର୍ଦ୍ଦେଶକ ନୀଳାଚଂଳ ସେଠୀ, ମା ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ସଦସ୍ୟ ଦେଓ କୁମାର ଆଜମେରିଆ, ମନ୍ଦିର ପୂଜକ ସଗନ କୁମାର ରୟ, ମନୋଜ କୁମାର ରୟ ଓ ସାରଥୀ ଆର୍ତ୍ତତ୍ରାଣ ରଣାଙ୍କୁ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ମାଲକାନଗିରି ଠାରେ ସ୍ୱାଗତ କରିଥିଲେ । ସର୍ବ ପ୍ରଥମେ ଏହି ଦଳ ଭୈରବ ମନ୍ଦିର ପୂଜକ ସୁନୀଲଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରି ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ତାପରେ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା ମାଉଳି ମନ୍ଦିରର ପୂଜକଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରି ପୂଜାର୍ଚ୍ଚନା କରିଥିଲେ। ଏହି ସମୟରେ ମନ୍ଦିର କମିଟିର ଉପ ସଭାପତି, ପ୍ରଫୁଲ୍ଲ କୁମାର ପଣ୍ଡା, ସମ୍ପାଦକ, ସାଇ ପଟ୍ଟନାୟକ, ଜଗନ୍ନାଥ ନାୟକ ଓ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ। କମିଟିର ସଦସ୍ୟମାନେ ଏହି ଦଳର ଆମନ୍ତ୍ରଣ ପାଇ ଖୁସି ବ୍ୟକ୍ତ କରି ଧନ୍ୟବାଦ ଜ୍ଞାପନ କରିଥିଲେ ଏବଂ କହିଥିଲେ ଯେ, ରାଜ୍ୟ ସରକାରଙ୍କ ଏହି ପ୍ରକାର ପଦକ୍ଷେପ ଦ୍ୱାରା ବିଭିନ୍ନ ପ୍ରାନ୍ତର ସଂସ୍କୃତିର ଆଦାନ ପ୍ରଦାନ ସହ ଏକ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରୁଛି।

# କାଗଜ କଳ ଶ୍ରମିକ ସଂଘ ଜେଏଲସିଙ୍କୁ ହସ୍ତକ୍ଷେପ ପାଇଁ ନିବେଦନ କଲେ

ଜୟପୁର, ୧୯/୧ (ନି.ପ୍ର): ସେବା କାଗଜ କଳ ଶ୍ରମିକ ସଂଘ ଓ ଅବସରପ୍ରାପ୍ତ ଶ୍ରମିକ ମାନଙ୍କର ପ୍ରସ୍ତାବିତ ଧାରଣା ଜେ ଏଲ୍ ସି ଙ୍କ ଅନୁରୋଧ ରକ୍ଷାକରି ସ୍ଥଗିତ ରଖାଯାଇଛି । ଯୁଗ୍ମ ଶ୍ରମ କମିଶନରଙ୍କ ଅଫିସ୍ ସମ୍ମୁଖରେ ପ୍ରସ୍ତାବିତ ଧାରଣା ସ୍ଥଗିତ ରହିଲା । ଯୁଗ୍ମ ଶ୍ରମ କମିଶନର ନରେନ୍ଦ୍ର ରାଇକା ଙ୍କୁ ଅଫିସ୍ ରେ ସାକ୍ଷାତ କରି ଆଲୋଚନା କରିଥିଲେ। କାଗଜ କଳ ମ୍ୟାନେଜମେଂଟ କୌଣସି ପ୍ରକାରର ପ୍ରତିଶ୍ରୁତିକୁ କେବେହେଲେ ରକ୍ଷା କରୁ ନାହିଁ ଏବଂ ଶ୍ରମିକଙ୍କ ଚାରି ମାସର ଦରମା ଆଜି ସୁଦ୍ଧା ବକେୟା ରଖିଛି । ଅବସରପ୍ରାପ୍ତ ଶ୍ରମିକ ମାନେ ଗ୍ରାଚ୍ୟୁଇଟି କେସ୍ କଲେ ତାକୁ ଜାଣିଶୁଣି ଅଣଦେଖା କରି ବିଳମ୍ବ କରୁଛି, ଯଦିଓ ସେମାନେ ଲିଖିତ ଭାବେ ଦେଇଛନ୍ତି ଯେ ଗ୍ରାଚ୍ୟୁଇଟି ଓ ବକେୟା ପାଉଣା ଦେଇ ଦିଆଯିବ । କିନ୍ତୁ, ସର୍ତ ରଖୁଛନ୍ତି କାରଖାନାରୁ ୫,୫୦୦ ଟନ୍ ମାସିକ ଉତ୍ପାଦନ ହେଲେ ଯାଇ ଦେବେ । ଏପଟେ କାରଖାନା ମାସରେ ପାଂଚ ଦିନ ମଧ ଚାଲୁ ନାହିଁ। ଗତ ଚାରିବର୍ଷ ହେଲା ୨୦୮ କୋଟି ଟଙ୍କା ଏହି କାରଖାନା ନାଁ ରେ ଋଣ ନେବା ପରେ ମଧ କାରଖାନା ଠିକ୍ ଭାବେ ଚାଲି ପାରୁ ନାହିଁ କି ଶ୍ରମିକ ମାନଙ୍କ ସମସ୍ୟା ଦୂର ହେଉ ନାହିଁ । ଶ୍ରମିକ ମାନଙ୍କୁ ମାସିକ ଦରମା ମିଳୁନି ଅନ୍ୟ ଦିଗରେ ଦରମା ସ୍ଲିପ୍ ମଧ ଦେଉ ନାହାଁନ୍ତି । ଦରମା କେତେ ମିଳୁଛି କେହି ଜାଣି ପାରୁ ନାହାଁନ୍ତି । ଏଣୁ ତୁରନ୍ତ ସବୁ ୟୁନିଅନ ଓ ମ୍ୟାନେଜମେଂଟ ର ମିଳିତ ବୈଠକ ଡାକି ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବାକୁ ସଂଘର ସଭାପତି ପ୍ରମୋଦ କୁମାର ମହାନ୍ତି ନିବେଦନ କରିଛନ୍ତି । ଜେ ଏଲ୍ ସି ନରେନ୍ଦ୍ର ରାଇକା ପ୍ରକାଶ କରିଥିଲେ ଯେ, ଗ୍ରାଚ୍ୟୁଇଟି କେସ୍ ତ୍ୱରାନ୍ୱିତ କରିବା ପାଇଁ ସବୁ ପଦକ୍ଷେପ ନେଉଛନ୍ତି ଏବଂ ଆସନ୍ତା ୩୦ ତାରିଖରେ ଡିଏଲଓ ନିଜେ କାରଖାନାକୁ ଯାଇ ସମସ୍ତ ବିଧି ବ୍ୟବସ୍ଥାକୁ ତଦନ୍ତ କରି ରିପୋର୍ଟ ଆଣିବେ ଏବଂ ଆବଶ୍ୟକ ପଡ଼ିଲେ ଆଇନ୍ ଅନୁସାରେ କାର୍ଯ୍ୟାନୁଷ୍ଠାନ ମଧ ଗ୍ରହଣ କରିବେ । ଆଜିର କାର୍ଯ୍ୟକ୍ରମ ଏବଂ ଆଲୋଚନାରେ ସର୍ବଶ୍ରୀ ବନମାଳୀ ପାତ୍ର,ଅଲେଖ ପାତ୍ର, ଡି ପି ଅଗସ୍ତି, ଅଜୟ ବଳ, ଆର୍ ଭେଙ୍କଟ, ହନୁମନ୍ତ ରାଓ, ଗୋବିନ୍ଦ ରାଜୁ ପ୍ରମୁଖ ଉପସ୍ଥିତ ଥିଲେ ।

# କନ୍ଧମାଳ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର

କନ୍ଧମାଳ, ୧୯/୧ (ନି.ପ୍ର): କନ୍ଧମାଳ ଜିଲ୍ଲା ବାରିଷ୍ଠ ନାଗରିକ ସଂଘ, ଫୁଲବାଣୀ ଓ ମହାନଦୀ ନେତ୍ର ଚିକିତ୍ସାଳୟ, ପଣ୍ଡାପାଲି, ବୀରମହାରାଜପୁର ମିଳିତ ଆନୁକୂଲ୍ୟରେ ଏକ ମେଗା କମ୍ପୁଟରୀକୃତ ମାଗଣା ଚକ୍ଷୁ ପରୀକ୍ଷା ଶିବିର ସ୍ଥାନୀୟ ନାରୟଣୀ ଯାତ୍ରା ମଣ୍ଡପ ଠାରେ ସର୍ବସାଧାରଣଙ୍କ ପାଇଁ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୭୫ ଜଣ ସେମାନଙ୍କ ଚକ୍ଷୁ ପରୀକ୍ଷା କରିବା ସହିତ ୨୦ ଜଣ ମୋତିଆ ବିନ୍ଦୁ ଅପରେସନ ପାଇଁ ସେମାନଙ୍କ ବସ୍ ରେ ଯାଇଛନ୍ତି। ଆସନ୍ତକାଲି ମହାନଦୀ ହସ୍ପିଟାଲରେ ରୋଗୀ ମାନଙ୍କ ପରଳ ଅସ୍ତ୍ରୋପଚାର କରାଯିବ। ଆସନ୍ତା ୨୦ ତାରିଖରେ ହସ୍ପିଟାଲ ବସ ରେ ସେମାନେ ଫେରିବେ। ରୋଗୀ ମାନଙ୍କ ଯିବା ଆସିବା, ରହିବା, ଖାଇବା ସମ୍ପୂର୍ଣ ମାଗଣାରେ ସମ୍ପାଦିତ ହୋଇଛି। ଏହି ଶିବିର କାର୍ଯ୍ୟକ୍ରମରେ ସଂଘର ସଭାପତି କମଳା କାନ୍ତ ପାଣ୍ଡେ, କାର୍ଯ୍ୟକାରୀ ସଭାପତି ପଦ୍ମଚରଣ ସ୍ୱାଇଁ, ଉପସଭାପତି ନବକିଶୋର ରଥ, ସାଧାରଣ ସମ୍ପାଦକ ପ୍ରଣବ ମଣ୍ଡଳ, ସଂଗଠନ ସମ୍ପାଦଜ ରାଜକିଶୋର ପାଢ଼ୀ, ଯୁଗ୍ମସମ୍ପାଦକ ବଂଶୀଧର ପଣ୍ଡା, ଗଭର୍ଣ୍ଣିଙ୍ଗ ବଡି ର ସଦସ୍ୟ ନବୀନ କିଶୋର ପଣ୍ଡା, କର୍ମକର୍ତା ଶ୍ରୀମତୀ ମଞ୍ଜୁଳା ପାଣିଗ୍ରାହୀ, ପ୍ରୋମଦ ସାହୁ, ମଧୁସୂଦନ ସାହୁ, ମୋହନ ପ୍ରଧାନ, ବିକାଶ ମହାନ୍ତି, ସୁବାସ ଚନ୍ଦ୍ର ବେହେରା ସହଯୋଗ କରିଥିଲେ। ମହାନଦୀ ନେତ୍ର ଚିକିତ୍ସାଳୟର ଡ଼କ୍ଟର ପ୍ରଶାନ୍ତ କୁମାର ଶତପଥି, ଧର୍ମରାଜ ନାୟକ, ଚନ୍ଦ୍ରଶେଖର ନନ୍ଦ, ମହେଶ ବେହେରା ପ୍ରମୁଖ ଚକ୍ଷୁ ଶିବିର ପରିଚାଳନା କରିଥିଲେ।

# ୨୪ତମ ଏଣ୍ଟରପ୍ରାଇଜ୍ ଓଡିଶାରେ ସେଲ ରାଉରକେଲା ଇସ୍ପାତ କାରଖାନାର ଷ୍ଟଲ୍ ଉଦ୍‌ଘାଟିତ




ରାଉରକେଲା , ୧୯/୧ (ନି.ପ୍ର): କନଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ) ଦ୍ୱାରା ଓଡିଶା ସରକାରଙ୍କ ମିଳିତ ସହଯୋଗରେ ଝାରସୁଗୁଡାରେ ଆୟୋଜିତ ୩ ଦିନିଆ ୨୪ତମ ଏଣ୍ଟରପ୍ରାଇଜ୍ ଓଡିଶାରେ ସେଲ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଏକ ଆକର୍ଷଣୀୟ ଷ୍ଟଲ୍ କୁ ଆରଏସପି ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୋମନାଥ ତ୍ରିପାଠୀ ଜାନୁଆରୀ ୧୯ ତାରିଖରେ ଉଦଘାଟନ କରିଥିଲେ । ଏହି ଅବସରରେ ଆରଏସପିର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଆରଏସପିର ବରିଷ୍ଠ ଅଧିକାରୀଙ୍କ ଗହଣରେ ଶ୍ରୀ ତ୍ରିପାଠୀ ଏହି ଷ୍ଟଲ ବୁଲି ଦେଖିବା ସହିତ ବୈଷୟିକ ନବସୃଜନ ଏବଂ ସ୍ଥାୟୀ ଅଭ୍ୟାସ ଦିଗରେ ନିରନ୍ତର ଉଦ୍ୟମ ପାଇଁ ଇସ୍ପାତ କାରଖାନାର ପ୍ରତିବଦ୍ଧତାକୁ ଦୋହରାଇଥିଲେ।

ଉକ୍ତ ଇଭେଣ୍ଟର ଦ୍ୱିତୀୟ ବୈଷୟିକ ଅଧିବେଶନରେ ଶ୍ରୀ ତ୍ରିପାଠୀ ସମ୍ବୋଧିତ କରି 'ଓଡିଶାରେ ସୁଯୋଗ' ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖିଥିଲେ। ଅଡି ଓ ଭିଜୁଆଲ୍ ସହିତ ସମୃଦ୍ଧ ଆରଏସପିର ମତବିନିମୟକାରୀ ପ୍ରଦର୍ଶନୀ ଆଧୁନିକ ଓଡିଶାର ଶିଳ୍ପ କୋଣାର୍କ ରୂପେ ବିଦିତ ରାଉରକେଲା ଇସ୍ପାତ କାରଖାନାର ସ୍ୱର୍ଣ୍ଣିଭ ଯାତ୍ରା, ଏହାର ନବସୃଜନତା, ଉତ୍କର୍ଷତା ଏବଂ ନିରନ୍ତର ବିକାଶ ପାଇଁ ଉତ୍ସର୍ଗୀକୃତତାକୁ ଦର୍ଶାଉଛି। ପରିଦର୍ଶକଙ୍କୁ ଆକର୍ଷିତ କରିବା ପାଇଁ ନିର୍ମିତ ଏହି ଷ୍ଟଲ୍ ପ୍ଲାଣ୍ଟର ଅତ୍ୟାଧୁନିକ ପ୍ରଗତି ପ୍ରଦର୍ଶନ କରେ ଏବଂ ଇସ୍ପାତ ଶିଳ୍ପରେ ଆରଏସପିର ମହତ୍ତ୍ୱପୂର୍ଣ୍ଣ ଅବଦାନ ତଥା ସମଗ୍ର ଅଞ୍ଚଳ, ରାଜ୍ୟ ତଥା ଦେଶର ଆର୍ଥିକ ଦୃଶ୍ୟ ଉପରେ ଏହାର ପ୍ରଭାବକୁ ଆଲୋକପାତ କରୁଛି। ଏହି କାର୍ଯ୍ୟକ୍ରମ ରେ ଶିଳ୍ପପତିଙ୍କ ଠାରୁ ଆରମ୍ଭ କରି ବୃତ୍ତିଧାରୀ, ଛାତ୍ରଛାତ୍ରୀ, ଗ୍ରାହକ, ବ୍ୟବସାୟ ସହଭାଗୀ ତଥା ସାଧାରଣ ଜନତାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଆରଏସପି ଷ୍ଟଲ୍ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା ଯେଉଁମାନେ ଇସ୍ପାତ ଜଗତ ଓ ଆରଏସପିର ଅଗ୍ରଗତି ସମ୍ପର୍କରେ ଜାଣିବା ପାଇଁ ଉତ୍ସୁକତା ପ୍ରକାଶ କରିଥିଲେ ।

## ପୁରୁଷୋତ୍ତମ ଓ ମହାପୁରୁଷ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଆମ୍ଭେମାନେ ଈଶ୍ୱରଙ୍କୁ ଦେଖିବାକୁ ପାଉ ନାହୁଁ । ବାପା ମା, ଓ ଗୁରୁଙ୍କୁ ଦେଖିବାକୁ ପାଉ । ସେହିମାନେ ହିଁ ଶ୍ରେୟ ହୁଅନ୍ତି ଯେଉଁମାନଙ୍କର ସ୍ୱାର୍ଥ ହେଉଛି ଆମ୍ଭମାନଙ୍କର ଜୀବନ ଓ ବଞ୍ଚିବା-ବଢ଼ିବା । ଆମ୍ଭେମାନେ ଯେତେ ସୁକେନ୍ଦ୍ରିକ ହେଉ, ସଦ୍‌ଗୁରୁଙ୍କ ଠାରେ କେନ୍ଦ୍ରାୟିତ ହେଉ, ସେତେ ହିଁ ଈଶ୍ୱରଙ୍କର ମାହାତ୍ମ୍ୟ ଉପଲବ୍ଧି କରୁ । ଗଣିତ ଶିଖିବା ପାଇଁ ଯେପରି ଗଣିତଜ୍ଞଙ୍କ ପାଖରେ ଶରଣାପନ୍ନ ହେବାକୁ ହୁଏ ସେହିପରି ଭଗବାନଙ୍କୁ ପାଇବାକୁ ହେଲେ ସଦ୍‌ଗୁରୁଙ୍କ ପାଖରେ ଶରଣାପନ୍ନ ହେବାକୁ ହୁଏ । ଈଶ୍ୱରଙ୍କ ଅସ୍ତିତ୍ୱ ସମସ୍ତଙ୍କ ପାଖରେ ଧରା ଦିଏ ନାହିଁ, କିନ୍ତୁ ସଦ୍‌ଗୁରୁଙ୍କ ପାଖରେ ତାହା ଧରା ପଡ଼େ । ସେମାନଙ୍କ କଥାରେ ବିଶ୍ୱାସ ନେଇ ମଣିଷ ଯେତେ ଅଗ୍ରସର ହେଉଥାଏ, ସେମାନଙ୍କର ବୋଧ ମଧ୍ୟ ସେହିପରି ଭାବରେ ବୃଦ୍ଧିପ୍ରାପ୍ତ ହୁଏ। ଯଥାର୍ଥରେ ଭଗବାନ ଯୀଶୁ କହିଛନ୍ତି - ମୁଁ ହିଁ ପଥ, ମୁଁ ହି ଆଲୋକ, ମୋ ବ୍ୟତିରେକ ଭଗବାନଙ୍କ ପାଖକୁ କେହି ଯାଇପାରିବେ ନାହିଁ । ଭଗବାନ ଶ୍ରୀକୃଷ୍ଣ ମଧ୍ୟ କହିଛନ୍ତି - ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ, ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ । ପୁରୁଷୋତମ ହିଁ ସଦ୍‌ଗୁରୁ, ଆଚାର୍ଯ୍ୟ ଓ ଲଙ୍କକ୍ଷଲସକ୍ଷକ୍ଷରକ୍ସ ଗ୍ଧକ୍ଷର ଭରଗ୍ଧକ୍ସ (ଫୁଲ ଫିଲର ଦ ବେଷ୍ଟ) । କଥା ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଶାସ୍ତ୍ରରେ ଅଛି ସର୍ବଦେବ ମୟୋଃ ଗୁରୁ । ପୁରୁଷୋତ୍ତମ ହିଁ ସେହି ଗୁରୁ ।

ସହପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ: ୯୪୩୭୦୫୧୯୫୬

# ରାସ୍ତା ଦୁର୍ଘଟଣାରେ ଆହତ ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ନୀଳଗିରି , ୧୯/୧ (ନି.ପ୍ର): ନବୀନ ଓଡ଼ିଶା ତଥା ୫-ଟି ଅଧକ୍ଷ ଭି. କେ ପାଣ୍ଡିଆନଙ୍କ ଗତ ଜାନୁଆରୀ ୬ତାରିଖରେ ନୀଳଗିରି ଗସ୍ତ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଏହି ଉପଲକ୍ଷେ ନୀଳଗିରି ନିର୍ବାଚନ ମଣ୍ଡଳୀ ଏବଂ ଏହାର ଆଖପାଖ ଅଞ୍ଚଳରୁ ବହୁ ବିଜେଡ଼ି ଦଳର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ବାହାନଗା ବ୍ଲକ ପଣପଣା ପଞ୍ଚାୟତର ପୂର୍ବତନ ବିଜେଡ଼ି ସଭାପତି ଅଭିମନ୍ୟୁ ପାତ୍ର (୨୮) ପାଣ୍ଡିଆନଙ୍କ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଅନ୍ୟ କର୍ମୀମାନଙ୍କ ସହିତ ନୀଳଗିରି ଆସିଥିଲେ। ସଭା ସମାପ୍ତ ପରେ ନିଜ ବାଇକରେ ନୀଳଗିରିରୁ ଫେରୁଥିବା ବେଳେ ୧୯ନଂ ରାଜ୍ୟ ରାଜପଥ ଗଡିଆମାଳ ନିକଟବର୍ତ୍ତୀ ପଣ୍ଡା ଫାର୍ମ ନିକଟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ୍ ଆରୋହୀ ସହିତ ଧକ୍କା ହୋଇଥିଲା। ଗୁରୁତର ଆହତ ଅବସ୍ଥାରେ ପ୍ରଥମେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନା ନିଆଯାଇ ଚିକିତ୍ସା କରାଯାଇଥିଲା। ପରେ କଟକ ବଡ଼ ମେଡ଼ିକାଲ ନିଆଯାଇ ଚିକିତ୍ସା କରାଯାଉଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ଭୁବନେଶ୍ୱର ସ୍ଥିତ ସୋମ ହସ୍ପିଟାଲ ନିଆଯାଇ ଚିକିତ୍ସା ଚାଲିଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ସନ୍ଧ୍ୟା ୮.୩୦ ସମୟରେ ମୃତ୍ୟୁବରଣ କରିଥିଲେ। ଖବର ପ୍ରଚାରିତ ହେବା ପରେ ପରିବାର ସମେତ ପଣପଣା ଏବଂ ବାହାନଗା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେଠାରେ ତାଙ୍କର ଶବ ବ୍ୟବଚ୍ଛେଦ ପରେ ଶୁକ୍ରବାର ଅଭିମନ୍ୟୁଙ୍କ ଚାକ ସ୍ଥିତ ଗ୍ରାମକୁ ଅଣାଯାଇଥିଲା। ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ବେଳେ ଖବର ପାଇ ବାଲେଶ୍ୱର ଜିଲ୍ଲା ବିଜେଡ଼ି ଯୁବନେତା ତଥା ରାଜ୍ୟ ଯୁବ ବିଜେଡ଼ି କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ ଘଟଣା ସ୍ଥଳରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେବା ସହ ସମସ୍ତ ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଅଭିମନ୍ୟୁଙ୍କ ପ୍ରାର୍ଥିବ ଶରୀରକୁ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ଶହଶହ ସଂଖ୍ୟାରେ ଜନସାଧାରଣ ଶବାଧାର ନିକଟରେ ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ ଗ୍ରାମାଂଚଳ ମନ୍ଦିର ଗୁଡିକର ସଫେଇ କାର୍ଯ୍ୟ

ଜଳେଶ୍ୱର , ୧୯/୧ (ନି.ପ୍ର): ଅଯୋଧ୍ୟାରେ ପ୍ରଭୁ ରାମଲାଲାଙ୍କ ଭବ୍ୟ ଓ ଦିବ୍ୟ ନୂତନ ମନ୍ଦିର ତଥା ପ୍ରଭୁଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ ପରିପ୍ରେକ୍ଷୀରେ ଜାନୁଆରୀ ୧୪ରୁ ୨୨ତାରିଖ ପର୍ଯ୍ୟନ୍ତ ଦେଶର ସମସ୍ତ ମନ୍ଦିର ଓ ତିର୍ଥସ୍ଥଳୀରେ ସ୍ୱଚ୍ଛତା ଅଭିଯାନ ଆରମ୍ଭ କରାଯାଇଛି । ତେଣୁ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ରାଜପୁର ଗ୍ରାମରେ ରାଜରଜକେଶ୍ୱର ମହାଦେବ ମନ୍ଦିର, ଶିଖରପୁରର ଶ୍ରୀଶ୍ରୀ ବରାଳବାଲୁକେଶ୍ୱର ମହାଦେବ ମନ୍ଦିର ଓ ଭବଗତୀ ମନ୍ଦିରକୁ ବିଜେପି ପକ୍ଷରୁ ସଫେଇ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଶିଦ୍ଧାର୍ଥଶଂକର ପାଳ, ସ୍ୱପ୍ନେଶ୍ୱର ମଣ୍ଡଳ ସଭାପତି ତପନ କୁମାର ବିଶ୍ୱାଳ, ସଂଗ୍ରମକେଶରୀ ପରିଡା, ଅଜୟ ଦାସ, ଚିନ୍ମୟ ଦାସ, ଦିଲ୍ଲିପ ବେହେରା, ସୁହାସସୈନୀକ କାହ୍ନୁଚରଣ ଗିରି, ଗିତାଞ୍ଜଳି ବ୍ରହ୍ମ, ଜ୍ୟୋସ୍ନାରାଣୀ ବେହେରା ବର୍ଣ୍ଣାଳୀ ଦାସ, ସୁମିତ୍ର ବିଶ୍ୱାଳ, ନଗେନ ନାୟକ ନେତୃତ୍ୱରେ ବହୁ ବ୍ୟକ୍ତି ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ ।

# ରସାଳପୁର କପିଳମୁନି ପଡ଼ିଆରେ ଆୟୁଷ ସ୍ୱାସ୍ଥ୍ୟ ଶିବିର




ବାଲେଶ୍ୱର, ୧୯/୧ (ନି.ପ୍ର): ରସାଳପୁର କପିଳମୁନି ଆଧାତ୍ମିକ ଏବଂ ସାଂସ୍କୃତିକ ପରିଷଦର ୫ମ ଦିବସରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓ ଜିଲ୍ଲା ଆୟୁର୍ବେଦିକ ଚିକିତ୍ସାଧିକାରୀଙ୍କ ସହଯୋଗର ଏକ ଆୟୁଷ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଅଛି । ରସାଳପୁର ଠାରେ କପିଳମୁନି ପଡ଼ିଆର ପରିଷଦ ଆନୁକୂଲ୍ୟରେ ଏକ ସ୍ୱାସ୍ଥ୍ୟମେଳା ଓ ଯୋଗଶିବିରକୁ ଦିବା ୧୦ ଘଟିକା ସମୟରେ ରେମୁଣା ବିଧାୟକ ଶ୍ରୀ ସୁଧାଂଶୁ ଶେଖର ପରିଡ଼ା ଓ ଜିଲ୍ଲା ଆୟୁର୍ବେଦିକ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ କୁମାର ନନ୍ଦ ଉଦ୍‌ଘାଟନ କରିଅଛନ୍ତି।। ପ୍ରଥମେ ସକାଳ ୯ ଘଟିକାରେ ଯୋଗ ପ୍ରଶିକ୍ଷକ ମନୋଜ କୁମାର ଦେ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ଅଭିଜ୍ଞ ଆୟୁର୍ବେଦିକ ଚିକିତ୍ସକ ଡା. ରାଜୀବ କୁମାର ମାଝୀ, ଡା. ମୋଜାମିଲ୍ ଅଲ୍ଲି, ଡା. ସମୀର କୁମାର ଛାଟୋଇ, ଡା. ସବ୍ୟସାଚୀ ମଣ୍ଡଳ, ଡାକ୍ତର ତପସ୍ୱିନୀ ମିଶ୍ର, ଡାକ୍ତର ନିମିତା ୩୦୦ରୁ ଅଧିକ ରୋଗୀମାନଙ୍କୁ ଚିକିତ୍ସା କରି ଔଷଧ ବିତରଣ କରିଥିଲେ। ଏହି ଉଦ୍ଦେଶ୍ୟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଶ୍ରୀ ସୁଧାଂଶୁ ଶେଖର ପରିଡ଼ା, ମୁଖ୍ୟବକ୍ତା ଡାକ୍ତର ପ୍ରଶାନ୍ତ କୁମାର ନନ୍ଦ ଓ ଆୟୁଷ ବିକାଶ ମଞ୍ଚର ସମ୍ପାଦକ ହିମାଂଶୁ ଶେଖର ଦାସ ସମ୍ମାନୀୟ ଅତିଥିଭାବେ ଯୋଗଦାନ କରି ଆୟୁର୍ବେଦିକ ଯୋଗ ଓ ହୋମିଓପ୍ୟାଥିକ ଚିକିତ୍ସା ଉପରେ ଆଲୋଚନା କରିଥିଲେ। ପରିଷଦର ସଭାପତି ଡାକ୍ତର ସତ୍ୟନାରାୟଣ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଶ୍ରୀ ରମାକାନ୍ତ ବେହେରା, ସମାଜସେବୀ ବିସ୍ମୟ ଦାସ ମଞ୍ଚାସୀନ ଥିଲେ। ମନୋଜ କୁମାର ଦେ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସ୍ୱାସ୍ଥ୍ୟ ମେଳାରେ ପରିଷଦର ସ ଭ୍ୟ ଶ୍ରୀ ଅସିତ୍ କୁମାର ଦାସ, ଯୁଗଳ କିଶୋର ମହଲ, ଗଗନ ବିହାରୀ ବେହେରା, ସଂଜୟ କୁମାର ମହଲ, ରବୀନ୍ଦ୍ର କୁମାର ଘଡ଼େଇ, ଭାଗୀରଥି ମହାନ୍ତି ଓ ସୈମେନ୍ଦ୍ର ନାରାୟଣ ପ୍ରଭୃତି ସହଯୋଗ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ୫୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ...

ଯୋଜନା ମୁତାବକ ଆଜି ଅଧାମୁଣ୍ଡା ସ୍କୁଲରେ ପ୍ରଧାନଶିକ୍ଷକ ଲାଞ୍ଚ ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ତାଙ୍କୁ ଧରିବାରେ ସଫଳ ହୋଇଥିଲା। ତାଙ୍କୁ ଗିରଫ କରିବା ପରେ ଭିଜିଲାନ୍ସ ପକ୍ଷରୁ ଅଧିକ ଖୋଳତାଡ଼ କରାଯାଉଛି। ସେହିପରି ୫୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଖୋର୍ଦ୍ଧା ଜିଲ୍ଲା କେରଙ୍ଗ କଲେଜ ଅଧକ୍ଷା ବିଦ୍ୟୁତପ୍ରଭା ଜେନା। ସେହି କଲେଜର ସହକାରୀ ଲାଇବ୍ରେରିଆନ ଧୀରଜ ବଡ଼ଜେନାଙ୍କ ଠାରୁ ଆଜି ସନ୍ଧ୍ୟା ପ୍ରାୟ ସାଢ଼େ ୫ଟା ବେଳେ ନିଜ ଗୁରୁଜାଙ୍ଗ ସ୍ଥିତ ବାସଭବନରେ ୫୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବିଦ୍ୟୁତ୍‌ପ୍ରଭା ଜେନା। ଭିଜିଲାନ୍ସ ଅଧିକାରୀମାନେ ଅଧକ୍ଷା ବିଦ୍ୟୁତ୍‌ପ୍ରଭା ଜେନାଙ୍କଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରିଛନ୍ତି। ଏହା ସହିତ ତାଙ୍କ ବାସଭବନ ଓ କଲେଜରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛନ୍ତି ଭିଜିଲାନ୍ସ ଅଧିକାରୀ। ବିଦ୍ୟୁତ୍‌ପ୍ରଭା ଜେନାଙ୍କୁ ଭିଜିଲାନ୍ସର ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟକୁ ନିଆଯାଇଛି। ଧୀରଜଙ୍କ ପତ୍ନୀ ଦୀପ୍ତିରାଣୀଙ୍କ ଅଭିଯୋଗ କ୍ରମେ ଭିଜିଲାନ୍ସ ଜାଲ ବିଛାଇଥିଲା ଓ ଅଧକ୍ଷାଙ୍କୁ ଧରିଥିଲା।

## କରଜ ସୁଝି ନ ପାରିବାରୁ...

ହାତ ଉଧାରି ମଧ୍ୟ ଆଣିଥିଲେ। କିନ୍ତୁ ଧାନ ଭଲ ହେଲା ନାହିଁ। ତେଣୁ ଋଣ ସୁଝିବା ନେଇ ସମସ୍ୟା ଦେଖା ଦେଲା। ସେ କିଛି ପରିମାଣରେ ଋଣ ସୁଝି ଥିଲେ। କିନ୍ତୁ ତା'ପରେ ଆଉ ଅନ୍ୟପକ୍ଷରେ ଋଣ ଅର୍ଥ ଫେରାଇବାକୁ ଘରୋଇ ସଂସ୍ଥାଗୁଡ଼ିକ ମଧ୍ୟ ଚାପ ପକାଉଥିଲେ। ସଂସ୍ଥାଗୁଡ଼ିକର କର୍ମଚାରୀ ଘରକୁ ଆସୁଥିଲେ। ଟଙ୍କା ନଦେଲା ପର୍ଯ୍ୟନ୍ତ ଘରୁ ଯିବେ ନାହିଁ ବୋଲି କହୁଥିଲେ। ତେଣୁ ଋଣ ସୁଝି ନପାରିବାର ଚାପରେ ସେ ଆତ୍ମହତ୍ୟା କରି ଦେଇଛନ୍ତି।

## ଦେଖାଦେଲେ ମର୍ଯ୍ୟାଦା...

ସେସବୁର ସମୀକ୍ଷା କରିଛନ୍ତି ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ । ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି, ସେଦିନ ଅଯୋଧ୍ୟାରେ ମର୍ଯ୍ୟାଦା ପୁରୁଷ ରାମଚନ୍ଦ୍ରଙ୍କ ପ୍ରାଣ ପ୍ରତିଷ୍ଠା ସହ ଭାରତ ଇତିହାସ ଓ ବିଶ୍ୱାସର ପ୍ରତିଷ୍ଠା ହେବ । ଆଜି ଅଯୋଧ୍ୟାରେ ପହଂଚିବା ପରେ ହନୁମାନଗଡି ଯାଇ ହନୁମାନଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ ଯୋଗୀ । ଏହା ପରେ ପ୍ରତିଷ୍ଠା ଉତ୍ସବ ପାଇଁ ହୋଇଥିବା ଟେଂଟସିଟି ପରିଦର୍ଶନ କରିଥିଲେ । ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ରାମମୟ ହୋଇଗଲାଣି ଅଯୋଧ୍ୟା । ଅନେକ ସାଧୁ ସନ୍ଥଙ୍କ ସମାଗମ ହେଲାଣି । ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଇଁ ବ୍ୟାପକ ଆୟୋଜନ କରାଯାଇଛି । ଏଥିପାଇଁ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଥିବା ୟୁପି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ।

## ବିଜେପି ରାଜ୍ୟ...

ଝାରସୁଗୁଡାରେ ଗତବର୍ଷ ସ୍ପଷ୍ଟ ଦିବାଲୋକରେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ହତ୍ୟା, ନାବାଳକ ସମର୍ଥ ଅଗ୍ରୱାଲଙ୍କୁ ବୀଭତ୍ସ ହତ୍ୟା ଏବଂ ଚଳିତ ବର୍ଷ ଆରମ୍ଭ ହେଉ ହେଉ ବିଜେପି ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀଙ୍କ ଉପରେ ଅଣ୍ଡା ମାଡ଼ ଏବଂ ଏବେ ତାଙ୍କ ଗାଡିକୁ ଆକ୍ରମଣ ହୋଇଛି । ଝାରସୁଗୁଡାରେ ଆଇନ ଶୃଙ୍ଖଳା ପରିସ୍ଥିତି ଭୁଶୁଡି ଯାଇଥିବାବେଳେ ଝାରସୁଗୁଡାବାସୀ ଭୟରେ ଥିବା ବିଜେପି ଅଭିଯୋଗ କରିଛି। ଏହି ଆକ୍ରମଣ ପଛରେ ବିଜେଡିର ହାତ ଥିବା ଅଭିଯୋଗ କରିଛନ୍ତି ଟଙ୍କଧର ତ୍ରିପାଠୀ । ଏପରିକି ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସିସିଟିଭି ଫୁଟେଜରେ କିଏ ପଥର ମାଡ଼ କରିଛି ତାହା ସ୍ପଷ୍ଟ ହୋଇଥିବା କହିଛନ୍ତି। ଏପରିକି ଝାରସୁଗୁଡ଼ାରେ ବିଜେଡି ନେତୃତ୍ୱ ନେଉଥିବା ପରିବାର ସହ ଆକ୍ରମଣକାରୀଙ୍କ ଗଭୀର ସମ୍ପର୍କ ରହିଥିବା ସେ ଟାର୍ଗେଟ କରିଛନ୍ତି। ତେବେ ପୁଲିସ୍ ତଦନ୍ତରୁ ସବୁ ସତ ପଦାକୁ ଆସିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

## ଇଡିରେ ହାଜର ହେବାକୁ ...

ଏହି ପ୍ରକ୍ରିୟାରେ ଲାଲୁ ପ୍ରସାଦ ଯାଦବଙ୍କ ପରିବାର ଓ ତାଙ୍କ ସହଯୋଗୀମାନେ ୧ ଲକ୍ଷ ବର୍ଗଫୁଟର ଜମି ହାତେଇ ଥିଲେ। ମାତ୍ର ୨୬ ଲକ୍ଷ ଟଙ୍କାରେ ସେମାନେ ଏହି ଜମି ହାତେଇଥିଲେ, ଯାହାର ପ୍ରକୃତ ମୂଲ୍ୟ ୪.୩୯ କୋଟି ଥିଲା ବୋଲି ସିବିଆଇ ଅଭିଯୋଗ କରିଛି। ନିଜ କ୍ଷମତାର ଦୁରୁପଯୋଗ କରି ଲାଲୁ ପ୍ରସାଦ ଯାଦବ ନିଜ ପରିବାରକୁ ଫାଇଦା ପହଞ୍ଚାଇଥିଲେ। ସିବିଆଇ ପକ୍ଷରୁ କରାଯାଇଥିବା ଏକ ଅଭିଯୋଗ ଆଧାରରେ ଇଡି ପକ୍ଷରୁ ମନି ଲଣ୍ଡରିଂ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। ଜମି ବଦଳରେ ଚାକିରି ଦୁର୍ନୀତି ଘଟଣାରେ ସିବିଆଇ ପକ୍ଷରୁ ରୁଜୁ ହୋଇଥିବା ମାମଲାରେ ପୂର୍ବରୁ ତଳ କୋର୍ଟ ଲାଲୁ ଯାଦବ, ତେଜସ୍ୱୀ ଯାଦବ ଓ ରାବ୍ରୀ ଦେବୀଙ୍କୁ ଜାମିନ୍ ଦେଇଥିଲେ।

## ମିଳିଲାନି ମହଲତ: ୨୧ରେ...

ଏହାକୁ ଚ୍ୟାଲେଞ୍ଜ କରାଯାଇ ସୁପ୍ରିମକୋର୍ଟରେ ଏକ ଆବେଦନ ହୋଇଥିଲା। ଜାନୁଆରୀ ୧୯ରେ ସୁପ୍ରିମକୋର୍ଟ ଏ ଉପରେ ଶୁଣାଣି କରି ଦୋଷୀଙ୍କ ଦଣ୍ଡ କୋହଳ କରାଯାଇ ପାରିବ ନାହିଁ ଏବଂ ସମୟ ପୂର୍ବରୁ ସେମାନେ ମୁକୁଳି ପାରିବେ ନାହିଁ ବୋଲି କହିଥିଲେ। ଜେଲରୁ ମୁକୁଳି ଯାଇଥିବା ସମସ୍ତ ୧୧ ଦୋଷୀ ଜାନୁଆରୀ ୨୧ ସୁଦ୍ଧା ପୁଲିସ ନିକଟରେ ଆତ୍ମସମର୍ପଣ କରନ୍ତୁ ବୋଲି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଦୋଷୀମାନେ ଆଉ କିଛି ଦିନ ସମୟ ମାଗି ସର୍ବୋଚ୍ଚ ଅଦାଲତରେ ଆବେଦନ କରିଥିଲେ, ଯାହା ଖାରଜ ହୋଇଯାଇଛି।

# କଳମା ଗ୍ରାମପଞ୍ଚାୟତ ଅଫିସରୁ ଚୋରୀ: ୩୦ ହଜାର ଭଉ୍ଆ ଟଙ୍କା ଚୋରୀ କରି ନେଲେ ଦୁର୍ବୃତ୍ତ

ବେତନଟୀ, ୧୯/୧ (ନି.ପ୍ର): ବୈଶିଙ୍ଗା ଥାନା ଅଧୀନ କଳମା ଗ୍ରାମପଞ୍ଚାୟତ କାର୍ଯ୍ୟାଳରୁ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ଲୁଟ୍। କମ୍ପ୍ୟୁଟର, ଦାମୀ ଏଲଇଡି ସମେତ ୩୦ ହଜାର ନଗଦ ଟଙ୍କା ଚୋରି କରିନେଲେ ଦୁର୍ବୃତ୍ତ। ଖବର ପାଇ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି ପୋଲିସ। କଳମା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନିର୍ମାଣାଧୀନ ଘର କାମରେ ନିୟୋଜିତ ପକ୍କା ମିସ୍ତ୍ରୀମାନେ ଶୁକ୍ରବାର ସକାଳେ କାମ କରିବାକୁ ଆସିଥିଲେ । ପଞ୍ଚାୟତ କାର୍ଯ୍ୟାଳୟର ତାଲା ଭଙ୍ଗା ଯାଇଥିବାର ଦେଖି ତୁରନ୍ତ ସରପଞ୍ଚ ଗୋପୀନାଥ ସିଂଙ୍କୁ ଜଣାଇଥିଲେ । ସରପଞ୍ଚ ଏନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ କାର୍ତ୍ତିକଚନ୍ଦ୍ର ସାହୁ, ଜିଆରଏସ ବିଶ୍ୱଜିତ ଆଚାର୍ଯ୍ୟ ସମେତ ପୁଲିସକୁ ଖବର ଦେଇଥିଲେ। ପଞ୍ଚାୟତ ଅଫିସ୍‌ରୁ ଦୁଇଟି କମ୍ପ୍ୟୁଟର ସେଟ୍, ଗୋଟିଏ ଦାମୀ ଏଲଇଡ଼ି ସମେତ ବିଭିନ୍ନ ଭତ୍ତା ବାବଦକୁ ଥିବା ନଗଦ ୩୦ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଚୋରି ହୋଇଥିବାର ପଞ୍ଚାୟତ କର୍ତ୍ତୃପକ୍ଷ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲେ। ଦୁର୍ବୃତ୍ତମାନେ ପଞ୍ଚାୟତ କାର୍ଯ୍ୟାଳୟର ବିଭିନ୍ନ ରେକର୍ଡପତ୍ରକୁ ଫିଙ୍ଗାଫିଙ୍ଗି କରିଥିବାର ଦେଖିବାକୁ ମିଳିଛି। ଏନେଇ ପଞ୍ଚାୟତ ପକ୍ଷରୁ ବୈଶିଙ୍ଗା ଥାନାରେ ଏତଲା ଦିଆଯାଇଛି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତକୁ ବ୍ୟାପକ କରିଛି ପୁଲିସ । ତଦନ୍ତ ପରେ ଚୋରିର ପ୍ରକୃତ ପରିମାଣ ଜଣାପଡିବ।

# ଆବାସ ଯୋଜନା ପାଇଁ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

ବାସୁଦେବପୁର, ୧୯/୧ (ନି.ପ୍ର): ବାସୁଦେବପୁର ପୌର ପାଳିକା ପକ୍ଷରୁ ସାବରପୁର ବେଲଆଡି ଠାରେ ଜାନୁଆରୀ ୧୭ ତାରିଖ ରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ସହରାଞ୍ଚଳର ହିତାଧିକାରୀ ମାନଙ୍କ ପାଇଁ ଏକ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଅଛି । ଏହି କାର୍ଯ୍ୟକ୍ରମ ରେ ପୌରପାଳିକାର ଅଧକ୍ଷା ନିବେଦିତା ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ୱାର୍ଡ କାଉନସିଲର ୧୫,୧୬ ଏବଂ ୭ ର ଆସନା ବିବି , ଅଞ୍ଜୁମ୍ ବିବି, ସୁନିଲ କୁମାର ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାସ ଜନ ଶୁଣାଣିର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ । ସ୍ୱତନ୍ତ୍ର ସୁବିଧା ପ୍ରଦାନ କାରୀ ସଂସ୍ଥା ଲାଇଫ ଏକାଡେମୀ ଅଫ୍ ଭୋକସନାଲ ଷ୍ଟଡିଜର କର୍ମକର୍ତ୍ତା ରମେଶ ଚନ୍ଦ୍ର ବଳ ଓ ସମୀର କୁମାର ପରିଡ଼ା ଏହି ଜନ ଶୁଣାଣି କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ ଏବଂ ସମସ୍ତ ହିତାଧିକାରୀ, ପାରିଷଦ କର୍ମଚାରୀ ଏବଂ ବିଭିନ୍ନ ୱାର୍ଡ ରୁ ଆସିଥିବା ହିତାଧିକାରୀଙ୍କ ଠାରୁ ଅଭିଯୋଗ ଗ୍ରହଣ କରିବା ସହିତ ଏହାର ସ୍ଥାୟୀ ସମାଧାନ ପାଇଁ ବୁଝାଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପୌର ପାଳିକାର ସାବିର ଖାନ, ଗୋଷ୍ଠୀ ସଂଯୋଜିକା ସସ୍ମିତା ମହାପାତ୍ର, କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ ନାୟକ, ସିଏଲଟିସି ମୃତ୍ୟୁଞ୍ଜୟ ନାୟକ, ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାର ଡ୍ରିଲିଂ ଆସିଷ୍ଟାଣ୍ଟ ସର୍ବେଶ୍ୱର ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମ ପରି ଚାଳନାରେ ସହଯୋଗ କରିଥିଲେ ଏବଂ ପ୍ରତ୍ୟେକ ସମସ୍ୟାର ସରକାରଙ୍କ ନିୟମ ଅନୁଯାୟୀ ଯେପରି ସମାଧାନ ହୋଇ ପାରିବ ସେଥି ପ୍ରତି ଦୃଷ୍ଟି ଦେବାକୁ କହିଥିଲେ । ଶେଷରେ ସି ଏଲ ଟି ସି ସମସ୍ତ ଅତିଥି ଓ ହିତାଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ରୂପ୍ସା , ୧୯/୧ (ନି.ପ୍ର): ରୂପ୍ସା ନୀଳମଣି ଉଚ୍ଚ ମାଧ୍ୟମିକ ଶିକ୍ଷାନୁଷ୍ଠାନରେ ଚଳିତ ଶିକ୍ଷାବର୍ଷ ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶ ଅନୁସାରେ +୨ ପ୍ରଥମ ବର୍ଷର ଛାତ୍ରୀଙ୍କ ପାଇଁ ଛାତ୍ରୀ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଉଦ୍ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅଧକ୍ଷ ଡ. ତପନ କୁମାର ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ପ୍ରାଧାପିକା ନିଳୀମା ପାତ୍ର ଉପସ୍ଥିତ ଥିଲେ । ମୁଖ୍ୟ କାର୍ଯ୍ୟକ୍ରମ ଅଧିକାରୀ ପିନକ୍ଷୀ ପଣ୍ଡା କାର୍ଯ୍ୟକ୍ରମର ସଂଯୋଜନା କରିଥିଲା ବେଳେ ଅନ୍ୟତମ କାର୍ଯ୍ୟକ୍ରମ ଅଧିକାରୀ ଡ. ଆରୁଣୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ଅଧାପିକା ଇତିଶ୍ରୀ ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ମର୍ମନ୍ତୁଦ ସଡ଼କ ଦୁର୍ଘଟଣା : ୭ ମୃତ

ବାଲେଶ୍ୱର/ ଗଞ୍ଜାମ, ୧୯/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା କମର୍ଦ୍ଦା ଥାନା ଅନ୍ତର୍ଗତ ଉଲୁଡା ଛକ ନିକଟରେ ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣା ଘଟିଛି। ରାସ୍ତାକଡ଼ରେ ଠିଆ ହୋଇଥିବା ଟ୍ରକକୁ ବାଇକ୍ ଧକ୍କା ଦେବାରୁ ୨ ଜଣ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଛି। ମୃତକ ଦୁଇ ଜଣ ବସ୍ତା ଅଞ୍ଚଳରର ବୋଲି ଜଣାପଡ଼ିଛି। ଗତକାଲି ବିଳମ୍ବିତ ରାତିରେ ଏକ ବାଇକରେ ଦୁଇ ଜଣ ଯୁବକ ଯାଉଥିବା ବେଳେ ରାସ୍ତାକଡ଼ରେ ଠିଆ ହୋଇଥିବା ଟ୍ରକକୁ ପଛରୁ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ଦୁଇ ଜଣ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଥିଲା। ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହାସହ ମୃତକଙ୍କ ପରିବାର ଲୋକଙ୍କୁ ଖବର ଦେଇଛି। ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରି ଘଟଣାର ତଦନ୍ତ କରୁଛି। ସେହିପରି ଗଞ୍ଜାମ ଜିଲ୍ଲା ସୋରଡ଼ା ଥାନା ନିକଟ କେଶରିପାଟଣା ଗାଁ ଡ୍ରାପ ନିକଟରେ ଗତକାଲି ବିଳମ୍ବିତ ରାତିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବାଇକ୍ ଓ ସ୍କୁଟି ମୁହାଁମୁହିଁ ଧକ୍କା ହେବା ଫଳରେ ୫ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ମାନେ ହେଲେ ଗୋପାଳପୁର ଶାସନ ଗ୍ରାମର ମହେନ୍ଦ୍ର ନାୟକ, ସାନ ସୋରଡ଼ା ଗ୍ରାମର ରଜନୀ ଗୌଡ଼, ଅସୁରବନ୍ଧ ଗ୍ରାମର ଶ୍ରୀକାନ୍ତ ଗୌଡ଼, ଦୁଲାଡ଼ ଗ୍ରାମର ମନୋଜ ଡାକୁଆ ଓ ଜୟନ୍ତ ବାଡ଼ତ୍ୟା। ଗୁରୁତର ଦୁଲାଡ଼ର ପୂର୍ଣ୍ଣ ଗୌଡ଼ଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗତକାଲି ରାତି ପ୍ରାୟ ୧୧ ଟା ସମୟରେ ପୂର୍ଣ୍ଣ, ମନୋଜ, ଶ୍ରୀକାନ୍ତ ତିନି ଜଣ ଗୋଟିଏ ବାଇକରେ ନିଜ ଗାଁ ଦୁଲାଡ଼ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଏକ ସ୍କୁଟିରେ ବସି ମହେନ୍ଦ୍ର, ରଜନୀ,ଜୟନ୍ତ ତିନିଜଣ ସୋରଡ଼ା ଆସୁଥିବା ବେଳେ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ତିନି ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅଗ୍ନିଶମ ବାହିନୀ ଅନ୍ୟ ଗୁରୁତରଙ୍କୁ ଉଦ୍ଧାର କରି ସୋରଡ଼ା ମେଡ଼ିକାଲରେ ଭର୍ତ୍ତି କରିଥିଲା। ସେଠାରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି। ଗୁରୁତର ପୂର୍ଣ୍ଣ ଗୌଡ଼ଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ବାଇକ ଓ ସ୍କୁଟି ଭାଙ୍ଗିରୁଜି ଚୁରମାର ହୋଇଯାଇଛି। ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିବା ସହ ଘଟଣାର ତଦନ୍ତ କରୁଛି। ମୃତକ ମଧ୍ୟରେ ସୋରଡ଼ା ବିଦ୍ୟୁତ ବିଭାଗରେ ଜଣେ ଲାଇନମେନ ଅନ୍ୟଜଣେ ହେଲପର ଥିବା ସୂଚନା ରହିଛି।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ଉଦଳା ରାଜନୀତି ପାଣିପାଗ: ଡ଼ା. ମନୋରଂଜନଙ୍କ ପ୍ରେସ ମିଟକୁ ନେଇ ଜୋରଦାର ଚର୍ଚ୍ଚା



ଉଦଳା , ୧୯/୧ (ନି.ପ୍ର): ନିର୍ବାଚନ ଯେତିକି ପାଖେଇ ଆସୁଛି, ଉଦଳା ରାଜନୀତି ପାଣିପାଗ ସେତିକି ସରଗରମ ହେବାରେ ଲାଗିଛି । କିଏ କେଉଁ ଦଳରୁ ଟିକଟ ପାଇବେ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବେଳେ ବିଭିନ୍ନ ରାଜନୈତିକ ଦଳରେ ଆଶାୟିଙ୍କ ଲମ୍ବା ତାଲିକା ଦେଖିବାକୁ ମିଳୁଛି । ଏତିକିବେଳେ ଆଶାୟୀଙ୍କ ମଧ୍ୟରୁ ଡ଼ା.ମନୋରଂଜନ ମଲ୍ଲିକ ଆଜି ଜାନୁଆରୀ ୧୯ ତାରିଖ ଶୁକ୍ରବାର ଦିନ ତାଙ୍କର ଉଦଳା ସହରସ୍ଥିତ ବାସଭବନରେ ଏକ ପ୍ରେସମିଟ୍‌ର ଆୟୋଜନ କରିଥିଲେ । ଯେଉଁଥିରେ ଉଦଳା, କପ୍ତିପଦା ଓ ଗୋପବନ୍ଧୁନଗର ଅଂଚଳର ସାମ୍ବାଦିକ ମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ । ଡ଼ା. ମନୋରଂଜନ ସାମ୍ବାଦିକ ମାନଙ୍କ ସମ୍ମୁଖରେ ସେ ନିଜେ କିପରି ଏକ ଗରିବ ଘରର ପିଲା ଭାବରେ ବହୁ ଅଭାବ ଅନାଟନ ମଧ୍ୟରେ ପାଠ ପଢୁଥିଲେ ଓ ଉଦଳା ଉଚ୍ଚ ବିଦ୍ୟାଳୟରେ ପାଠ ପଢ଼ିବା ସମୟରେ ସେ ସମୟର ସହପାଠୀ ମାନଙ୍କ ମେଳ ଆଜି କିପରି ତାଙ୍କୁ ଜଣେ ଡ଼ାକ୍ତର କରି ଗଢ଼ି ତୋଳିବାରେ ସହାୟକ ହୋଇଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାପରେ ଏଥର ନିର୍ବାଚନରେ ଜଣେ ଉଚ୍ଚ ଶିକ୍ଷିତ ପ୍ରାର୍ଥିଙ୍କୁ ଲୋକେ ଭୋଟ ଦେବାକୁ ଚାହୁଁଛନ୍ତି ବୋଲି ସାମ୍ବାଦିକ ମାନେ ସୂଚନା ଦେଇଥିଲେ । ଡ଼ା. ମନୋରଂଜନ ଏଥର ଉଦଳାରୁ ବିଧାୟକ ପ୍ରାର୍ଥି ହେଲେ ନିଶ୍ଚିତ ଭାବରେ ଖୁବ୍ ଭଲ ଭୋଟ ବ୍ୟବଧାନରେ ଜିତିବେ ବୋଲି କେତେକ ମତ ଦେଇଥିଲେ । ମୋଟାମୋଟି ଭାବରେ ଡ଼ା. ମନୋରଂଜନଙ୍କ ଏହି ପ୍ରେସ ମିଟ ଆଜି ସମଗ୍ର ନିର୍ବାଚନ ମଣ୍ଡଳି ମଧ୍ୟରେ ମୁଖ୍ୟ ଚର୍ଚ୍ଚାର ବିଷୟବସ୍ତୁ ପାଲଟି ଯାଇଥିବାର ଦେଖିବାକୁ ମିଳୁଛି ।

# ନୀଳଗିରି ବିଜେପି ପକ୍ଷରୁ ବିକଶିତ ଭାରତ ସଂକଳ୍ପ ଯାତ୍ରା



ନୀଳଗିରି , ୧୯/୧ (ନି.ପ୍ର): ନୀଳଗିରି ବ୍ଲକର ବେଗୁନିଆ ଗ୍ରାମ ପଞ୍ଚାୟତରେ ବିକଶିତ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ନୀଳଗିରି ବ୍ଲକରେ ବିକଶିତ ଭାରତ କାର୍ଯ୍ୟକ୍ରମର ଆଜି ସମାପ୍ତ ହୋଇଅଛି । ଆଜିର କାର୍ଯ୍ୟକ୍ରମରେ ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ମାନ୍ୟବର ବିଧାୟକ ସୁକାନ୍ତ କୁମାର ନାୟକ ସାମିଲ ହୋଇଥିଲେ । ଏଲ ଇ ଡି ସଂଯୁକ୍ତ ସୁସଜ୍ଜିତ ଗାଡ଼ିରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ମାଧ୍ୟମରେ କେନ୍ଦ୍ର ସରକାରଙ୍କର ବିଭିନ୍ନ ଲୋକ କଲ୍ୟାଣକାରୀ ଯୋଜନା ବିଷୟରେ ଗାଁ ଗହଳିର ଲୋକ ମାନଙ୍କୁ ଅବଗତ କରାଯାଇଛି । ଯେଉଁ ଗରିବ ଲୋକ ମାନେ ଏ ସବୁର ଲାଭ ପାଇନାହାନ୍ତି, ସେମାନଙ୍କର ଦରଖାସ୍ତ ଗ୍ରହଣ କରାଯାଇଛି । ଏସବୁ ଦରଖାସ୍ତ କେନ୍ଦ୍ର ସରକାରଙ୍କ ପାଖକୁ ପଠାଯିବ ଓ ମୋଦି ଗ୍ୟାରେଣ୍ଟିରେ ଲାଭ ସେମାନେ କିପରି ପାଇବେ ତାର ବ୍ୟବସ୍ଥା କରାଯିବ । ସମସ୍ତଙ୍କୁ ଜମି, ପକ୍କାଘର, ବିଜୁଳିବତୀ, ପାଇପ ପାଣି, ସ୍ୱାସ୍ଥ୍ୟ ସେବା, ରୋଜଗାର, ରାସ୍ତା, ସମାନ ସୁଯୋଗର ଗ୍ୟାରେଣ୍ଟି ଦେବା ଏହି ଯାତ୍ରାର ମୂଳ ଉଦ୍ଦେଶ୍ୟ ଥିଲା । ମାନ୍ୟବର ସାଂସଦଙ୍କ ଉପସ୍ଥିତ ଲୋକମାନଙ୍କୁ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଜନ ହିତକାରୀ ଯୋଜନା ବିଷୟରେ ଆଲୋକପାତ କରିବା ସହିତ ସମସ୍ତ ଜନସାଧାରଣଙ୍କୁ ଏହି କାର୍ଯ୍ୟକ୍ରମରେ ଦଳ ମତ ନିର୍ବିଶେଷରେ ସାମିଲ ହୋଇ ପ୍ରଧାନମନ୍ତ୍ରୀଙ୍କ ଜନହିତକାରୀ ଯୋଜନାର ବ୍ୟାପକ ପ୍ରଚାର ପ୍ରସାର ପାଇଁ ନିବେଦନ କରିଥିଲେ । ମାଇଁ ଇଣ୍ଡିଆ ବା ମୋର ଭାରତ ନାମକ ଏକ ସଂଗଠନର ସାମିଲ ହୋଇ ନୂତନ ଭାରତ ନିର୍ମାଣରେ ନିଜର ଯୋଗଦାନକୁ ସୁନିଶ୍ଚିତ କରିବା ପାଇଁ ମାନ୍ୟବର ସାଂସଦ ଅନୁରୋଧ କରିଥିଲେ । ଏଥିରେ ଶତାଧିକ ସଂଖ୍ୟାରେ ଜନସାଧାରଣ ସାମିଲ ହୋଇଛନ୍ତି । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ନିର୍ବାହୀ ଅଧିକାରୀ, ଚନ୍ଦ୍ରବିନ୍ଦୁ ଦାସ,ତାପସ ମହାନ୍ତି, ଦେବାଶିଷ ଆଚାର୍ଯ୍ୟ, ସତ୍ୟବାନ ବାରିକ, ସ୍ୱୀଟି ବାରିକ, ରମାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ନୂଆ-ଓ ଜିଲ୍ଲାସ୍ତରୀୟ ହକି ପ୍ରତିଯୋଗିତାରେ ଡି.ଏ.ଭି ପବ୍ଲିକ ସ୍କୁଲ ପି.ପି.ଏଲ୍ ବିଜୟୀ



ପାରାଦ୍ୱୀପ , ୧୯/୧ (ନି.ପ୍ର): ନୂଆ-ଓ ଅନ୍ତର୍ଗତ ଜିଲ୍ଲା ସ୍ତରୀୟ ଦିନିକିଆ ହକି ପ୍ରତିଯୋଗିତା ଡି.ଏ.ଭି ପବ୍ଲିକ ସ୍କୁଲ ପି ପି ଏଲ୍ ପରିସରରେ ଶୁକ୍ରବାର ଦିନ ଅନୁଷ୍ଠିତ ହେଇଯାଇଛି । ଜିଲ୍ଲା କ୍ରୀଡା ଅଧିକାରିଣୀ ଶ୍ରୀମତୀ ବିଶ୍ୱ ବିଜୟିନୀ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥଲେ । ତାଙ୍କର ପ୍ରେରଣା ଦାୟକ ବକ୍ତ୍ୟବ କ୍ରୀଡ଼ାବିତ ମାନଙ୍କୁ ଉତ୍ସାହିତ କରିଥିଲା । ଏହି ଉଦଘାଟନୀ ଉତ୍ସବରେ ଡି.ଏ.ଭି ପି ପି ଏଲ ସ୍କୁଲର ଅଧକ୍ଷ ଶ୍ରୀ ସଞ୍ଜୀବ କୁମାର ସାହୁ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଜିଲ୍ଲା ସ୍ତରୀୟ ମହିଳା ହକି ପ୍ରତିଯୋଗିତାରେ ପାରାଦୀପ ପୌରପାଳିକାର ତିନୋଟି ମହିଳା ହକି ଦଳ ଏବଂ ଜଗତସିଂହପୁରର ଗୋଟିଏ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଏହି ମହିଳା ହକି ପ୍ରତିଯୋଗିତାରେ ଡି.ଏ.ଭି ପି ପି ଏଲର ଏ ଦଳ ଚାମ୍ପିଅନ, ଡି ଏ ଭି ପି ପି ଏଲର ବି ଦଳ ଦ୍ୱୀତିୟ , ଡି.ଏ.ଭି ପିପିଏଲର ସି ଦଳ ତୃତୀୟ ବେଳେ ଜଗତସିଂହପୁରର ବଟ ବିହାରି ହକି ଦଳ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ । ଏହି ଖେଳକୁ ଶ୍ରୀ ସୁମିତ ଲାକ୍ରା, ବିନୟ ଖିଲାର, ସମ୍ବିତ ବିଶ୍ୱଭୂଷଣ, ଅଙ୍କିତ ବେହେରା, ସାଇ ସୂର୍ଯ୍ୟନ୍ସ, ଖିତିସ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ । ଏହି ଜିଲ୍ଲା ସ୍ତରୀୟ ମହିଳା ହକି ପ୍ରତିଯୋଗିତାଟି ଡି ଏ ଭି ପି ପି ଏଲର ମୁଖ୍ୟ କ୍ରୀଡ଼ା ଶିକ୍ଷକ ଶ୍ରୀ ଶାଶ୍ୱତ କୁମାର ଭାରତୀୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ସୁଚାରୁ ରୁପେ ଆୟୋଜିତ ହୋଇଥିଲା । ଏହି ପ୍ରତିଯୋିତାଟିକୁ ସଫଳ କରିବା ପାଇଁ ପିପିଏଲ ପାରାଦୀପ ସମ୍ପୂର୍ଣ୍ଣ ସହଯୋଗ ପ୍ରଦାନ କରିଥିଲେ ।

# ୧୧ତମ ଦିଶୁମ୍ ବୁରୁବଙ୍ଗା ଉଦ୍‌ଯାପିତ



ବଡସାହି, ୧୯/୧ (ନି.ପ୍ର): ବଡସାହି ବ୍ଲକ ଅନ୍ତର୍ଗତ ବଡସାହି ପଞ୍ଚାୟତ ଅଧିନରେ ଥିବା କେନ୍ଦୁଆସାହି ବିର୍ସାମୁଣ୍ଡା ଛକ ଠାରେ ୧୧ତମ ଦିଶୁମ୍ ବୁରୁବଙ୍ଗା ଦୁଇଦିନ ଧରି ଅନୁଷ୍ଠିତ ହୋଇ ଯାଇଛି । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ କେନ୍ଦୁଆସାହି ବୁରୁବଙ୍ଗା ପିଠରେ ଦୁିଦିନ ଧରି ଦିଶୁମ୍ ବୁରୁବଙ୍ଗା ଯଥା ରିତିନୀତିରେ ବୁରୁବଙ୍ଗା ସାସାଂକିର କମିଟି ଓ ବୁରୁବଙ୍ଗା ଯବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ମୁଣ୍ଡା ଓ ଭୂମିଜ ମାନଙ୍କର ଆରାଧ ଦେବ ବୁରୁବଙ୍ଗାଙ୍କର ପୂଜା ଅର୍ଚ୍ଚନା କରିବା ପରିପେକ୍ଷିରେ ପାହାନ ବସନ୍ତ କୁମାର ସିଂ, ପାହାନ ମହାଦେବ ସିଂ, ପାହାନ ରମେଶ୍ ଚନ୍ଦ୍ର ସିଂ, ପାହାନ ସନାତନ ସିଂ, ପାହାନ ବାଦଲ ସିଂ ପୂଜାଅର୍ଚ୍ଚନା ସମ୍ପାଦନ କରିଥିଲେ । ପୂଜାର ଉଦ୍ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାରତ ମୁଣ୍ଡା ସମାଜର ସଭାପତି ରବିନ୍ଦ୍ର ନାଥ ସିଂ, ସାଧାରଣ ସଂପାଦକ ଗୋବର୍ଦ୍ଧନ ସିଂ, ସମ୍ପାଦକ ବାଇଧର ସିଂ, ଯୁବ ସଭାପତି ସରବନ ସିଂ ଯୋଗଦାନ କରିଥିଲେ । ସେହିଭଳି ଉଦ୍‌ଯାପନି ଉତ୍ସବରେ ମୁଖ୍ୟଅତିଥି ଭାବେ ମୁଣ୍ଡାରିଭାଷା ସମନ୍ୱୟ ସମିତିର ଉପଦେଷ୍ଟା ଓ ମୁଣ୍ଡାରି ଫିଲ୍ମ ନିର୍ମାତା ବିଲକାନ୍ତ ପ୍ରଭୁଦୟାଲ ନାଗ, ସମ୍ମାନନୀୟ ଅତିଥି ଭାବେ ଯାତ୍ରାକଳାକାର ଦଶରଥ ସିଂ, ବଡସାହି ବ୍ଲକ ମୁଣ୍ଡାରିଭାଷା ସମନ୍ୱୟ ସମିତିର ଆବାହକ ବୈଦ୍ୟନାଥ ସିଂ, ଜିଲ୍ଲା ପରିଷଦ ସଦସ୍ୟ ମଧୁସୂଦନ ସିଂ, ମୁଣ୍ଡାରିଭାଷା ସମନ୍ୱୟ ସମିତିର ଜିଲ୍ଲା ସମ୍ପାଦକ ବୁଧିଆ ସିଂ, ବେତନଟୀ ବ୍ଲକ ସଭାପତି ତପନ ସିଂ, ରଥ ସିଂ, ରୁହ୍ୟା ସିଂ, ଶ୍ୟାମାଖୁଣ୍ଟା ବ୍ଲକର ସଦସ୍ୟ ତଥା ପାହାନ ସୁକଦେବ ସିଂ, ମୁଣ୍ଡାରି ଶିକ୍ଷୟିତ୍ରୀ ମୁନୁମଣି ସିଂ ଓ ଖୁଣ୍ଟା ବ୍ଲକର ମୁଣ୍ଡାରିଭାଷା ସମନ୍ୱୟ ସମିତିର ସଭାପତି ରାଙ୍ଗା ସିଂ, ସମ୍ପାଦକ ସଂଜୟ ସିଂ, ଲୋୟଦୋର ସିଂ, ଓ୍ୱାଡମେମ୍ବର ସୋମବାରି ସିଂ, ଗୀତାଞ୍ଜଳୀ ସିଂ ଆଦି ଯୋଗଦାନ କରି ଜଗତର ମଙ୍ଗଳ ଉଦ୍ଦେଶ୍ୟରେ ଠାକୁରଙ୍କ ଠାରେ ପାର୍ଥନା କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଡାହିସାହି, କଇଁଶାଳୀ, ବେଲପାଳ, ବ୍ରହ୍ମାଡଟା, ଧନାସାହି, ଛେଳିଆ, ବିରେଶ୍ୱରପୁର, ପୂର୍ଣ୍ଣଚନ୍ଦ୍ରପୁର, ରଙ୍ଗାମାଟିଆ, ବାଉଁଶବିଲା ଅଂଚଳରୁ ଅନେକ ନୃତ୍ୟଦଳ ଅଂଶଗ୍ରହଣ କରି ପାରମ୍ପାରିକ ନୃତ୍ୟ ମାଧ୍ୟମରେ ଲୋକଙ୍କୁ ଆକୃଷ୍ଟ କରିପାରିଥିଲେ ।

# ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୪ତମ ଶ୍ରୀ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଆସନ୍ତା ଜାନୁଆରୀ ୨୩ରେ



ଜଳେଶ୍ୱର , ୧୯/୧ (ନି.ପ୍ର): ଜଳେଶ୍ୱରସ୍ଥିତ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସତ୍‌ସଙ୍ଗ ବିହାରର ଉତ୍ସବ କମିଟି ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଶ୍ରୀ ଠାକୁରଙ୍କର ୧୩୬ତମ ଆବିର୍ଭାବ ତଥା ଜଳେଶ୍ୱରରେ ଶ୍ରୀମନ୍ଦିର ଓ ଶ୍ରୀ ବିଗ୍ରହ ପ୍ରତିଷ୍ଠାର ୧୪ ତମ ପ୍ରତିଷ୍ଠା ଦିବସ ପାଳନ ସଂପର୍କରେ କୁହାଯାଇଛି । ଆଶ୍ରମର ପରମପାଦ ଶ୍ରୀଶ୍ରୀ ଅର୍କଦ୍ୟୁତି ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶରେ ସମଗ୍ର ଦେଶରେ ଚଳିତ ବର୍ଷର ଉତ୍ସବ ନିଆରା ଢଙ୍ଗରେ ପାଳନ ହେବବୋଲି ଜଳେଶ୍ୱର ସତ୍‌ସଂଗ କମିଟୀର ସଂପାଦକ ପ୍ରଫେସର କେଦାରନାଥ ମହାନ୍ତି ସାମ୍ବାଦିକଙ୍କୁ ସୂଚନା ଦେଇଛନ୍ତି । ଜାତି, ବର୍ଣ୍ଣ, ଧର୍ମ, ସଂପ୍ରଦାୟ ନିର୍ବିଶେଷରେ ପ୍ରତ୍ୟେକ ଭାରତୀୟ ଏପରି ଉତ୍ସବରେ ଯୋଗଦାନ ଦେବା ଓ ମନ୍ଦିର ପରିସର ବାହାରେ ଉତ୍ସବ ପାଳନ ସଂପର୍କରେ ଆଚାର୍ଯ୍ୟାଦେବଙ୍କ ନିଷ୍ପତ୍ତି ସଂପର୍କରେ କୁହାଯାଇଛି । ଜଳେଶ୍ୱର ଉତ୍ସବକୁ ଅଧିକ ସରସ, ସୁନ୍ଦର, ତ୍ରୁଟିହୀନ ଭାବେ ପାଳନ ଲାଗି ସତ୍‌ସଂଗ କମିଟୀ ନିଷ୍ପତ୍ତି ନେଇଥିବା ସେମାନେ କହିଛନ୍ତି । ଖୋଳ, କୀର୍ତ୍ତ, ଯୋଡି ଶଂଖ, ଘଣ୍ଟା ବିଭିନ୍ନ ବାଦ୍ୟ ସହିତ ୨୩ ତାରିଖ ସକାଳେ ନଗର କୀର୍ତ୍ତନ ସହ ଡାକବଂଗଳାରୁ ଶୋଭାଯାତ୍ରା ବାହାରୀ କାଳୀମନ୍ଦିର ଦେଇ ମନ୍ଦିର ନିକଟରେ ପହଞ୍ଚିବାପରେ ଦିନ ୧୧ଟା ୪୫ରେ ସାଧାରଣ ସଭାକାର୍ଯ୍ୟ, ସଂଗିତାଞ୍ଜଳି ଇତ୍ୟାଦି ଅନୁଷ୍ଠିତ ହେଉଥିବାରୁ ଏଥିରେ ସମସ୍ତେ ଯୋଗ ଦେବାକୁ ମନ୍ଦିର କମିଟି ପକ୍ଷରୁ ନିବେଦନ କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଗଣେଶଚନ୍ଦ୍ର ଜେନା, ଶ୍ରୀମନ୍ତ ଘୋଷ, ଜଳନ୍ଧର ସାହୁ, ହରିପଦ କର, ଶରତ ଚନ୍ଦଅ ଜେନା, ଶାନ୍ତନୁ ସେନାପତି, ସୁବ୍ରତ ଘୋଷ, ଦୁର୍ଗାଶଂକର ବେହେରା, ଗୋପାଳଚନ୍ଦ୍ର ସେନାପତି, ମଳୟ କର, ବିଶ୍ୱଜିତ୍ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## କୋର୍ଟରେ ଭିସି ଜରିଆରେ ହାଜର ହେଲେ ମନୀଷ ସିସୋଦିଆ

ନୂଆଦିଲ୍ଲୀ, ୧୯/୧ (ନି.ପ୍ର): ଦିଲ୍ଲୀ ଅବକାରୀ ଘୋଟାଲା ମାମଲାର ଅଭିଯୁକ୍ତ ଓ ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ଶୁକ୍ରବାର ସିବିଆଇ ସହିତ ଜଡିତ ମାମଲାରେ ରାଉଜ ଏଭିନ୍ୟୁ କୋର୍ଟରେ ଭିସି ଜରିଆରେ ହାଜର ହୋଇଛନ୍ତି । କୋର୍ଟ ମନୀଷ ସିସୋଦିଆଙ୍କ ନ୍ୟାୟିକ ହେପାଜତକୁ ଫେବୃୟାରୀ ୫ଯାଏ ବୃଦ୍ଧି କରିଛନ୍ତି । ଭିସି ଜରିଆରେ ମନୀଷ ସିସୋଦିଆଙ୍କ ହାଜରାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ କୋର୍ଟ । କୋର୍ଟ କହିଥିଲେ ଯେ, ମନୀଷ ସିସୋଦିଆଙ୍କୁ ଫିଜିକାଲି ହାଜର ହେବାକୁ ଆଦେଶ ଦିଆଯାଇଥିଲା । ଭିସି ଜରିଆରେ ହାଜର ହେବା ନେଇ ତିହାର ଜେଲରୁ କୌଣସି ଇମେଲ ମଧ୍ୟ ଆସିନାହିଁ । ପରବର୍ତ୍ତୀ ଶୁଣାଣି ସମୟରେ ସିସୋଦିଆଙ୍କୁ ହାଜର କରିବାକୁ କୋର୍ଟ ଜେଲ ପ୍ରଶାସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ମଧୁସୂଦନ ରାଓଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯/୧ (ନି.ପ୍ର): ମଧୁସୂଦନ ରାଓଙ୍କ ସ୍ମରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଛବିଳ ମଧୁ ବର୍ଣ୍ଣବୋଧର ରଚୟିତା ତଥା ଓଡ଼ିଆ ଭାଷା ଆନ୍ଦୋଳନର ଅନ୍ୟତମ ବରେଣ୍ୟ ସାଧକ ଭକ୍ତକବି ମଧୁସୂଦନ ରାଓଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି ଜଣାଉଛି । ଓଡ଼ିଆ ଭାଷା, ସାହିତ୍ୟର ପ୍ରଚାରପ୍ରସାର ସହ ଜଣେ ଆଦର୍ଶ ଶିକ୍ଷକ, କବି ତଥା ସମାଜସଂସ୍କାରକ ଭାବେ ତାଙ୍କ ଜୀବନ ଆଦର୍ଶ ସର୍ବଦା ଅନୁକରଣୀୟ ।

# ଜିଲ୍ଲାସ୍ତରୀୟ ଦିନିକିଆ ମିନି ନିଯୁକ୍ତି ମେଳା ଆୟୋଜିତ



ଭଦ୍ରକ, ୧୯/୧ (ନି.ପ୍ର): ପୂର୍ବ ପ୍ରସ୍ତୁତି ଅନୁଯାୟୀ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଖେଳ ପଡ଼ିଆରେ ଭଦ୍ରକ ଜିଲ୍ଲା ସ୍ତରୀୟ ଦିନିକିଆ ମିନି ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ମେଳାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଂସଦ ମଞ୍ଜୁଲତା ମଣ୍ଡଳ, ଅନ୍ୟତମ ଭଦ୍ରକ ଜିଲ୍ଲାପରିଷଦର ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା ପ୍ରମୁଖ ଯୋଗଦେଇ ନିଯୁକ୍ତି ଆଶାୟୀ ମାନଙ୍କ ପାଇଁ ନିଯୁକ୍ତି ମେଳାର ଆବଶ୍ୟକତା କେତେ ଗୁରୁତ୍ୱପୂର୍ଣ୍ଣ ପ୍ରକାଶ କରିଥିଲେ । ଯୁବ ବେକାରୀମାନେ ଏହି ମେଳାରେ ଉପଲବ୍‌ଧ ସମସ୍ତ ସୁବିଧା ସୁଯୋଗକୁ ପୂର୍ଣ୍ଣ ମାତ୍ରାରେ ସଦୁପଯୋଗ କରିବାକୁ ସେମାନେ ପରାମର୍ଶ ପ୍ରଦାନ କରିଥିଲେ । ଅତିଥିମାନେ ସମସ୍ତ କାଉଣ୍ଟର ବୁଲି ଚାକିରି ପ୍ରଦାନ ବିଷୟରେ ପଚାରି ବୁଝିଥିଲେ । ସମ୍ମାନିତ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ମଧ ଏହି ନିଯୁକ୍ତି ମେଳା ପରିଦର୍ଶନ କରିଥିଲେ । କାର୍ଯ୍ୟକ୍ରମର ସଂଯୋଜକ ଜିଲ୍ଲା ନିୟୋଜନ ଅଧିକାରିଣୀ ଅନୀତା ନାୟକ ମେଳା ଆୟୋଜନର ଆଭିମୁଖ୍ୟ ଓ ମେଳାର ଯୋଗ ଦେଇଥିବା ନିୟକ୍ତି ପ୍ରଦାନକାରୀ କମ୍ପାନୀ ମାନଙ୍କ ଦ୍ୱାରା ପ୍ରଦତ୍ତ ସୁବିଧା ସୁଯୋଗ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ସୂଚନା ଯୋଗ୍ୟ ଏହି ମେଳାରେ ସମୁଦାୟ ୨୨ ଟି କମ୍ପାନୀ ନିଯୁକ୍ତି ଦାତାଭାବେ ସାମିଲ ଥିଲେ । ସମୁଦାୟ ୬୬୭ ସଂଖ୍ୟକ ନିଯୁକ୍ତି ଆଶୀୟ ଏହି ମେଳା ଜରିଆରେ ନିଯୁକ୍ତି ପାଇବା ଆଶାରେ ନାମ ପଞ୍ଜିକରଣ କରିଥିଲେ । ସେମାନଙ୍କ ମଧ୍ୟରେ ୨୧୬ ନିୟକ୍ତି ଆଶାୟୀ ପ୍ରାର୍ଥୀଙ୍କୁ ସଂପୃକ୍ତ କମ୍ପାନୀ ମାନଙ୍କ ଜରିଆରେ ସୁବିଧା ପ୍ରଦାନ ପାଇଁ ନିର୍ଦ୍ଧାରଣ କରାଯାଇ ତାଲିକା ଭୁକ୍ତ କରାଯାଇଛି ।

Railway Recruiment Board : Kolkata
Metro Railway A.V. Complex, Chitpur
R.G.Kar Road, Kolkata - 700 037.

E-mail : kolrrb@gmail.com Website : www.rrbkolkata.gov.in Phone No.6291516873

CENTRALISED EMPLOYMENT NOTICE (CEN) No.01/2024
Recruitment of Assistant Loco Pilot (ALP)

INDICATIVE NOTICE

Applications are invited from the eligible candidates for the post of Assistant Loco Pilot given in the table below. Applications must be submitted ONLY THROUGH ONLINE MODE.
Opening date of Application : 20-Jan-2024
Closing date for submission of Application : 19-Feb-2024(23:59hours)

| Name of the Post | Pay Level as per 7th CPC | Initial Pay (₹) | Medical Standard | Age as on 01.07.2024 | Total Vacancies (All RRBs) |
|---|---|---|---|---|---|
| Assistant Loco Pilot (ALP) | 2 | 19,900/- | A-1 | 18-30 years | 5696 |

For further details, please refer to the detailed Centralised Employment Notice (CEN) No.01/2024 available on the official websites of all participating RRBs listed below.

Websites of RRBs Participating in CEN No.01/2024

| | | | |
|---|---|---|---|
| Ahmedabad www.rrbahmedabad.gov.in | Ajmer www.rrbajmer.gov.in | Bengaluru www.rrbbnc.gov.in | Bhopal www.rrbbhopal.gov.in |
| Bhubaneswar www.rrbbbs.gov.in | Bilaspur www.rrbbilaspur.gov.in | Chandigarh www.rrbcdg.gov.in | Chennai www.rrbchennai.gov.in |
| Guwahati www.rrbguwahati.gov.in | Jammu – Srinagar www.rrbjammu.nic.in | Kolkata www.rrbkolkata.gov.in | Malda www.rrbmalda.gov.in |
| Mumbai www.rrbmumbai.gov.in | Muzaffarpur www.rrbmuzaffarpur.gov.in | Patna www.rrbpatna.gov.in | Prayagraj www.rrbald.gov.in |
| Ranchi www.rrbranchi.gov.in | Secunderabad www.rrbsecunderabad.gov.in | Siliguri www.rrbsiliguri.gov.in | Thiruvananthapuram www.rrbthiruvananthapuram.gov.in |
| Gorakhpur www.rrbgkp.gov.in | -------- | -------- | --------- |

This notification is purely indicative in nature. For full details, the applicants are adised to go through the detailed CEN No.01/2024 thoroughly before filling up the ONLINE application. Any Corrigendum/addendum/Important Notice related to the aforesaid recruitment shall be issued time to time on the above websites of RRBs only.

No.RRB/KOL/Advt./CEN 01/2024 (ALP)
Date : 20.01.2024

Chairman
Railway Recruitment Board/Kolkata

BEWARE OF TOUTS, BROKERS AND JOB RACKETEERS

# କଷାଫଳ ଭଗବାନ ଚନ୍ଦ୍ର ହାଇସ୍କୁଲରେ ସାହିତ୍ୟ ପ୍ରତିଯୋଗିତା




ଲଙ୍ଗଳେଶ୍ୱର, ୧୯/୧ (ନି.ପ୍ର): କଷାଫଳ ସ୍ଥିତ ଭଗବାନ ଚନ୍ଦ୍ର ସରକାରୀ ହାଇ ସ୍କୁଲରେ ଶୁକ୍ରବାର ନବୀନ ଓଡ଼ିଶା ଆମ ଓଡ଼ିଶା କାର୍ଯ୍ୟକ୍ରମ ଅନୁଯାୟୀ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନ ଶିକ୍ଷକ ଭୀମ ଚରଣ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମଧୁସୂଦନ ମାଝୀ ମୁଖ୍ୟ ଅତିଥି, ଶଚିନ୍ଦ୍ର କୁମାର ପୃଷ୍ଟି ମୁଖ୍ୟ ବକ୍ତା ,ସମ୍ମାନିତ ଅତିଥି ଭାବରେ ଗୌର ମୋହନ ମଣ୍ଡଳ, ସାମ୍ବାଦିକା ପ୍ରତିମା ଜେନା, ସଞ୍ଜୟ କୁମାର ପାତ୍ର, ଜୟନ୍ତୀ ପାତ୍ର, ଝରଣା ପାତ୍ର ପ୍ରମୁଖ ଯୋଗ ଦେଇ ଉଦବୋଧନ ପ୍ରଦାନ କରିଥିଲେ । ନିରଞ୍ଜନ ପାତ୍ର ଏହାକୁ ପରିଚାଳନା କରିଥିବା ବେଳେ ନନୀ ମାଝୀ, ନିରଞ୍ଜନ ମାଝୀ, ଗୋପାଳ ଦାସ, ଘନଶ୍ୟାମ ମାର୍ଣ୍ଡି, ମିତା ରାଣୀ ଦାସ, ମାନସୀ ମହାପାତ୍ର, ଅମର ଦାସ ,ସଞ୍ଜୟ ମଣ୍ଡଳ ,ଝୁନା ରାଣୀ ମାଝୀ,କହ୍ନେଇ ଖଟୁଆ ,ଖଗେନ୍ଦ୍ର ପାତ୍ର, ସୁଶାନ୍ତ ସାହୁ, ବିଶ୍ୱଜିତ ସିଂ, ପ୍ରଦୀପ କୁମାର କହ୍ନା ପ୍ରମୁଖ ଏଥିରେ ସହଯୋଗ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo